R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୭୫
ତିଥି : ଦଶମୀ
୧୦ ଜୁଲାଇ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA
# ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 275
10 July 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଓଡ଼ିଶା ମାଟିରୁ ନୀଳ ବିପ୍ଳବର ନୂଆ ଅଧ୍ୟାୟ

ଭୁବନେଶ୍ୱର, ୦୯ ।୭ (ସବ୍ୟୁ) : ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ 'ନୀଳ ଅର୍ଥ ବ୍ୟବସ୍ଥା' ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ରାଜଧାନୀ ଭୁବନେଶ୍ୱରସ୍ଥିତ ଓଡ଼ିଶା ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମୁକ୍ତ ସାଗରରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଉତ୍ପାଦନ ଲାଗି ଉଦ୍ଦିଷ୍ଟ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ରର ଜାତୀୟ ଶୁଭାରମ୍ଭ କରିଛନ୍ତି।

- ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଆରମ୍ଭ
- ଜାହାଜ ଲାଗି ଏଲ୍ଓଏ ବାଧ୍ୟତାମୂଳକ
- ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ରପ୍ତାନୀ ନୂଆ ଶିଖର ଛୁଇଁବ : ଉପରାଷ୍ଟ୍ରପତି
- ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ସ୍ୱଚ୍ଛତା ଆସିବ
- ନୀଳ ଅର୍ଥନୀତିରେ ସମୃଦ୍ଧ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ଭବ୍ୟ ଜାତୀୟସ୍ତରର କାର୍ଯ୍ୟକ୍ରମରେ

ସୂଚନାଯୋଗ୍ୟ ଯେ, ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୭୩, ୮୯୦ କୋଟି ଟଙ୍କାର



ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରି ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ମାଛଧରା କାର୍ଯ୍ୟ ଉପକୂଳର ୪୦-୫୦ ନଟିକାଲ ମାଇଲ ମଧ୍ୟରେ ସୀମିତ ଥିବାବେଳେ ଗଭୀର ସମୁଦ୍ରର ଅନ୍ତର୍ଜାତୀୟ ଜଳସୀମାରେ ଟୁନା ଭଳି ଉଚ୍ଚ-ମୂଲ୍ୟର ମାଛ ଧରିବା ପାଇଁ ଏହି ନୂତନ ନୀତି ବିରାଟ ସୁଯୋଗ ଆଣିଦେବ ଏବଂ ଖାଦ୍ୟ ସୁରକ୍ଷା ଓ ପୋଷଣ କ୍ଷେତ୍ରକୁ ସୁଦୃଢ଼ କରିବ।

ଏହି ପବିତ୍ର ଅବସରରେ ଉପରାଷ୍ଟ୍ରପତି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଡକୁମେଣ୍ଟ (୨୦୨୬-୨୦୩୬)'କୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ ସମେତ ବିଭିନ୍ନ ପ୍ରମୁଖ ମତ୍ସ୍ୟ ସମବାୟ ସମିତି ଏବଂ ମାଛଧରା ଜାହାଜର ମାଲିକମାନଙ୍କୁ ସ୍ୱତନ୍ତ୍ର (୯ ପୃଷ୍ଠାରେ)

# ଇରାନ-ଆମେରିକା ଯୁଦ୍ଧ ଜୋର୍‌ଦାର

ନୂଆଦିଲ୍ଲୀ, ୯।୭ : ଇରାନ ଉପରେ ଆମେରିକା ଜୋରଦାର ଆକ୍ରମଣ କରିଛି। ଇରାନ ମଧ୍ୟ ଏହାର କଡ଼ା ଜବାବ ଦେଇଛି। ହରମୁଜ ପ୍ରଣାଳୀରେ ପୁଣି ଉତ୍ତେଜନା ଦେଖାଦେଇଛି। ଇରାନ ତା'ର ପୂର୍ବତନ ସୁପ୍ରିମ ଲିଡର ଆଓ୍ୱାତୁଲ୍ଲା ଅଲ୍ଲୀ ଖାମନେଇଙ୍କ ଅନ୍ତିମ ସଂସ୍କାର ଶେଷ ହୋଇଛି। ମାତ୍ର ଏହି କାର୍ଯ୍ୟକ୍ରମ ତାଙ୍କ ପୁଅ ତଥା ଇରାନର ସୁପ୍ରିମ ମୋଜତବା ଖାମନେଇ ଅନୁପସ୍ଥିତ ଅଛନ୍ତି। ଯୁଦ୍ଧର ଘମାଘୋଟ ମଧ୍ୟରେ ଅନ୍ତିମ ସଂସ୍କାର କାର୍ଯ୍ୟ ଶେଷ ହୋଇଛି।

ଆମେରିକା ଆଜି ଇରାନର ବହୁ ସ୍ଥାନରେ ଆକ୍ରମଣ କରିଛି। ପ୍ରାୟ ୮୦ଟି ସାମରିକ ସ୍ଥଳୀ ଉପରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଏହାର ଜବାବରେ କୁଏତ ଏବଂ ବାହାରିନରେ ଆମେରିକାର ୮୫ ସେନାଘାଟି ଉପରେ ଡ୍ରୋନ୍ ମାଡ଼ କରିଛି। ଦୁଇ ଦେଶ ଏଭଳି ମୁହାଁମୁହିଁ ହେବା ଫଳରେ ହରମୁଜ ପ୍ରଣାଳୀ ଉପରେ ବିପଦ ବଢ଼ିଛି। ଏହି ସଦ୍ୟତମ ଲଢ଼େଇରେ ୧୪ ଜଣଙ୍କର ପ୍ରାଣହାନୀ ହୋଇଥିଲାବେଳେ ୭୮ ଜଣ ଆହତ ହୋଇଥିବା ଇରାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କୁଏତ ଓ କତାର ଏବଂ ବାହାରିନରେ ବିଭିନ୍ନ ସ୍ଥଳକୁ ଟାର୍ଗେଟ କରାଯାଇଛି। ଆମେରିକା ସେନା ଇରାନ ୯୦ ସାମରିକ ଘାଟିକୁ ଟାର୍ଗେଟ୍

- ଇରାନର ୮୦ ସାମରିକ ଘାଟି ଉପରେ ଆକ୍ରମଣ
- ଆମେରିକାର ୮୫ ସେନାଘାଟିକୁ ଟାର୍ଗେଟ୍
- ଆକ୍ରମଣରେ ଇରାନର ୧୪ ମୃତ, ୭୮ ଆହତ

କରିଛି। ଇରାନ ମଧ୍ୟ ୧୦ ବାଲାଷ୍ଟିକ ମିସାଇଲ ଜୋର୍ଡାନ୍‌ର ଆଜ୍ରକ ସାମରିକ ଘାଟି ଉପରେ ଆକ୍ରମଣ କରିଛି। ତେବେ ସେଠାରେ କୌଣସି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ଇରାନର ଅଧିକାରୀମାନେ (୯ ପୃଷ୍ଠାରେ)

## ଅ-ତିଥିରେ ରଥଯାତ୍ରା

# ଗଜପତିଙ୍କ ଅନୁରୋଧକୁ ଇସ୍କନର ପ୍ରତ୍ୟାଖ୍ୟାନ

ଭୁବନେଶ୍ୱର, ୦୯ ।୭ (ସବ୍ୟୁ): ଇଣ୍ଟରନ୍ୟାସନାଲ୍ ସୋସାଇଟି ଫର୍ ଶ୍ରୀକୃଷ୍ଣ କନସିଅସେନସ୍ (ଇସ୍କନ୍)ର ଅ-ତିଥିରେ ରଥଯାତ୍ରା ଓ ପ୍ରଭୁଜଗନ୍ନାଥଙ୍କ ଯାନିଯାତ୍ରା ପାଳନକୁ ନେଇ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଗଜପତି ମହାରାଜ ଓ ଓଡ଼ିଶା ସରକାର ମଧ୍ୟ ଅସନ୍ତୋଷ ପ୍ରକଟ କରିଛନ୍ତି । ନିର୍ଦ୍ଧାରିତ ତିଥିରେ ସ୍ନାନଯାତ୍ରା, ଗୁଣ୍ଡିଚା, ବାହୁଡ଼ା ଆଦି ପାଳନ କରିବାକୁ ଇସ୍କନକୁ ବାରମ୍ବାର ଅନୁରୋଧ କରାଯାଇଛି । ଶେଷରେ ପୁରୀ ଗଜପତି ଏହି ମର୍ମରେ ଲେଖିଥିବା ଚିଠିର ପ୍ରତ୍ୟୁତ୍ତର ଇସ୍କନ୍ ଦେଇଛି । ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରୀତିନୀତି ଅନୁସାରେ ବିଦେଶରେ ଯାନିଯାତ୍ରା ଆଦି ପାଳିତ ହୋଇପାରିବ ନାହିଁ ବୋଲି ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଛି ଇସ୍କନ ।


ଗଜପତି ମହାରାଜ ଦିବ୍ୟସିଂହ ଦେବ ଚିଠିଦ୍ୱାରା କରିଥିବା ଅନୁରୋଧକୁ ପଶ୍ଚିମବଙ୍ଗ କୋଲକାତାସ୍ଥିତ ମାୟାପୁରର ଇସ୍କନ ଗଭର୍ଣ୍ଣିଂ ବଡି କମିଶନ୍ (ଜିବିସି) ଅଧ୍ୟକ୍ଷ ମଧୁସେବିତା ଦାସ ପ୍ରତ୍ୟାଖ୍ୟାନ କରିଛନ୍ତି । ଗଜପତି ମହାରାଜଙ୍କୁ ଚିଠିରେ ଉଲ୍ଲେଖ କରିଛନ୍ତି, ଏଣିକି ଏ ବିଷୟରେ କିଛି ବି କହିବୁ ନାହିଁ। ତେଣୁ ଆମେ ଏ ଆଲୋଚନାକୁ ସର୍ବଦା ପାଇଁ ସମ୍ମାନର ସହ ଶେଷ କରୁଛୁ ।

ପ୍ରଥମତଃ ମୂଳପୀଠର ବିଧି, ପରମ୍ପରା, ଶାସ୍ତ୍ର ନିର୍ଦ୍ଦେଶକୁ ଜଳାଞ୍ଜଳି ଦେଇ ଇସ୍କନ୍ ବିଦେଶରେ ମନଇଚ୍ଛା ନିଜ ସୁବିଧାରେ ରଥଯାତ୍ରା ଆୟୋଜନ କଲା । ବିଦେଶରେ ରହୁଥିବା ଓଡ଼ିଆ ଓ ଭାରତୀୟ ଜଗନ୍ନାଥପ୍ରେମୀ, ସମଗ୍ର ବିଶ୍ୱରେ ଥିବା କୋଟିକୋଟି ଭକ୍ତଙ୍କ ଭାବାବେଗ ସହ ଖେଳୁଥିବାରୁ ହିଁ ଏହି ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ସମଗ୍ର ବିଶ୍ୱରେ ଭକ୍ତମାନେ ସ୍ୱର ଉଠାଉଛନ୍ତି । ତଥାପି ନିଜର ଜିଦରେ ଅଟଳ ରହି ଅଶାସ୍ତ୍ରୀୟ ପରମ୍ପରାକୁ ବାରମ୍ବାର ଦୋହରାଇ ଚାଲିଛି । ପୁଣି ଏହି ଆଲୋଚନାକୁ ଏଇଠି ବନ୍ଦ କରିବାକୁ ଚିଠିରେ (୯ ପୃଷ୍ଠାରେ)

## ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୨୦ ବୁଝାମଣା

# ଭାରତକୁ ୟୁରାନିୟମ୍ ରପ୍ତାନୀ କରିବ ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି) : ଅଷ୍ଟ୍ରେଲିଆ ସହ ଭାରତର ପ୍ରତିରକ୍ଷା, ସୁରକ୍ଷା ୨୦ଟି ପ୍ରସଙ୍ଗରେ ବୁଝାମଣା ସ୍ୱାକ୍ଷର ହୋଇଛି। ଉଭୟ ଦେଶ ମଧ୍ୟରେ ୧୮ଟି ପ୍ରସଙ୍ଗରେ ମିଳିତ ଚୁକ୍ତିନାମାରେ ସହମତି ପ୍ରକାଶ ପାଇଛି। ବିଶେଷକରି ସାମୁଦ୍ରିକ ସୁରକ୍ଷା, ସହଯୋଗ ଓ ଭାରତ, ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଶାନ୍ତିକୁ ବଜାଏ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦୀ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜଙ୍କ ଆଲୋଚନା ପରେ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହାଛଡା ଅଷ୍ଟ୍ରେଲିଆ ଭାରତକୁ ୟୁରାନିୟମ୍ ରପ୍ତାନୀ କରିବ ବୋଲି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ୟୁରାନିୟମ୍‌ଗୁଡ଼ିକ ଆଣବିକ ଶକ୍ତି ଶିଳ୍ପରେ ବିନିଯୋଗ ହେବ। ଅଷ୍ଟ୍ରେଲିଆରେ ସମଗ୍ର ବିଶ୍ୱର ଅଧିକ ୟୁରାନିୟମ୍ ସଂରକ୍ଷିତ ରହିଛି। ପ୍ରାୟ ୨୮% (୯ ପୃଷ୍ଠାରେ)

# ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ଜୀବନ ଗଲା

ରେଢ଼ାଖୋଲ, ୦୯ ।୭ (ସବ୍ୟୁ): ସମ୍ବଲପୁର ଜିଲ୍ଲାର ଚାରମାଳ ଥାନା ବଂଶାଜାଲ ପଞ୍ଚାୟତ ବଡ ହିଣ୍ଡୋଳ ଗାଁ ରେ ଦୁଇ ଜଣ ନାବାଳକ ସ୍କୁଲ ଛାତ୍ର ପୋଖରୀରେ ବୁଡି ମୃତ୍ୟୁବରଣ କରଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ପ୍ରତିଦିନ ଭଳି ସକାଳୁ ବଡ ହିଣ୍ଡୋଳ ସ୍କୁଲକୁ ଅଧି ମୁଣ୍ଡାଙ୍କ ପୁଅ ସିଦ୍ଧାନ୍ତ ମୁଣ୍ଡା ( ୭)ଓ ଶ୍ରୀକାନ୍ତ ମୁଣ୍ଡାଙ୍କ ପୁଅ କୁମାର ମୁଣ୍ଡା (୬) ପଢ଼ିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ ।


ପ୍ରକାଶ ଯେ ସବୁଦିନ ପରି ଗାଁ ରେ ଥିବା ସ୍କୁଲରୁ ପାଠ ପଢ଼ିସାରି ଘରକୁ ଫେରିଥିଲେ ଉଭୟ ନାବାଳକ। ଘରେ ବହି ଖାତା ବ୍ୟାଗ ରଖି ଘରେ ନ ଜଣାଇ ବିଦ୍ୟାଳୟ ପାଖରେ ନୂତନ ଭାବରେ ନିର୍ମିତ ହୋଇଥିବା ପୋଖରୀ ପାଖକୁ ଗାଧୋଇବା ପାଇଁ ଯାଇଥିଲେ । ପୋଖରୀରେ ଅଧିକ ପାଣି ଓ ଗଡାଣିଆ ଥିବା ଯୋଗୁଁ ଦୁଇ ନାବାଳକ ଖସିଯାଇଥିବେ ବୋଲି ଅନୁମାନ କରାଯାଉଛି । ଉଭୟଙ୍କ ପରିବାର ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ସବୁଦିନେ ସେମାନେ ସକାଳୁ କାମକୁ ବାହାରି ଯାଇ ସନ୍ଧ୍ୟାରେ ଘରକୁ ଫେରିଆସନ୍ତି । ଗତ କାଲି ସଂଧ୍ୟାରେ ଘରକୁ ଆସିଲା ପରେ ପୁଅ ନ ପାଇ ଚାରିଆଡ଼େ ଖୋଜା ଖୋଜି ଜାରି ରଖିଥିଲେ । ଗୁରୁବାର ସକାଳେ ପାଖରେ ଥିବା ଏକ ପୋଖରୀ ଭିତରେ ଖୋଜା ଖୋଜି କରୁଥିଲା (୯ ପୃଷ୍ଠାରେ)

## ପଞ୍ଚାୟତ ନିର୍ବାଚନ ପସ୍ତୁତି

# ୨୧ରେ ବୈଠକ ଡାକିଲେ ନିର୍ବାଚନ କମିଶନ

ଭୁବନେଶ୍ୱର, ୯।୭ (ସବ୍ୟୁ) : ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ କମିଶନ ଆସନ୍ତା ୨୧ ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି । ଓସ୍ୱାନ ପ୍ଲାଟ୍‌ଫର୍ମରେ ଏହି ବୈଠକ ହେବ। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସାମିଲ ହେବାପାଇଁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଛି। ଘରଘର ବୁଲି ହୋଇଥିବା ସର୍ଭେ ଉପରେ ସମୀକ୍ଷା ହେବା ସହ ବିନିଯୋଗ ପ୍ରମାଣପତ୍ର ଉପରେ ମଧ୍ୟ ଆଲୋଚନା କରାଯିବ । ୨୦୨୭ରେ ପଞ୍ଚାୟତ ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ଶେଷ ହେଉଛି। ଏହା ପୂର୍ବରୁ ନିର୍ବାଚନ କରିବା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି । ଏଥିଲାଗି ବୈଠକ ଡକାଯାଇଛି ।

ବୈଠକ ପୂର୍ବରୁ ମଧ୍ୟ ଗାଁଗାଁକୁ ଫୋକସ କରି ସରକାର ଯୋଜନା ଆରମ୍ଭ କରିଛନ୍ତି। ୫ ବର୍ଷରେ ୧୨,୪୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ସେତୁବନ୍ଧ ଯୋଜନା ଓ ବ୍ରିଜ୍ କମ୍ ୱ୍ୱଅର ଯୋଜନା ପାଇଁ ମାର୍ଗଦର୍ଶିକ ଜାରି ହୋଇଛି । ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଧାର, ସଡ଼କ ଯୋଗାଯୋଗ ଓ ଚାଷୀଙ୍କ ପାଇଁ ଜଳ ସଂରକ୍ଷଣ ନିମନ୍ତେ ୨୦୨୬-୨୭ରୁ ୨୦୩୦-୩୧ ମଧ୍ୟରେ ୧୨,୪୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳ ସଡ଼କ ଯୋଗାଯୋଗ ସୁଧାର ଆଣିବା ଲକ୍ଷ୍ୟରେ ପୂର୍ବରୁ ବିଜୁ ସେତୁ ଯୋଜନାରେ (୯ ପୃଷ୍ଠାରେ)





## ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ

# ହୀରାକୁଦର ୧୦ ଗେଟ୍ ଖୋଲିଲା

ସମ୍ବଲପୁର, ୦୯ ।୭ (ସବ୍ୟୁ): ହୀରାକୁଦ ଡ୍ୟାମରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଆଜି ଛଡାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଗେଟ୍ ଖୋଲା ଯାଇଛି । ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୧ଟାରେ ପ୍ରଥମେ ୭ନମ୍ବର ଗେଟ୍‌କୁ କ୍ରେନ୍ ଯୋଗେ ଖୋଲା ଯାଇଥିଲା । ଏହାପରେ ପର୍ଯ୍ୟାୟକ୍ରମେ ୧୦ଟି ଗେଟ୍ ଖୋଲା ଯାଇଛି ।

ଏହି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି । ଡ୍ୟାମର ବାମପଟୁ ୭ଟି ଓ ଡାହାଣ ପଟୁ ୩ଟି ଗେଟ୍ ଖୋଲା ରହିଛି । ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୫.୨୧ଫୁଟ୍ ରହିଛି । ଡ୍ୟାମ ମଧ୍ୟକୁ ପ୍ରତି ସେକେଣ୍ଡରେ ୯୩ହଜାର ୬୬୫ଘନଫୁଟ୍



ଜଳ ପ୍ରବେଶ କରୁଛି । ଅନ୍ୟପଟେ ୧ଲକ୍ଷ ୮୧ହଜାର ୮୬୭ଘନଫୁଟ୍ ଜଳ ପ୍ରତି ସେକେଣ୍ଡରେ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ୧ଲକ୍ଷ ୫୨ହଜାର ୮୫୦ ଘନଫୁଟ ସ୍ପିଲ୍‌ୱେ, ୨୫ହଜାର ୪୪୦ ଘନଫୁଟ ପାୱାର ଚେନାଲ, ୩ହଜାର୩୩୦ ଘନଫୁଟ କେନାଲ ଓ ୨୪୭ ଘନଫୁଟ୍ ଜଳ କଳକାରଖାନାକୁ ପ୍ରବାହିତ ହେଉଛି ।

ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ନଦୀବନ୍ଧର ଜଳସ୍ତର ଦ୍ରୁତ ବେଗରେ ବୃଦ୍ଧି ପାଉଛି । ଗତ ୨ଦିନ ମଧ୍ୟରେ ଡ୍ୟାମର ଜଳସ୍ତର ପ୍ରାୟ ୯ଫୁଟ୍ ବୃଦ୍ଧି ପାଇଥିଲା । ଏହାକୁ ଦୃଷ୍ଟିରେ ରଖି ଆଜି ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା । ତେବେ ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୧.୧୧ମିମି ଓ ତଳମୁଣ୍ଡରେ ୦.୪୪ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ହୀରାକୁଦ ଡ୍ୟାମର ଗେଟ୍ ଖୋଲା ଥିବାବେଳେ ତଳମୁଣ୍ଡରେ ବିଭିନ୍ନ ସ୍ଥାନରେ ଜଳସ୍ତର ପ୍ରତି ନଜର ରଖାଯାଇଛି । ତେବେ ମୁଖ୍ୟ ନଦୀ ସହ ଶାଖା ନଦୀ ଗୁଡିକର ଶଯ୍ୟା ଖାଲି ପଡିଛି । ତେଣୁ ଏହି ନିଷ୍କାସିତ ଜଳ ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିବାର କୌଣସି ଆଶଙ୍କା ନାହିଁ । କର୍ଭରୁଲ ନିୟମ ମୁତାବକ ଆସନ୍ତା ୩୧ତାରିଖ ସୁଦ୍ଧା ଜଳସ୍ତର ୬୦୭ଫୁଟକୁ ଖସାଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

ହୀରାକୁଦରୁ ନିଷ୍କାସିତ ବନ୍ୟା ଜଳ ମୁଣ୍ଡଳିରେ ପହଞ୍ଚିବାକୁ (୯ ପୃଷ୍ଠାରେ)

## ପଣସମଞ୍ଜିରୁ କଫି

କେରଳର ଜାମି ସାଜି ନାମକ ଜଣେ ମହିଳା ପଣସ ମଞ୍ଜିରୁ କ୍ୟାଫିନ୍-ଫ୍ରି କଫି ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି । ଯାହା ଦ୍ୱାରା ସେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ଶତାଧିକ



ଚାଷୀଙ୍କ ପାଇଁ ରୋଜଗାରର ଏକ ନୂଆ ମାଧ୍ୟମ ସୃଷ୍ଟି କରିପାରିଛନ୍ତି । ସାଧାରଣତଃ ପଣସର ରସାଳ ଅଂଶ ଖାଇବା ପରେ ଏହାର ମଞ୍ଜିକୁ ସମସ୍ତେ ବ୍ୟବହାର କରନ୍ତି ନାହିଁ । ଜାମି ସେହି ମଞ୍ଜିଗୁଡ଼ିକୁ ସଂଗ୍ରହ କରି ପ୍ରୋସେସ୍ ଓ ରୋଷ୍ଟ କରିବା ପରେ କଫି ଭଳି ସ୍ୱାଦଯୁକ୍ତ ଏକ କ୍ୟାଫିନ୍-ଫ୍ରି ପାନୀୟ ପ୍ରସ୍ତୁତ କରିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଘରେ ହିଁ ମଞ୍ଜି ଶୁଖାଇ ଓ ରୋଷ୍ଟ କରି ଛୋଟ ଛୋଟ ପ୍ୟାକେଟ୍ ବିକ୍ରି କରିବା ଆରମ୍ଭ କରିଥିଲେ । ଯାହାକୁ ସୋସିଆଲ ମିଡିଆରେ ଲୋକଙ୍କର ବହୁତ ଭଲ ପ୍ରତିକ୍ରିୟା ମିଳିଲା ଏବଂ ଧୀରେ ଧୀରେ ସାରା ଭାରତରୁ ଏହାର ଅର୍ଡର ଆସିବାକୁ ଲାଗିଲା । ଯାହା ଫଳରେ ଆଜି ତାଙ୍କର ଏହି ବ୍ୟବସାୟ କୋଟି କୋଟି ଟଙ୍କାର ଟର୍ଣ୍ଣଓଭରରେ ପହଞ୍ଚି ସାରିଛି । ଦକ୍ଷିଣ ଭାରତ ସହିତ ଏବେ ଉତ୍ତର ଭାରତରେ ମଧ୍ୟ ଏହି କଫିର ଅନଲାଇନ୍ ଚାହିଦା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଅନେକ କ୍ୟାଫେ ତଥା ଅର୍ଗାନିକ୍ ଷ୍ଟୋର୍ସ ଏହାକୁ ନିଜ ମେନ୍ୟୁରେ ସାମିଲ କରିସାରିଛନ୍ତି ।

## କୋଳାହଳ ପାଇଁ କରିଥାଏ ଆତ୍ମହତ୍ୟା


ପୃଥିବୀର ସବୁଠାରୁ ସମ୍ବେଦନଶୀଳ ପ୍ରାଣୀମାନଙ୍କ ମଧ୍ୟରେ ଗଣାଯାଉଥିବା 'ଫିଲିପାଇନ୍ସ ଟାର୍ସିୟର'କୁ ନେଇ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ଯେଉଁଠି ଅଧିକ ଶବ୍ଦ କିମ୍ବା କୋଳାହଳ ହେଲେ ଏହି ଜୀବଟି ଆତ୍ମହତ୍ୟା କରିଦେଇଥାଏ । ଗଛରେ ରହୁଥିବା ଏହି ଛୋଟ ପ୍ରାଣୀଟିର ଓଜନ ମାତ୍ର ୧୦୦ ରୁ ୧୫୦ ଗ୍ରାମ ହୋଇଥିବା ବେଳେ ଏହାର ଆଖିଗୁଡ଼ିକ ମୁଣ୍ଡ ତୁଳନାରେ ଖୁବ୍ ବଡ଼ ହୋଇଥାଏ । ଏହା ରାତିରେ ସକ୍ରିୟ ରହି ଅନ୍ଧାରରେ ସହଜରେ ଶିକାର କରିଥାଏ । ଏହାର ସ୍ନାୟୁ ପ୍ରଣାଳୀ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଉଚ୍ଚ ଶବ୍ଦ, କ୍ୟାମେରାର ତୀବ୍ର ଆଲୋକ କିମ୍ବା ବାରମ୍ବାର ଛୁଇଁବା ଦ୍ୱାରା ଏହା ଗଭୀର ମାନସିକ ଚାପର ଶିକାର ହୋଇଥାଏ । ଯାହାଫଳରେ ଏହା ଖାଇବା ପିଇବା ଛାଡ଼ିଦିଏ କିମ୍ବା ଭୟରେ ନିଜକୁ ଆଘାତ ପହଞ୍ଚାଇ ମୃତ୍ୟୁମୁଖରେ ପଡ଼ିଥାଏ । ଏହି କାରଣରୁ ଟାର୍ସିୟର ସଂରକ୍ଷଣ କେନ୍ଦ୍ର ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟଗୁଡ଼ିକରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ସମ୍ପୂର୍ଣ୍ଣ ଶାନ୍ତ ରହିବାକୁ କଠୋର ନିୟମ ଓ ନିର୍ଦ୍ଦେଶାବଳୀ ଜାରି କରାଯାଇଛି ।



## ଇତିହାସ

୧୨୪୬- ନାସିରୁଦ୍ଦିନ ମହମ୍ମଦ ଶାହା ଦିଲ୍ଲୀର ଶାସନଭାର ନେଲେ ।
୧୮୪୮- ନ୍ୟୁୟର୍କ ଏବଂ ଚିକାଗୋ ମଧ୍ୟରେ ପ୍ରଥମ ଟେଲିଗ୍ରାଫ୍ ଲିଙ୍କ୍ ଆରମ୍ଭ ।
୧୯୪୯- କ୍ରିକେଟର ସୁନୀଲ ଗାଭାସ୍କରଙ୍କ ଜନ୍ମ ।
୧୯୬୫- ଗ୍ୱାଲିୟରରେ ମହିଳାଙ୍କ ପାଇଁ ପ୍ରଥମ ଏନ୍‌ସିସି କଲେଜ ଶୁଭାରମ୍ଭ ।
୧୯୬୬- ନାସିକ୍‌ରେ ବାୟୁସେନାର ଯୁଦ୍ଧବିମାନ ମିଗ୍‌ର ନିର୍ମାଣକାର୍ଯ୍ୟ ଆରମ୍ଭ ।
୧୯୮୬- ଲର୍ଡ୍ସ ଟେଷ୍ଟମ୍ୟାଚ୍‌ରେ ଇଂଲଣ୍ଡକୁ ହରାଇ ଭାରତର ପ୍ରଥମ ବିଜୟ ।
୨୦୦୩- ନାସାର ମଙ୍ଗଳାୟାନ ରୋଭର୍ ଲଞ୍ଚ୍ ।
୨୦୦୫- ଶିକ୍ଷା ଓ ସାମୁଦାୟିକ ବିକାଶ କ୍ଷେତ୍ରରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ବୁଝାମଣା ସ୍ୱାକ୍ଷର ।
୨୦୦୮- ଏକୀକୃତ ସ୍ପେସ୍ ସେଲ୍‌ର ଘୋଷଣା ।
୨୦୦୮- ଭାରତୀୟ ମୂଳ ବ୍ରିଟିଶ ଲେଖକ ସଲମାନ ରୁଷଦୀଙ୍କୁ ବେଷ୍ଟ ଅଫ୍ ବୁକର୍ ପୁରସ୍କାର ।
୨୦୦୮- ଲଗେ ରହୋ ମୁନା ଭାଇକୁ ସର୍ବଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ପୁରସ୍କାର ।

## ସୋସିଆଲ କୋଟ୍ସ



ଇନ୍‌ଷ୍ଟାଗ୍ରାମ ଓ ଡେଟିଂ ଆପ କାରଣରୁ ହିଁ ଏତେ ସାରା ଘଟଣା ହେଉଛି । ବର୍ତ୍ତମାନର ଯୁବପିଢ଼ିଙ୍କ ଲାଇଫ ଷ୍ଟାଇଲ ମଧ୍ୟ ଏଭଳି ଘଟଣା ପାଇଁ ଦାୟୀ ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ସବୁବେଳେ ଖରାପ କାମର ଆଲୋଚନା ହେବା ଦରକାର । ଅଯୋଧ୍ୟାରେ ହୋଇଥିବା ଘଟଣା ଶ୍ରଦ୍ଧାଳୁଙ୍କ ଆସ୍ଥା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ।

**ଅନୁପମ ଖେର, ଅଭିନେତା**



ଜୀବନରେ ସଫଳତାର ଅନେକ ମହତ୍ୱ ରହିଛି । ହେଲେ ସଫଳତା ସହିତ ଅନେକ ଏଭଳି ସମ୍ପର୍କ ରହିଛି ଯାହା ପଛରେ ରହିଯାଏ ।

**ଇନ୍ଦ୍ରଜିତ ଲଙ୍କେଶ, ଫିଲ୍ମ ମେକର**

## ନିଆରା ରୁଟି



ବାଂଲାଦେଶର ପାରମ୍ପରିକ 'ବରୁନ୍ ରୁଟି' ସବୁବେଳେ ଚର୍ଚ୍ଚାର ବିଷୟ ପାଲଟିଥାଏ । ଏହି ରୁଟି ସାଧାରଣ ରୁଟି ଠାରୁ ଖୁବ ଭିନ୍ନ ହୋଇଥାଏ ତେଣୁ ଏହାକୁ ନିଆରା ରୁଟିର ଆଖ୍ୟା ଦିଆଯାଇଥାଏ । ଏହି ରୁଟିକୁ ଏକ ସଫା ଝାଡୁ ସାହାଯ୍ୟରେ ପ୍ରସ୍ତୁତ କରାଯାଇଥାଏ । ଏହି ସ୍ୱତନ୍ତ୍ର ରୁଟି ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଅଟାକୁ ଭଲ ଭାବରେ ଚକଟି ଅତ୍ୟନ୍ତ ପତଳା ଭାବେ ବେଲାଯାଏ । ତା'ପରେ ଏକ ସଫା ଝାଡୁ ସାହାଯ୍ୟରେ ଏହାକୁ ତାୱା ଉପରେ ଚାରିଆଡ଼େ ବୁଲାଇ ବିଛାଇ ଦିଆଯାଏ । ଯାହାଫଳରେ ରୁଟିଟି ନଫାଟି ଖୁବ୍ ବଡ଼ ଏବଂ କାଗଜ ଭଳି ପତଳା ହୋଇଥାଏ । ତାୱାରେ ପଡ଼ିବା ମାତ୍ରେ ଏହା ଏକ ବେଲୁନ୍ ଭଳି ଫୁଲି ଉଠିଥାଏ ଏବଂ ପରେ ଏଥିରେ ଘିଅ କିମ୍ବା ତେଲ ଦେଇ ଦୁଇ ପାର୍ଶ୍ୱକୁ ଭଲ ଭାବେ ସେକାଯାଏ । ବାଂଲାଦେଶର ଢାକା ଏବଂ ଚଟଗାଁ ସମେତ ଅନେକ ଅଞ୍ଚଳର ଷ୍ଟ୍ରିଟ୍ ଫୁଡ୍ ଷ୍ଟଲ୍‌ଗୁଡ଼ିକରେ ମିଳୁଥିବା ଏହି ନିଆରା ରୁଟିକୁ ସ୍ଥାନୀୟ ଲୋକେ ଚିକେନ୍ କସା, ମଟନ୍ ଗ୍ରେଭି, ଡାଲି କିମ୍ବା ମିଠା କ୍ଷୀର ଓ ରାବିଡ଼ି ସହିତ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି ।

## ଖାଉଛନ୍ତି ଜୀବନ୍ତ ହୃଦୟ

ଭିଏତନାମରେ ପ୍ରଚଳିତ ଏକ ଖାଦ୍ୟ ପରମ୍ପରା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁଯାୟୀ ଏଠାରେ ସାପକୁ ମାରିବା ମାତ୍ରେ ତାର ଜୀବନ୍ତ ଥିବା ହୃତପିଣ୍ଡକୁ ବାହାର କରି ସିଧାସଳଖ ଗିଳି ଦିଆଯାଇଥାଏ । ସ୍ଥାନୀୟ ଲୋକେ ଏହାକୁ ଶରୀରର ଶକ୍ତି ଓ ଷ୍ଟାମିନା ବୃଦ୍ଧି କରୁଥିବା ଏକ ଔଷଧୀୟ ଖାଦ୍ୟ ବୋଲି ମାନିଥାଆନ୍ତି । ଏଠାରେ କେବଳ ହୃତପିଣ୍ଡ ନୁହେଁ, ବରଂ ସାପର ରକ୍ତ, ପିତ୍ତ, ମାଂସ ଓ ହାଡ଼କୁ ମଧ୍ୟ ବିଭିନ୍ନ ପ୍ରକାରର ବ୍ୟଞ୍ଜନରେ ବ୍ୟବହାର କରାଯାଏ । ଏପରିକି ସାପର ରକ୍ତକୁ ମଦରେ ମିଶାଇ ମଧ୍ୟ ପିଆଯାଏ । ନିକଟରେ ଏହି ସମ୍ପର୍କିତ ଏକ ଭିଡିଓ ଭାଇରାଲ୍ ହେବା ପରେ ସୋସିଆଲ ମିଡିଆରେ ଏକ ବଡ଼ ବିତର୍କ ସୃଷ୍ଟି ହୋଇଛି । ଯେଉଁଥିରେ କିଛି ଲୋକ ଏହାକୁ ପ୍ରାଣୀଙ୍କ ପ୍ରତି ଅତ୍ୟନ୍ତ କ୍ରୁରତା ବୋଲି ଦର୍ଶାଇ ସମାଲୋଚନା କରିଥିବା ବେଳେ ଅନ୍ୟ କେତେକ ଏହାକୁ ପ୍ରତ୍ୟେକ ଦେଶର ନିଜସ୍ୱ ସଂସ୍କୃତି ଓ ଖାଦ୍ୟପେୟର ଏକ ପରମ୍ପରା ବୋଲି ଅଭିହିତ କରିଛନ୍ତି ।



## ବଦଳିଛି ପସନ୍ଦ



ଅଜୟ ଦେବଗନ୍‌ଙ୍କ ଆଗାମୀ ଚଳଚ୍ଚିତ୍ରଗୁଡ଼ିକୁ ନେଇ ବଲିଉଡ୍‌ରେ ଚର୍ଚ୍ଚା ଜୋର୍ ଧରିଛି । ସୂଚନା ଅନୁସାରେ ସେ ବର୍ତ୍ତମାନ କମେଡି, ଇନଭେଷ୍ଟିଗେସନ୍ ଥ୍ରୀଲର ଓ ହରର ଭଳି ବିଭିନ୍ନ ଶୈଳୀର ପ୍ରୋଜେକ୍ଟ ଉପରେ ଗୁରୁତ୍ୱ ଦେଉଛନ୍ତି, ଯେଉଁଥିରେ 'ଧମାଲ୍ ୪', 'ଦୃଶ୍ୟମ୍ ୩' ଏବଂ ରୋହିତ ଜୁଗରାଜଙ୍କ ନିର୍ଦ୍ଦେଶିତ ଏକ ବଡ଼ ବଜେଟ୍‌ର ଅନଟାଇଟଲ୍ଡ ହରର ଫିଲ୍ମ ସାମିଲ ରହିଛି । 'ଶୈତାନ ୨'ର କାମ ବର୍ତ୍ତମାନ ସ୍ଥଗିତ ଥିବାବେଳେ ରୋହିତ ଜୁଗରାଜଙ୍କ ଏହି ନୂତନ ହରର ଚଳଚ୍ଚିତ୍ରର ସୁଟିଂ ଜୁଲାଇ ୨୦୨୬ରୁ ଆରମ୍ଭ ହେବାକୁ ଯାଉଛି । ଯାହାର ପ୍ରଯୋଜନା କୁମାର ମଙ୍ଗତ ପାଠକ କରୁଛନ୍ତି ଏବଂ ଏହାର କାହାଣୀ ଲଣ୍ଡନର ପୃଷ୍ଠଭୂମି ଉପରେ ଆଧାରିତ ହେବ । ଅପରପକ୍ଷରେ, 'ଦୃଶ୍ୟମ୍ ୩'ର ସୁଟିଂ ଶେଷ ହୋଇ ଏହା ବର୍ତ୍ତମାନ ପୋଷ୍ଟ-ପ୍ରଡକ୍ସନ ପର୍ଯ୍ୟାୟରେ ରହିଛି । ଏଥିରେ ତବୁ, ପ୍ରକାଶ ରାଜ ଓ ଜୟଦୀପ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏହା ସହିତ ଅଜୟ ଦେବଗନ୍, ରିତେଶ ଦେଶମୁଖ, ଅରସଦ ବର୍ସି ଓ ରବି କିଷନଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ପାରିବାରିକ କମେଡି ଫିଲ୍ମ 'ଧମାଲ୍ ୪' ୧୦ ଜୁଲାଇରେ ପରଦାକୁ ଆସିବାକୁ ଅଛି ।

## ପକ୍ଷୀ ଅତିଥି

ନୋଏଡାର ବାସିନ୍ଦା ତଥା ଚିତ୍ରଶିଳ୍ପୀ ଏକତା ନାହରଙ୍କ ଘରକୁ ପ୍ରତିଦିନ ପ୍ରାୟ ୨୦୦ରୁ ଅଧିକ ପକ୍ଷୀ ଅତିଥିଭାବେ ଆସିଥାଆନ୍ତି । ତାଙ୍କ ଆପାର୍ଟମେଣ୍ଟର ବାଲକୋନିରେ ଥିବା ୩୦୦ରୁ ଅଧିକ ଗଛକୁଣ୍ଡ ମଧ୍ୟରେ ଘରଚଟିଆ, ହମିଙ୍ଗବାର୍ଡ, ସିଲଭରବିଲ୍, କୋଇଲି, ଶୁଆ ଓ କପୋତ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀମାନେ ଆସି ଦାନା ଖାଇବା ସହ ଏକତାଙ୍କ ହାତରୁ ମଧ୍ୟ ଖାଦ୍ୟ ଖାଇଥାନ୍ତି । ୨୦୨୨ ମସିହାରେ ଉତ୍ତରାଖଣ୍ଡର ମସୁରୀ ଗସ୍ତ ସମୟରେ ପକ୍ଷୀମାନଙ୍କ ମଧୁର ସ୍ୱର ଶୁଣିବା ପରେ ଏକତାଙ୍କ ମନରେ ଏହି ପକ୍ଷୀପ୍ରେମ ଜାଗ୍ରତ ହୋଇଥିଲା । ନୋଏଡା ଫେରିବା ପରେ ଚାରିଆଡ଼େ କଂକ୍ରିଟ୍‌ର ଜଙ୍ଗଲ ଦେଖି ପକ୍ଷୀମାନଙ୍କ ପାଇଁ ସ୍ଥାନର ଅଭାବ ଥିବା ସେ ଅନୁଭବ କଲେ ଏବଂ ୨୦୨୩ ମସିହାରୁ ସେ ନିଜ ବାଲକୋନିରେ ଗଛ ଲଗାଇବା ସହ ପାଣି ଓ ଦାନା ରଖିବା ଆରମ୍ଭ କଲେ । ପ୍ରାୟ ସାଢ଼େ ତିନି ମାସ ପର୍ଯ୍ୟନ୍ତ କୌଣସି ପକ୍ଷୀ ନ ଆସିବା ପରେ ଶେଷରେ ପ୍ରଥମେ ଏକ ଘରଚଟିଆ ସେଠାକୁ ଆସିଥିଲା । ଯାହାକୁ ସେ ପ୍ରାୟ ୧୦ ବର୍ଷ ପରେ ନିଜ ପଡ଼ୋଶୀ ଅଞ୍ଚଳରେ ଦେଖିଥିଲେ । ଏକତା ନିଜ ବାଲକୋନିକୁ କେବଳ ସଜାଇବା ପାଇଁ ନୁହେଁ, ବରଂ ପକ୍ଷୀମାନଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ଭାବେ ଗଢ଼ି ତୋଳିଛନ୍ତି । ଯେଉଁଥିପାଇଁ ସେ ପୁରୁଣା କାର୍ଡବୋର୍ଡ ଓ କାଠଗୁଣ୍ଡରେ ପକ୍ଷୀଘର ତିଆରି କରିଛନ୍ତି । ବର୍ତ୍ତମାନ ତାଙ୍କ ବାଲକୋନିରେ ୫୦ରୁ ଅଧିକ ପ୍ରଜାତିର ଗଛ ରହିଛି ଏବଂ ଏହି ଛୋଟ ପ୍ରୟାସଟି ଆଜି ପକ୍ଷୀମାନଙ୍କ ପାଇଁ ଏକ ସୁନ୍ଦର ପରିବେଶ ସୃଷ୍ଟି କରିପାରିଛି ।





**ମେଷ:** ଖୁସିଖବର, ବ୍ୟବସାୟରେ ସ୍ୱଳ୍ପଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ନୂତନ ବନ୍ଧୁଲାଭ, ବିଦ୍ୟାରେ ସଫଳ, ଦ୍ରବ୍ୟଲାଭ, ଶତ୍ରୁସମସ୍ୟା, ଦାମ୍ପତ୍ୟକଳହ, ବ୍ୟକ୍ତି ସହାୟତା । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମା' ମହାଲକ୍ଷ୍ମୀ ।

**ବୃଷ:** ନୂତନ ଆୟ, ବିଶିଷ୍ଟ କାର୍ଯ୍ୟରେ ଅନୁତାପ, ବ୍ୟବସାୟିକ ଖୁସି, ସମ୍ପତ୍ତିଲାଭ, ଉତ୍ସବ ପ୍ରତି ଆଗ୍ରହ, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଅର୍ଥଲାଭ, ଯାତ୍ରାରେ ସାବଧାନ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ମିଥୁନ:** ଶତ୍ରୁସମସ୍ୟା, ଅଯଥା କଷ୍ଟ, ଦୂରଯାତ୍ରା ସଫଳ, ମାଲିମୋକଦ୍ଦମା, ନୂତନ ସମସ୍ୟା, ବ୍ୟବସାୟିକ କଷ୍ଟ, କ୍ରୟବିକ୍ରୟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, କର୍ମକ୍ଷେତ୍ରେ ଅଶାନ୍ତି, ଆର୍ଥିକ ଚିନ୍ତା । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ଶୁଭକାର୍ଯ୍ୟରେ ଧନବ୍ୟୟ, ଅତିଥି ସତ୍କାର, ସମ୍ମାନପ୍ରାପ୍ତି, ଦୂରଯାତ୍ରା, ବନ୍ଧୁଲାଭ, ମୋକଦ୍ଦମାରେ ବିଜୟ, ବ୍ୟବସାୟରେ ସ୍ୱଳ୍ପଲାଭ, ସମ୍ପତ୍ତିମାମଲା, ସନ୍ତାନଖୁସି, ବିଦ୍ୟାରେ ସଫଳ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା-ଗଣେଶ ଭଗବାନ ।

**ସିଂହ:** ବନ୍ଧୁସାହାଯ୍ୟ, ଶରୀର ସୁସ୍ଥ, ଲୋକସମ୍ପର୍କରେ ଉନ୍ନତି, ଆର୍ଥିକ ଲାଭ, ନୂତନ ଖବର, ଦୂରଯାତ୍ରାରେ ସତର୍କ, ପୁରାତନ ମାମଲାରେ କଷ୍ଟ, ବିଦ୍ୟାରେ ସଫଳ, ଦାମ୍ପତ୍ୟ କଳହ, । ପୂର୍ବା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କନ୍ୟା:** ଆୟବୃଦ୍ଧି, ଶୁଭଖବର, ନୂତନନିଯୁକ୍ତି, ବ୍ୟବସାୟରେ ଲାଭ, ଦ୍ରବ୍ୟପ୍ରାପ୍ତି, ଶରୀର ସୁସ୍ଥ, ସମ୍ମାନଲାଭ, ନୂତନ ବାଣିଜ୍ୟେ ଲାଭ, ସମ୍ପତ୍ତିଲାଭ, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳ, ଦାମ୍ପତ୍ୟଖୁସି । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ନାରାୟଣ ।

**ତୁଳା:** ଶାନ୍ତିପ୍ରଦ, ସୁସମାଚାର, ବନ୍ଧୁସାହାଯ୍ୟ, ନୂତନ କାର୍ଯ୍ୟ ଆରମ୍ଭ, ବ୍ୟବସାୟରେ ସ୍ୱଳ୍ପଲାଭ, କିଛି ମାମଲାରେ ପଡ଼ିବେ, ବିଦ୍ୟାରେ ଅସଫଳ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଲିଙ୍ଗରାଜ ।

**ବିଛା:** କାର୍ଯ୍ୟରେ ବିଳମ୍ବ, ଉଚ୍ଚଆଶା ବିଫଳ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ଅର୍ଥଲାଭ, ବିଦ୍ୟାରେ ସଫଳ, ବନ୍ଧୁଲାଭ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ନୃସିଂହ ।

**ଧନୁ:** ବନ୍ଧୁପ୍ରାପ୍ତି, କାର୍ଯ୍ୟରେ ଅଗ୍ରଗତି, ମାନସିକଶାନ୍ତି, ଦୂରଯାତ୍ରା ସଫଳ, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ଆର୍ଥିକଲାଭ, ସମ୍ପତ୍ତିଲାଭ, ବିବାଦ ସମାଧାନ, ସମ୍ମାନ ଲାଭ, ନୂତନ କର୍ମଆରମ୍ଭ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ଆୟବୃଦ୍ଧି, ଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁଗୃହେ ଯାତ୍ରା, ଦାମ୍ପତ୍ୟସୁଖ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ପରିବହନ କ୍ଷେତ୍ରେ ସଫଳ, ବିଦ୍ୟାରେ ସଫଳତା । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୭, ଆରାଧନା- ମା' ସନ୍ତୋଷୀ ।

**କୁମ୍ଭ:** ଆର୍ଥିକ କ୍ଷେତ୍ରେ ବିପଦ, ମୋକଦ୍ଦମାଭୟ, ବିଶିଷ୍ଟ କାର୍ଯ୍ୟରେ ସଫଳ, ଶରୀର ସୁସ୍ଥ, ସମ୍ମାନଲାଭ, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ବିବାଦ ସମାଧାନ, ନୂତନ ବନ୍ଧୁଲାଭ, ଦୂରଯାତ୍ରା । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ମୀନ:** କର୍ମେ ବାଧା, ଶତ୍ରୁସମସ୍ୟା, ଯାତ୍ରାରେ ସତର୍କ, ଗୃହେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର ଅସୁସ୍ଥ, ବନ୍ଧୁଲାଭ, ମାନସିକ ଅଶାନ୍ତି, ସନ୍ତାନସମସ୍ୟା, ଦାମ୍ପତ୍ୟସୁଖ, ବିଶିଷ୍ଟ ବ୍ୟକ୍ତି ସହାୟତା । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।

**ଆଷାଢ଼ କୃଷ୍ଣପକ୍ଷ ଦଶମୀ**
**୧୦.୭.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ନାଇଜର'ର ୧୫ତମ ସମାବର୍ତ୍ତନ ଉତ୍ସବ

# ବିକଶିତ ଭାରତ ଗଠନରେ ଯୁବ ବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ଉପରାଷ୍ଟ୍ରପତି

ଭୁବନେଶ୍ୱର(ସବ୍ୟୁ): ମହାନ ବୈଜ୍ଞାନିକ ହୋମି ଭାଭା ଆମ ଗହଣରେ ନାହାନ୍ତି ସତ, କିନ୍ତୁ ଆଜି ମୁଁ ମୋ ସମ୍ମୁଖରେ ଶତାଧିକ ହୋମି ଭାଭାଙ୍କୁ ବସିଥିବାର ଦେଖିପାରୁଛି । କେବଳ ଗବେଷଣା ନୁହେଁ, ବରଂ ଜାତୀୟ ସୁରକ୍ଷା ଓ ଦୀର୍ଘସ୍ଥାୟୀ ବିକାଶ ପ୍ରତି ନାଇଜର'ର ଅଙ୍ଗୀକାରବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ । ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରୁଥିବା ବେଳେ ବିଜ୍ଞାନର ସାମର୍ଥ୍ୟ ହିଁ ଏହାର ସ୍ଥାୟୀ ସମାଧାନ ବାହାର କରିପାରିବ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି ।

ଜଟଣୀସ୍ଥିତ ନାଇଜର କ୍ୟାମ୍ପସରେ ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ବୈଜ୍ଞାନିକ ଦକ୍ଷତା ଏବେ କୌଣସି ବିକଳ୍ପ ନୁହେଁ, ବରଂ ଏହା ଆମ ପ୍ରଗତିର ମୂଳଦୁଆ । ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା ଜିଜ୍ଞାସାକୁ ସଦାସର୍ବଦା ଜାଗ୍ରତ ରଖି ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବା ସହ ନିଜ ଜ୍ଞାନକୁ ମାନବ ସମାଜର କଲ୍ୟାଣରେ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି, ଆଜି ଆପଣମାନେ କେବଳ ଏକ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ପାଉନାହାନ୍ତି, ବରଂ ସମାଜ ପ୍ରତି ଏକ ବଡ଼ ଦାୟିତ୍ୱକୁ ନିଜ କାନ୍ଧକୁ ନେଉଛନ୍ତି । ବିଶ୍ୱରେ ସମସ୍ତ ସମସ୍ୟାର ସମାଧାନ କେବଳ ବିଜ୍ଞାନ ମାଧ୍ୟମରେ ହିଁ ସମ୍ଭବ ବୋଲି ସେ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ନାତକମାନଙ୍କୁ ସମ୍ବୋଧିତ କରି କହିଥିଲେ, ଆଜି ଉତ୍ତୀର୍ଣ୍ଣ ହେଉଥିବା ଯୁବପିଢ଼ି ବିଜ୍ଞାନ, ଗବେଷଣା ଏବଂ ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ବିଶେଷ ଅବଦାନ ରଖୁଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଗତି ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ । ଆମର ଯୁବ ଗବେଷକ ଓ ସ୍ନାତକମାନେ କେବଳ ଡିଗ୍ରୀ ହାସଲ କରିନାହାନ୍ତି, ବରଂ ଦେଶର ବିକାଶ ଓ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ପାଇଁ ଏକ ବଡ଼ ଦାୟିତ୍ୱ ହାତକୁ ନେଇଛନ୍ତି । ଆମର ଯୁବ ବୈଜ୍ଞାନିକମାନେ ସେମାନଙ୍କର ଜ୍ଞାନକୁ ସମାଜର ତୃଣମୂଳ ସ୍ତରର ସମସ୍ୟାର ସମାଧାନ ପାଇଁ ବିନିଯୋଗ କରିବା ଉଚିତ । ଅନୁଷ୍ଠାନର ଶିକ୍ଷାଦାନର ପଦ୍ଧତି ଓ ଗବେଷଣା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ମାନ୍ୟତା ପାଇଥିବାରୁ ସେ ଏହାକୁ ପ୍ରଶଂସା କରିଥିଲେ ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାଇଜରକୁ ଏକ ଅନନ୍ୟ ଅନୁଷ୍ଠାନ ଭାବେ ବର୍ଣ୍ଣନା କରିଛନ୍ତି । ଅତି କମ୍ ସମୟ ମଧ୍ୟରେ ଏହି କ୍ୟାମ୍ପସକୁ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆଜି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଗସ୍ତ କରିବା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ । ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷାରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି ପାଉଥିବା ବିଷୟରେ ସୂଚନା ଦେଇ ନାଇଜର ଭୁବନେଶ୍ୱରରେ ଏହି ହାର ୪୦ ପ୍ରତିଶତ ଛୁଇଁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକଟର ଜିତେନ୍ଦ୍ର ସିଂ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଦେଶର ଉପରାଷ୍ଟ୍ରପତିଙ୍କ ଉପସ୍ଥିତିରେ ପ୍ରମାଣପତ୍ର ଗ୍ରହଣ କରିବା ପ୍ରତ୍ୟେକ ସ୍ନାତକଙ୍କ ପାଇଁ ଏକ ଚିରସ୍ମରଣୀୟ ମୁହୂର୍ତ୍ତ । ଏହା କେବଳ ପ୍ରମାଣପତ୍ର ବାଣ୍ଟିବାର ଦିବସ ନୁହେଁ, ବରଂ ଏକ ଗୌରବମୟ ସେବା ଓ ପରମ୍ପରାକୁ ଆଗାମୀ ପିଢ଼ିର ହାତରେ ସମର୍ପଣ କରିବାର ଏକ ପବିତ୍ର ଅବସର । ଏହି ଉତ୍ସବରେ ପରମାଣୁ ଶକ୍ତି ବିଭାଗର ସଚିବ ଡ. ଅଜିତ କୁମାର ମହାନ୍ତି, ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷ ଏବଂ ଅନୁଷ୍ଠାନର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ।




ଯୁବ ବୈଜ୍ଞାନିକ ଜ୍ଞାନକୁ ସମାଜର ସମାଧାନ ଲାଗି ବିନିଯୋଗ କରନ୍ତୁ : ମୁଖ୍ୟମନ୍ତ୍ରୀ



ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# କପଡ଼ା ବିକ୍ରି ବାହାନାରେ ଚାଲାଣ : ୧୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ବଲାଙ୍ଗିର,(ସବ୍ୟୁ) : ପଲ୍ଲୀରୁ ଦିଲ୍ଲୀକୁ ହେଉଥିଲା ଗଞ୍ଜେଇ ଚୋରା ଚାଲାଣ । ଫେରିବାଲା ବେଶରେ ଗଞ୍ଜେଇ ମାଫିଆ କପଡ଼ା ଭିତରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରୁଥିଲେ । ତେବେ ଏହି କପଡା ଭର୍ତ୍ତି ଗାଡ଼ିକୁ ଜବତ କରି ୪ଜଣଙ୍କୁ ଗିରଫ କରିଛି ବଲାଙ୍ଗିର ଅବକାରୀ ବିଭାଗ । ତୁଷୁରା-ବଲାଙ୍ଗିର ରାସ୍ତାରେ ଅବକାରୀ ବିଭାଗ ଚଢ଼ାଉ କରି ଦୁଇଟି ଗଞ୍ଜେଇ ଭର୍ତ୍ତି ପିକଅପ ଗାଡ଼ି ସହ ୧୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିବାବେଳେ ୪ ଜଣଙ୍କୁ ଗିରଫ କରାଯାଇଛି ।

ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୨ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି । ତେବେ କପଡ଼ା ବୋଝେଇ ଗାଡ଼ିରେ ରାଜସ୍ଥାନର ୪ ଜଣ ଯୁବକ କନ୍ଧମାଳ ଜିଲ୍ଲା ବାଲିଗୁଡାରୁ ଗଞ୍ଜେଇ ଆଣି ତୁଷୁରା ଦେଇ ଭାୟା ରାୟପୁର ଦେଇ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ କରିବାବେଳେ ଅବକାରୀ ବିଭାଗ ହାତରେ ଧରାପଡ଼ିଛନ୍ତି । ସୂଚନା ଅନୁଯାୟୀ ତୁଷୁରା-ବଲାଙ୍ଗିର ରାସ୍ତାରେ ଅବକାରୀ ବିଭାଗ ତୁଷୁରା ଦେଓଗାଁ ରାସ୍ତାର ଡଙ୍ଗାପଥର ଛକରେ ଚଢ଼ାଉ କରି ଦୁଇଟି କପଡ଼ା ଭର୍ତ୍ତି ପିକଅପ ଗାଡ଼ିକୁ ଅଟକ ରଖି ପଚରାଉଚରା କରିଥିଲା । ତେବେ ତୁଷୁରା ଅବକାରୀ ବିଭାଗ ସନ୍ଦେହ କରି ଦୁଇଟି ପିକଅପ୍ ଗାଡ଼ିରେ ଗଞ୍ଜେଇ ଥିବା ଜାଣି ଯାଞ୍ଚ କରିଥିଲା । ଫଳରେ କପଡ଼ା ବୋଝେଇ ଗାଡ଼ିରୁ ବଣ୍ଡଲ ବଣ୍ଡଲ ଗଞ୍ଜେଇ ବାହାରିଥିଲା ।




# ବନ୍ୟା ସ୍ଥିତିକୁ ନେଇ ଆତଙ୍କିତ ମର୍କତନଗର ଓ ବିଡାନାସୀ ବାସିନ୍ଦା

## ଗାର୍ଡ ୱାଲ ଓ ରାସ୍ତା ଭୁଶୁଡିବାର ସପ୍ତାହ ପରେ ବି ହେଲାନି ମରାମତି କି କାର୍ଯ୍ୟାନୁଷ୍ଠାନ

କଟକ, (ସବ୍ୟୁ): ହୀରାକୁଦ ଜଳଭଣ୍ଡାରରୁ ପାଣି ଛଡାଯାଇଥିବା ବେଳେ ମହାନଦୀରେ ସମ୍ଭାବ୍ୟ ବନ୍ୟା ଆଶଙ୍କା ରହିଛି । ତେବେ ନଦୀରେ ବନ୍ୟା ଜଳ ପହଞ୍ଚିବା ପୂର୍ବରୁ ଆତଙ୍କିତ ହୋଇପଡିଛନ୍ତି କଟକର ମର୍କତନଗର ଓ ବିଡାନାସୀ ବାସିନ୍ଦା । ଗୋଟିଏ ପଟରେ ଗତ ଜୁଲାଇ ୨ତାରିଖରେ ଅଳ୍ପ ବର୍ଷାରେ ଚହଟା ମଧୁସେତୁ ସଂଲଗ୍ନ ସଂଯୋଗୀକରଣ ୬ ଲେନ ରାସ୍ତା ସହ ଗାର୍ଡ ୱାଲ ଭୁଶୁଡିବା ଘଟଣା ପରେ ସ୍ଥାନୀୟ ବାସିନ୍ଦା ମାନେ ବନ୍ୟା ଓ ଆଗକୁ ଆସୁଥିବା ଲଘୁଚାପ ବର୍ଷାରେ ନବନିର୍ମିତ ରାସ୍ତାର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିଛନ୍ତି । ଅନ୍ୟପଟରେ ପ୍ରଶାସନ ପକ୍ଷରୁ ରାସ୍ତା ଭୁଶୁଡିବା ସ୍ଥାନରେ ତରବରିଆ ଭାବେ ବାଲିବସ୍ତା ପକାଯାଉଥିବା ଦେଖିବାକୁ ମିଳିଛି । ଗତ ଜୁଲାଇ ପହିଲା ରାତିରେ ହୋଇଥିବା ବର୍ଷା ପାଇଁ ଏହା ପରଦିନ ନବ ନର୍ମିତ ୬ଲେନ ରାସ୍ତା ଓ କଂକ୍ରିଟ ଗାର୍ଡ ୱାଲ ଭୁଶୁଡି ପଡିଥିଲା । ଚହଟାଠାରୁ ମଧୁସୂଦନ ସେତୁକୁ ସଂଯୋଗ କରୁଥିବା ନବନିର୍ମିତ ୬ ଲେନ୍ ବିଶିଷ୍ଟ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲା । ତେବେ ଏହି ଘଟଣାର ୭ଦିନ ପରେ ବି ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ କି ସମ୍ପୃକ୍ତ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରାଯାଇପାରିନି । ତେବେ ଏ ସମ୍ପର୍କରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି ଯେ, କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ସରକାରଙ୍କ କ୍ଷମତା ପରିସରଭୁକ୍ତ । ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ରିପୋର୍ଟ ଆଧାରରେ ସରକାରଙ୍କୁ ସୁପାରିଶ କରାଯାଇଥିବା ସେ କହିଛନ୍ତି । ଏଥିସହ ଆସନ୍ତା ୧୫ରୁ ୨୦ଦିନ ମଧ୍ୟ ରାସ୍ତା ଓ ଗାର୍ଡ ୱାଲ ନବିକରଣ କାମ ଶେଷ କରାଯିବ ବୋଲି କୁହାଯାଇଛି ।

ରାସ୍ତା ଓ ଗାର୍ଡ ୱାଲ ଧସିବା ଘଟଣାକୁ ନେଇ ବିଭାଗୀୟ ସରକାରୀ ପଦାଧିକାରୀଙ୍କ ଭୂମିକା ଉପରେ ସନ୍ଦେହ ସୃଷ୍ଟି ହୋଇଥିଲେ ସୁଦ୍ଧା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ନାହିଁ ସେ ନେଇ ଅନେକ ପ୍ରଶ୍ନ ଉଠିଛି । ପୂର୍ତ୍ତ ବିଭାଗ ଅଧିନରେ ଏହି ରାସ୍ତା ନିର୍ମାଣ କାମ ୩ବର୍ଷ ଧରି ଚାଲିଥିବା ବେଳେ ସ୍ଥାନୀୟ ଲୋକେ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି । ଏହାକୁ ଗୁରୁତର ସହ ନେଇ ବୈଷୟିକ ଟିମ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡିଛି । ଉକ୍ତ ସ୍ଥାନରେ ବ୍ୟାରିକେଡିଂ, ଯାତାୟାତ ସୁରକ୍ଷିତ କରାଯାଇଥିବା ବେଳେ ସ୍ଥାୟୀ ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଓକିଲ ସଂଘ ପକ୍ଷରୁ

# ୬ ଦଫା ଦାବି ନେଇ ସ୍ମାରକପତ୍ର ପ୍ରଦାନ

ପୁରୀ, (ସବ୍ୟୁ) : ବିଭିନ୍ନ ଦାବୀ ନେଇ ପୁରୀ ସଂଘ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଶତାଧିକ ଆଇନଜୀବୀ ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସଙ୍ଗ ପକ୍ଷରୁ ରାଜ୍ୟ ମୂଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଛଅ ଦଫା ଦାବୀ ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ନ୍ୟାୟିକ ପ୍ରକ୍ରିୟାରେ ଆଇନଜିବି ମାନେ ଗୋଟିଏ ମୁଦ୍ରାର ଏକ ପାର୍ଶ୍ୱ। ସ୍ୱାଧୀନ ପେଷା ଭିତରେ ଆଇନଜୀବୀ ସାମାଜିକ ପ୍ରତିବଦ୍ଧତା, ନ୍ୟାୟିକ ଅଙ୍ଗୀକାର ଭିତରେ ବିଚାର ବ୍ୟବସ୍ଥାକୁ ଋଦ୍ଧିମନ୍ତ କରୁଥିବା ବେଳେ ସେମାନଙ୍କ ପାଇଁ ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟ ବିମା ଓ ଷ୍ଟାଇପେଣ୍ଡ କ୍ଷେତ୍ରକୁ ଅଣଦେଖା କରାଯାଇଛି। ଯୁବ ପିଢ଼ି ଆଇନ ପେଷାକୁ ପେଶାଗତ ଭାବେ ଆଦରି ନେଇଥିବା ବେଳେ ସେମାନଙ୍କ ପାଇଁ ସରକାରୀ ସ୍ତରରେ ପ୍ରୋତ୍ସାହନ ନାହିଁ। ଓଡ଼ିଶାର ନିମ୍ନ ଅଦାଲତ, ମାଜେଷ୍ଟ୍ରେରିଆଲ କୋର୍ଟ, ଗ୍ରାମ୍ୟ ନ୍ୟାୟାଳୟ, ଜିଲ୍ଲା କୋର୍ଟ, ଉଚ୍ଚ ନ୍ୟାୟାଳୟ, ରେ ୫୦ ହଜାରରୁ ଉର୍ଦ୍ଧ୍ୱ ଓକିଲ ୧୮୨ ଟି ବାରରେ ରହି ଆଇନ କ୍ଷେତ୍ରରେ ଜୀବନ ବିତାଉଛନ୍ତି କିନ୍ତୁ ସେମାନଙ୍କ ପାଇଁ ସରକାରୀ ସହାୟତା ସମୁଦ୍ର କୁ ଶଙ୍ଖେ। ଏଥି ପାଇଁ ପୁରୀ ଜିଲ୍ଲା ଓକିଲ ସଂଘ ନିଷ୍ପତ୍ତି କ୍ରମେ ଗୁରୁବାର ଶତାଧିକ ଓକିଲ ଶୋଭାଯାତ୍ରା ରେ ଯାଇ ଜିଲ୍ଲାପାଳ ଅଫିସରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବୀ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦିଆଯାଇଛି। ଏଥିରେ କୁହାଯାଇଛି ଯେ ଓଡ଼ିଶା ସରକାରଙ୍କ ବାର୍ଷିକ ବଜେଟ୍ ୩ ଲକ୍ଷ ୧୦ ହଜାର କୋଟି ଥିଲା ବେଳେ ଓକିଲ ମାନଙ୍କ ପାଇଁ ବାର୍ଷିକ ୫୦ କୋଟି ଟଙ୍କା ବଜେଟରେ ବ୍ୟୟ ବରାଦ କରିବା, ସମସ୍ତ ଆଇନଜିବୀଙ୍କୁ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ରେ ଅନ୍ତର୍ଭୁକ୍ତ କରିବା,ରେଜିଷ୍ଟ୍ରେସନ୍ ଠାରୁ ୫ ବର୍ଷ ପର୍ଯ୍ୟନ୍ତ ଯୁବ ଓକିଲ ମାନଙ୍କୁ ମାସିକ ୫ ହଜାର ଟଙ୍କା ଷ୍ଟାଇପେଣ୍ଡ ଦେବା,କାର୍ଯ୍ୟକ୍ଷେତ୍ରରେ ଆଇନଜୀବୀ



ମାନଙ୍କ ପାଇଁ ଆଇନଜୀବୀ ସୁରକ୍ଷା ଆଇନ ଆଣିବା ଦାବୀ କରାଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ସଭାପତି ପ୍ରେମାନନ୍ଦ ମହାନ୍ତି,ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଜ୍ୟୋତି ପ୍ରକାଶ ମିଶ୍ର,ସୋମନାଥ ଦାସ, କୃଷ୍ଣ ତ୍ରିପାଠୀ, ରମେଶ ପ୍ରସାଦ ସିଂହ, କାର୍ଯ୍ୟକାରି କମିଟି ସଭ୍ୟ ସୋମନାଥ ରଣା, କର୍ଣ୍ଣବିର ମହାପାତ୍ର, ବିଜୟ ସାହୁ, ଶିବାନନ୍ଦ ପାତ୍ର, ଖଗେଶ୍ୱର ବଳିଆରସିଂ,ନମିତା ସାମଲ , ଶକ୍ତି ପ୍ରସାଦ ମହାପାତ୍ର, ଲକ୍ଷ୍ମୀ କାନ୍ତ ତ୍ରିପାଠୀ,ଅଶୋକ ରଥ, ରାଫତ ସାହିନି ପ୍ରମୁଖ ଶତାଧିକ ଓକିଲ ଉପସ୍ଥିତ ଥିଲେ।



### ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର ଆବଣ୍ଟନ

# ଗଭୀର ସମୁଦ୍ର ମାଛଧରା ମିଶନ ମତ୍ସ୍ୟଜୀବୀଙ୍କ ଭାଗ୍ୟ ବଦଳାଇବ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଦ୍ୱାରା ବ୍ଲୁ-ଇକୋନୋମି ମାଧ୍ୟମରେ ରାଜ୍ୟର ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହେବ ଏବଂ ହଜାର ହଜାର ମତ୍ସ୍ୟଜୀବୀ ପରିବାର ପାଇଁ ଆଗାମୀ ଦିନରେ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହେବ ।ଆଜିର ପଦକ୍ଷେପ ମତ୍ସ୍ୟଜୀବୀ ଭାଇ ଭଉଣୀମାନଙ୍କ ଭାଗ୍ୟ ବଦାଇବା ସହ ଏହି ନୂତନ ବ୍ୟବସ୍ଥା ଦ୍ୱାରା ଆମ ରାଜ୍ୟର ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକ ସିଧାସଳଖ ଉପକୃତ ହେବେ ବୋଲି ବୁଧବାର ଭୁବନେଶ୍ୱର ଠାରେ ଏ ସମ୍ପର୍କିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର(ଏଲଓଏ) ଆବଣ୍ଟନ ଏବଂ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ



ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଛନ୍ତି ଯେ, ୨୦୧୪ ପରେ ଦେଶରେ ମତ୍ସ୍ୟପାଳନ ଏବଂ ଏହାର ଆନ୍ତର୍ଜାତୀୟ ବଜାର ବ୍ୟବସ୍ଥାରେ ଏକ ବ୍ୟାପକ ସୁଧାର ଆସିଛି। ବିଶ୍ୱର ବିଷମ ପରିସ୍ଥିତି ଏବଂ ବହୁ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ମାତ୍ର ୧ ବର୍ଷ ଭିତରେ ୧୧,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କାର ମାଛ ରପ୍ତାନି ବୃଦ୍ଧି କରିବା ସହ ୨୧% ରପ୍ତାନୀ ଅଭିବୃଦ୍ଧି ହାସଲ କରିଛି । ଏହା ଦେଶର ଅର୍ଥନୀତିକୁ ମଜବୁତ କରିବା ସହ 'ବିକଶିତ ଭାରତ'ର ସଂକଳ୍ପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଓଡ଼ିଶାର ସମ୍ଭାବନା ଏବଂ ପ୍ରତିବେଶୀ ଆନ୍ଧ୍ରପ୍ରଦେଶ ସହ ଏହାର ତୁଳନାତ୍ମକ ଚିତ୍ର ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ତୁଳନାରେ ଓଡ଼ିଶାର ସମୁଦ୍ର ଉପକୂଳ (୫୭୫ କିମି) ପ୍ରାୟ ଅଧା ଏବଂ ନଦୀ-କେନାଲର ଜଳାଶୟ କ୍ଷେତ୍ରରେ ସମାନତା ଥିଲେ ମଧ୍ୟ ଓଡ଼ିଶାର ୧୨ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ସାମ୍ନାରେ ଆନ୍ଧ୍ରପ୍ରଦେଶ ପ୍ରାୟ ୪୫ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ କରୁଛି ।ଏହି ବ୍ୟବଧାନ ଆମ ପାଇଁ ଯେତିକି ବଡ଼ ଆହ୍ୱାନ, ସେତିକି ବଡ଼ ସମ୍ଭାବନା ମଧ୍ୟ ସୃଷ୍ଟି କରୁଛି । ତେଣୁ ଆମକୁ କୋପରେଟିଭ ସେକ୍ଟର (ସମବାୟ କ୍ଷେତ୍ର)କୁ ଅଧିକ ମହତ୍ୱ ଦେବାକୁ ହେବ, ଗ୍ରାମୀଣ ରାସ୍ତାଘାଟ ଓ ଭିତ୍ତିଭୂମି ଭଲ କରିବାକୁ ହେବ ଏବଂ ମତ୍ସ୍ୟ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ପାଇଁ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହେବ। ରାଜ୍ୟର ପ୍ରାୟ ୧ କୋଟି ପରିବାରଙ୍କ କଲ୍ୟାଣ ତଥା ମତ୍ସ୍ୟପାଳନ କ୍ଷେତ୍ରକୁ ଏକ ନୂଆ ରୂପ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବଦ୍ଧପରିକର । ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକୁ ଗଭୀର ସମୁଦ୍ରରେ ମତ୍ସ୍ୟ ସଂଗ୍ରହ ପାଇଁ ଅନୁମତି ପତ୍ର ପ୍ରଦାନ କରିବାର ଏହି ଐତିହାସିକ ଜାତୀୟ ଶୁଭାରମ୍ଭ ମତ୍ସ୍ୟଜୀବୀମାନଙ୍କୁ ଆଧୁନିକ ଓ ସଶକ୍ତ କରିବ। ମତ୍ସ୍ୟଜୀବୀ ଓ ଜାହାଜ ମାଲିକମାନଙ୍କ ସୁବିଧା ପାଇଁ କେନ୍ଦ୍ର ସରକାର ReALCraft' ଡିଜିଟାଲ୍ ପ୍ଲାଟଫର୍ମକୁ ଅପଗ୍ରେଡ୍ କରିଛନ୍ତି, ଯାହାଦ୍ୱାରା ବର୍ତ୍ତମାନ କୌଣସି ଅଯଥା କାଗଜପତ୍ରର ଚିନ୍ତା ନଥାଇ, ସ୍ୱଳ୍ପ ଫିସ୍ ଦେଇ ସମ୍ପୂର୍ଣ୍ଣ ଅନଲାଇନରେ ଏଲଓଏ ପାଇପାରିବେ। ଏହା ପ୍ରଧାନମନ୍ତ୍ରୀଙ୍କ "ଡିଜିଟାଲ୍ ଇଣ୍ଡିଆ" ଏବଂ "ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍"ର ଏକ ଶ୍ରେଷ୍ଠ ନିଦର୍ଶନ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ପଞ୍ଚାୟତିରାଜ, ମତ୍ସ୍ୟପାଳନ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ.ପି. ସିଂହ ବାଘେଲ ଏବଂ ଓଡ଼ିଶାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

# ଉପରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଲୋକଭବନରେ ଔପଚାରିକ ଭୋଜି

## ଉପରାଷ୍ଟ୍ରପତି, ବିଶିଷ୍ଟ ଅତିଥିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

ଭୁବନେଶ୍ୱର (ସବ୍ୟୁ) : ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଦିନିକିଆ ଓଡ଼ିଶା ଗସ୍ତ ଅବସରରେ ଉପରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଲୋକଭବନର ନ୍ୟୁ ଅଭିଷେକ ହଲ୍ ଠାରେ ଏକ ଔପଚାରିକ ଭୋଜି ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଓଡ଼ିଶାର ମହାନ ଆତିଥେୟତା ପରମ୍ପରାକୁ ପ୍ରତିଫଳିତ କରିଥିଲା । ଉପରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ସାମ୍ବିଧାନିକ ପଦାଧିକାରୀଙ୍କ ସହ ବରିଷ୍ଠ ନେତୃତ୍ୱ ଓ ସରକାରୀ ପଦାଧିକାରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ପାଇଁ ଏକ ଉତ୍ତମ ସୁଯୋଗ ପ୍ରଦାନ କରିଥିଲା ।

ଏହି ଅବସରରେ ରାଜ୍ୟପାଳ ଡଃ. ହରିବାବୁ କମ୍ଭମପାଟି ଉପ-ରାଷ୍ଟ୍ରପତି ଏବଂ ବିଶିଷ୍ଟ ଅତିଥିଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ପ୍ରଭୁ ବଳଭଦ୍ରଙ୍କ ପବିତ୍ର ରଥର ହସ୍ତନିର୍ମିତ ରୂପାର ତାରକସି ପ୍ରତିକୃତି (ସିଲଭର ଫିଲିଗ୍ରୀ) ଉପହାର ପ୍ରଦାନ କରିଥିଲେ । ଏହି ସ୍ମାରକଗୁଡ଼ିକ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଉତ୍କୃଷ୍ଟ କାରୀଗରୀ ଏବଂ କଟକର କାଳଜୟୀ କଳା ପରମ୍ପରାକୁ ପ୍ରତିଫଳିତ କରୁଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି,



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟପାଳନ, ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ ପଂଚାୟତି ରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ୍ ଲଲନ ସିଂହ, କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ମତ୍ସ୍ୟପାଳନ, ପଶୁପାଳନ, ଦୁଗ୍ଧ ଉତ୍ପାଦନ ପ୍ରଫେସର ଏସ.ପି. ସିଂହ ବାଘେଲ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଓ ଏମ୍ଏସ୍ଏମ୍ଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ, ଡିଜିପି ୱାଇ. ବି. ଖୁରାନିଆଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ ।

# ଜ୍ୱରରେ କମ୍ପୁଛନ୍ତି ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି

ପୁରୀ, (ସବ୍ୟୁ) : ଜ୍ୱରରେ ପ୍ରକମ୍ପିତ ହେଉଛନ୍ତି ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି। ବୁଧବାର ଅଣସରର ଏକାଦଶତମ ଦିନ ଓ ତିଥି ଅନୁଯାୟୀ ନବମୀ । ଦଇତାପତି ସେବାୟତଙ୍କ ଦ୍ୱାରା ମହାପ୍ରଭୁଙ୍କ ଗୁପ୍ତ ଉପଚାର ଚାଲିଛି ।ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ଫୁଲୁରି ତେଲ ଲାଗି ପରେ ଏବେ ଓଷ ଲାଗି ଚାଲିଛି ।ଜ୍ୱରରେ ମହାପ୍ରଭୁ ପୀଡ଼ିତ ଥିବାରୁ ତାଙ୍କର ସୁସ୍ଥତା ପାଇଁ ଦାରୁ ଅନ୍ୱେଷଣ ମଙ୍ଗଳା ପୀଠ ନିକଟ ଦେଉଳି ମଠରୁ ୪ ଟି ପାରମ୍ପରିକ ଶଗଡ ଗାଡିରେ ଶ୍ରୀକ୍ଷେତ୍ରରେ ଆସିଛି ଅଣସର ଫଳଭାର । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ କାକଟପୁର ନିକଟରେ ରହିଥିବା ଦେଉଳି ମଠ ପାଳଟିଥାଏ ଦଇତାପତି ମାନଙ୍କର ସାଧନାପୀଠ । ଅଣବସର ସେବାରେ ଏହି ଦେଉଳି ମଠରୁ ପାରମ୍ପରିକ ଚାରୋଟି ଶଗଡ ଗାଡିରେ ସପ୍ତମୀ ତିଥିରେ ଆସିଥିବା ଫଳ ଭାର ନବମୀ ତିଥିରେ ଶ୍ରୀକ୍ଷେତ୍ରରେ ପହଞ୍ଚିଛି ।ଦେଉଳିମଠରେ କାକଟପୁର ଅଞ୍ଚଳର ଆଖପାଖ ଗ୍ରାମରୁ ଜଗନ୍ନାଥ ପ୍ରେମୀ ଭକ୍ତ ଏବଂ ଶ୍ରଦ୍ଧାଳୁ ମାନଙ୍କ ବାଡିରେ ରହିଥିବା ବିଭିନ୍ନ ଫଳ ଯଥା ପଣସ ,ଆମ୍ବ ,ସପୁରି,ପିଜୁଳି ,ଲେମ୍ବୁ ,କଦଳୀ ,ଖଜୁରୀ ,ତୁଳସୀ ସହିତ ସେଓ ,ଅଙ୍ଗୁର ,କମଳା ,ନାସପାତି ,ଡାଳିମ୍ବ ଆଦି ଫଳ ସହ ଫୁଲ ,ତୁଳସୀକୁ ପାରମ୍ପରିକ ଚାରୋଟି ଶଗଡ ଗାଡିରେ ଲଦା ହୋଇ ଏକ ଭକ୍ତିମୟ ପରିବେଶ ରେ ଶ୍ରୀକ୍ଷେତ୍ରକୁ ପହଞ୍ଚିଛି ।ଏଭଳିକି ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ପବିତ୍ର ପ୍ରାଚୀ ନଦୀରୁ କଳସରେ ଜଳ ଅଣାଯାଇ ଚାରୋଟି ଶଗଡ ଗାଡିକୁ ପ୍ରତିଷ୍ଠା ପରେ ଶଗଡ ଗାଡିକୁ ବୋହି ନେବାପାଇଁ ରହିଥିବା ବଳଦ ମାନଙ୍କୁ ବନ୍ଦାପନା କରାଯାଇ ଶଗଡ ଗାଡିରେ ସମସ୍ତ ଫଳ ଗୁଡିକୁ ରଖାଯାଇଥାଏ ।ଗୁଣ୍ଡିଚା ମନ୍ଦିର ଠାରେ ଏହି ଫଳ ଭର୍ତ୍ତି ଶଗଡ଼ ଗାଡ଼ି ପହଁଚିବା ପରେ ସଂକୀର୍ତ୍ତନ ,ଜୟ ଜଗନ୍ନାଥ ,ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଏହା ଶ୍ରୀମନ୍ଦିରକୁ ନିଆଯାଇଛି ।

# ବିନା ଫିଟ୍ନେସ୍ ପାଇଁ ପରିବହନ ବିଭାଗ କଠୋର

## ଟୋଲପ୍ଲାଜା ଅତିକ୍ରମ କରିଥିବା ୧୧,୪୦୧ ଗାଡି ବିରୋଧରେ ୪୩,୬୯୬ ଚାଲାଣ

କଟକ, (ସବ୍ୟୁ): ରାଜ୍ୟରେ ବୈଧ ଫିଟନେସ୍ ପ୍ରମାଣପତ୍ର ନଥାଇ ଚାଲୁଥିବା ଗାଡ଼ିଗୁଡ଼ିକ ବିରୋଧରେ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଗତ ଏପ୍ରିଲ ୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ତିନି ମାସ ଅବଧି ମଧ୍ୟରେ ସମୁଦାୟ ୪୩,୬୯୬ ଟି ଇ-ଚାଲାଣ ୧୧,୪୦୧ ଟି ନିର୍ଦ୍ଦିଷ୍ଟ ଗାଡ଼ି ବିରୋଧରେ କଟାଯାଇଛି । ରାଜ୍ୟର ବିଭିନ୍ନ ଟୋଲ୍ ପ୍ଲାଜାରେ ଇ-ଡିଟେକ୍ସନ ପୋର୍ଟାଲ ମାଧ୍ୟମରେ କରାଯାଇଥିବା ସମୀକ୍ଷାରୁ ଏକ ସଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଏହି ତିନି ମାସ ମଧ୍ୟରେ ବିନା ଫିଟନେସରେ ଗାଡ଼ି ଚାଲୁଥିବା ନେଇ ଏହି ଗାଡ଼ିଗୁଡ଼ିକ ମଧ୍ୟରୁ ୬,୬୩୫ ଟି ଗାଡ଼ି ଏଭଳି ରହିଛି ଯାହାକୁ ଏକରୁ ଅଧିକ ଥର ନିୟମ ଉଲ୍ଲଂଘନ କରୁଥିବା ଚିହ୍ନଟ କରାଯାଇଛି । ବାରମ୍ବାର ନିୟମ ଭାଙ୍ଗୁଥିବା ଏହି ଗାଡ଼ି ଗୁଡ଼ିକ ପାଇଁ ୩୮,୯୩୦ଟି ଚାଲାଣ ଜାରି ହୋଇଛି । ରିପୋର୍ଟ ଅନୁସାରେ, ୨,୧୯୧ ଟି ଗାଡ଼ି ୫ କିମ୍ବା ତାଦଠାରୁ ଅଧିକ ଥର, ୯୬୦ ଟି ଗାଡ଼ି ୧୦ କିମ୍ବା ତାଦଠାରୁ ଅଧିକ ଥର, ୩୫୯ ଟି ଗାଡ଼ି ୨୦ ରୁ ଅଧିକ ଥର ଏବଂ ୩୭ଟି ଗାଡ଼ି ୫୦ ରୁ ଅଧିକ ଥର ବିନା ଫିଟନେସରେ ଟୋଲ୍ ପ୍ଲାଜା ଅତିକ୍ରମ ବେଳେ ଧରାପଡ଼ିଛନ୍ତି । ଏପରିକି କେତେକ ଗାଡ଼ି ସର୍ବାଧିକ ୭୫, ୭୬, ୭୯, ୮୦ ଏବଂ ୮୨ ଥର ପର୍ଯ୍ୟନ୍ତ ବାରମ୍ବାର ଏହି ନିୟମ ଉଲ୍ଲଂଘନ କରିଛନ୍ତି । ରାଜ୍ୟର ପ୍ରାୟ ୩୧ଟି ଟୋଲ୍ ପ୍ଲାଜାରେ ଏହି ନିୟମ ଉଲ୍ଲଂଘନ ଦେଖିବାକୁ ମିଳିଛି, ଯେଉଁଥିରେ ପ୍ରମୁଖ ଭାବେ ବନ୍ଦାଲୋ/ମଙ୍ଗୁଳି ଟୋଲ୍ ପ୍ଲାଜାରେ ସର୍ବାଧିକ ୫,୨୮୧ ଟି ମାମଲା ଚିହ୍ନଟ ହୋଇଛି । ଏହା ପଛକୁ ପିପିଲି ଟୋଲ୍ ପ୍ଲାଜାରେ ୪,୮୧୬ଟି, ସେରଗଡ଼ରେ ୩,୭୬୯ଟି, ଗୁଡ଼ିପଦା/ଗଙ୍ଗାପଦାରେ ୨,୮୦୭ଟି, ସମ୍ବଲପୁର-ବରଗଡ଼ରେ ୨,୩୩୮ଟି, ଭାଗଡ଼ା ନାରାୟଣପୁରରେ ୨,୧୪୧ଟି, କାନ୍ଦ୍ରାରେ ୧,୬୨୯ଟି, ଗୁରାପାଲିରେ ୧,୫୭୯ଟି, କାରାପାଦୁରେ ୧,୫୨୩ ଟି ଏବଂ ଦାର୍ଜିଙ୍ଗ ଟୋଲ୍ ପ୍ଲାଜାରେ ୧,୫୦୨ ଟି ମାମଲା ସାମ୍ନାକୁ ଆସିଛି । ଏହି ପରିପ୍ରେକ୍ଷୀରେ, ପରିବହନ କମିଶନର ସମସ୍ତ ଆରଟିଓ , ଅତିରିକ୍ତ ଆରଟିଓ ଏବଂ ଡେପୁଟି ପରିବହନ କମିଶନର ମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମୋଟର ଯାନ ଆଇନର ଧାରା ୫୬ ଅନୁଯାୟୀ, ବିନା ଫିଟନେସ୍ ପ୍ରମାଣପତ୍ରରେ କୌଣସି ପରିବହନ ଗାଡ଼ିକୁ ବୈଧ ଭାବେ ପଞ୍ଜୀକୃତ ବୋଲି ଧରାଯିବ ନାହିଁ । ତେଣୁ ଏହି ଗାଡ଼ିଗୁଡ଼ିକୁ ଧାରା ୨୦୭ ଅଧୀନରେ ସିଧାସଳଖ ଜବତ କରାଯିବ । କେବଳ ଇ-ଚାଲାଣକୁ ଯଥେଷ୍ଟ ନଭାବି ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ପାଇଁ କ୍ଷେତ୍ରସ୍ତରୀୟ ଯାଞ୍ଚ କରାଯିବ ।

# ସରକାର ଗୁଣାତ୍ମକ ଶିକ୍ଷା କଥା କହିବାର ନୈତିକ ଅଧିକାର ହରାଇ ସାରିଛନ୍ତି : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ସରକାରଙ୍କ ପ୍ରଚଳିତ ପ୍ରଥମରୁ ଅଷ୍ଟମ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଏବଂ ଏହାକୁ ନେଇ ଶିକ୍ଷାମନ୍ତ୍ରୀଙ୍କ ଦିଆ ଯାଇଥିବା ଯୁକ୍ତିକୁ ନେଇ ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡିଶା କଂଗ୍ରେସର ଜାତୀୟ ମୁଖପାତ୍ର ଡ. ହାମିଦ ହୁସେନ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ ମୁଖପାତ୍ର ଡ. ମନିସା ଦାସ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ।

ଡ. ହମିଦ ହୁସେନ କହିଥିଲେ ଯେ, ଏହା କେବଳ ଛାପା ଭୁଲ ନୁହେଁ ଏହା ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ହୋଇଥିବା ଗୁରୁତର ଅବହେଳା । ଗୋଟିଏ କିମ୍ବା ଦୁଇଟି ଭୁଲକୁ ମାନବୀୟ ତ୍ରୁଟି କୁହାଯାଇପାରେ, କିନ୍ତୁ ହଜାର ହଜାର ତ୍ରୁଟି କେବଳ ଛାପା ଭୁଲ ନୁହେଁ, ବରଂ ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାର ବିଫଳତା । ଯେଉଁ ସରକାର ପିଲାଙ୍କୁ ନିର୍ଭୁଲ ପାଠ୍ୟପୁସ୍ତକ ଦେଇପାରୁନାହିଁ, ସେ ଗୁଣାତ୍ମକ ଶିକ୍ଷାର କଥା କହିବାର ନୈତିକ ଅଧିକାର ହରାଇଛନ୍ତି । ସେ ପ୍ରଶ୍ନ କରିଥିଲେ- ବହି ଛପା ପୂର୍ବରୁ ଅନ୍ତିମ ଅନୁମୋଦନ କିଏ ଦେଇଥିଲେ । ବିଷୟ ବିଶେଷଜ୍ଞଙ୍କ ଯାଞ୍ଚ କାହିଁକି ହୋଇନଥିଲା । ଗୁଣବତ୍ତା ପରିବର୍ତ୍ତେ ଟେଣ୍ଡରକୁ କାହିଁକି ପ୍ରାଧାନ୍ୟ ଦିଆଗଲା । କୋଟି କୋଟି ଟଙ୍କାର କ୍ଷତି ପାଇଁ ଦାୟୀ କିଏ । ଯଦି ଛାତ୍ରଛାତ୍ରୀମାନେ ଏହି ଭୁଲ ପାଠ୍ୟପୁସ୍ତକ ପଢ଼ି ପରୀକ୍ଷାରେ କ୍ଷତିଗ୍ରସ୍ତ ହୁଅନ୍ତି, ସରକାର ସେହି ଦାୟିତ୍ୱ ନେବେ କି ? ଏଭଳି ଅନେକ ପ୍ରଶ୍ନ କରିଛନ୍ତି ଡ଼. ହୁସେନ । ଡ. ମନିସା ଦାସ ପଟ୍ଟନାୟକ ଶିକ୍ଷାମନ୍ତ୍ରୀଙ୍କ "ନିମ୍ବୁଡ଼ା' ଗୀତ ସମ୍ପର୍କିତ ମନ୍ତବ୍ୟକୁ କଡ଼ା ସମାଲୋଚନା କରି କହିଥିଲେ ଯେ, ଓଡ଼ିଆ ଅସ୍ମିତାର ନାରା ଦେଉଥିବା ସରକାର ଆଜି ଓଡ଼ିଶାର ପିଲାଙ୍କ ପାଠ୍ୟପୁସ୍ତକରେ ରାଜସ୍ଥାନୀ ଗୀତକୁ ଯୁକ୍ତିସଙ୍ଗତ ବୋଲି ଦର୍ଶାଇ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଅବମାନନା କରୁଛନ୍ତି । ଯଦି ସେହି ଗୀତ ରାଜସ୍ଥାନର ସଂସ୍କୃତିର ଅଂଶ, ତେବେ ରାଜସ୍ଥାନର ପାଠ୍ୟପୁସ୍ତକରେ ରହୁ ଓଡ଼ିଶାର ପିଲାଙ୍କ ଉପରେ ତାହା କାହିଁକି ଲଦାଯାଉଛି ।ଶେଷରେ କଂଗ୍ରେସ କହିଛି ଯେ, ପିଲାଙ୍କ ଭବିଷ୍ୟତ ସହ କୌଣସି ପ୍ରକାର ପରୀକ୍ଷା-ନିରୀକ୍ଷା ଚାଲିବ ନାହିଁ । ଏହା ରାଜନୀତିର ପ୍ରସଙ୍ଗ ନୁହେଁ, ଓଡ଼ିଶାର ଆଗାମୀ ପିଢ଼ୀର ପ୍ରସଙ୍ଗ ।

# ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରାରେ ସହାୟକ ହେବ: ଜିଲ୍ଲାପାଳ

ପୁରୀ, (ସବ୍ୟୁ) : ସେବାର କୌଣସି ବିକଳ୍ପ ନାହିଁ। ଏହା ସମର୍ପଣ ଓ ଅନୁଭବର କଥା ।ପ୍ରଶାସନ ଓ ସ୍ୱେଚ୍ଛାସେବୀ ମାନଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରାରେ ସହାୟକ ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା । ଗୁରୁବାର ପୂର୍ବାହ୍ନରେ ଟାଉନ ହଲଠାରେ ଚଳିତ ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କ ଦାୟିତ୍ୱ,ଭୂମିକା ,କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସ୍ୱେଚ୍ଛାସେବୀ ମାନେ ରଥଯାତ୍ରା ସମୟରେ ବିଭିନ୍ନ ସେବାରେ ସ୍ୱତଃପୂତଃ ଭାବେ ସାମିଲ ହୋଇ ଶ୍ରଦ୍ଧାଳୁ ମାନଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ।ପ୍ରଶାସନ ସହ ସେମାନଙ୍କ ସମନ୍ୱୟ ଏହାକୁ ଅଧିକ କ୍ରୀୟାଶୀଳ କରିବ ।ତେବେ ସେବା ସମୟରେ ସମର୍ପଣର ସହ ସେବା କରିବା, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉପଯୁକ୍ତ ପଦକ୍ଷେପ ନେବା, ଖାଦ୍ୟ ପ୍ରଦାନ ପରେ ପ୍ଲେଟ ବା ପତ୍ର, ଗ୍ଲାସ,ଖାଲି ପାଣି ବୋତଲ ଓ ଅନ୍ୟାନ୍ୟ ଅଳିଆ ଏଣେ ତେଣେ ନ ପକାଇ ବଡ ବଡ



କଳା ଜରିରେ ଭରି ମହାନଗର ନିଗମ ଅଳିଆ ବୁହା ଗାଡ଼ିରେ ଦେବା କିମ୍ବା ଉପଯୁକ୍ତ ସ୍ଥାନରେ ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯେଉଁ ସେବା କାର୍ଯ୍ୟ କରିବାକୁ ଦାୟିତ୍ୱ ନେଇଛନ୍ତି ତାହାକୁ ଅତ୍ୟନ୍ତ ନିଷ୍ଠାର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ସେମାନଙ୍କ କାର୍ଯ୍ୟ ଅନୁସାରେ ଦାୟିତ୍ୱ ଦେଉଥିବା ସ୍ୱେଚ୍ଛାସେବୀ ମାନଙ୍କ ତାଲିକା ପ୍ରଦାନ କରନ୍ତୁ ଯାହା ଫଳରେ ତାଙ୍କୁ ଉତ୍ତରଦାୟୀ ଭାବେ ଗ୍ରହଣ କରିବା ସହ ସେମାନଙ୍କ ସହ ଯୋଗାଯୋଗ କରାଯାଇ ପାରିବ ।ରଥଯାତ୍ରା ରେ କାର୍ଯ୍ୟ କରୁଥିବା ପ୍ରତିଟି ଅନୁଷ୍ଠାନ ଉପରେ ନଜର ରଖାଯିବ ଓ ସେମାନଙ୍କ କାର୍ଯ୍ୟ ଶୈଳୀ ଆଧାର ରେ ଭବିଷ୍ୟତରେ ସେମାନଙ୍କୁ ରଥଯାତ୍ରା ରେ ସାମିଲ କରାଯିବ କି ନାହିଁ ତର୍ଜମା କରାଯିବ ବୋଲି କମିଶନର ସ୍ପଷ୍ଟ କରିଦେଇଥିଲେ । ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସରେ ନିୟୋଜିତ ସ୍ୱେଚ୍ଛାସେବୀ ମାନେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଏସଓପି ଆଧାର ରେ କାମ କରିବା,ରନ୍ଧା ଖାଦ୍ୟ ଦେଉଥିବା ଅନୁଷ୍ଠାନ ମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବା, ଭିଡ ନିୟନ୍ତ୍ରଣ କରାଯିବ ବୋଲି ସ୍ଥିର ହେଲା ।ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ରଥଯାତ୍ରା ର ସ୍ୱତନ୍ତ୍ର ଅଧିକାରୀ ଭବତାରଣ ସାହୁ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଅକ୍ଷୟ କୁମାର ଶତପଥୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

### ଆଶୀର୍ବାଦ ଯୋଜନାରେ ଆର୍ଥୀକ ସହାୟତା ପ୍ରସଙ୍ଗ

# କୋଭିଡରେ ଅନାଥ ହୋଇଥିବା ପିଲାଙ୍କ ଭତ୍ତା ମିଳିବ କେବେ : ବିଜେଡି

ଭୁବନେଶ୍ୱର, (ସବ୍ୟୁ) : କୋଭିଡ ମହାମାରୀ ସମୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ବାପାମାଆ ଛେଉଣ୍ଡ ପିଲାମାନେ ଗତ ମାର୍ଚ୍ଚ ମାସରୁ ଆର୍ଥୀକ ସହାୟତା ପାଇନାହାଁନ୍ତି । ବୟସ୍କ, ଭିନ୍ନକ୍ଷମ ଓ ବିଧବାଙ୍କୁ ଭତ୍ତା ପ୍ରଦାନରେ ବିଫଳ ହୋଇଥିବା ସରକାର, ଛୋଟ ଛୋଟ ଅନାଥ ଶିଶୁଙ୍କ ପ୍ରତି ମଧ୍ୟ ଅମାନବୀୟ ଭାବେ ମାସିକ ଭତ୍ତା ଦେବାରେ ବିଫଳ ହେବାକୁ ନେଇ ବିଜେଡି ନିନ୍ଦା କରିଛି । ଏକ ପ୍ରେସ ବିବୃତ୍ତିରେ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି, କୋଭିଡ ମହାମାରୀ ସମୟରେ ରାଜ୍ୟର ୫୦ ହଜାରରୁ ଉର୍ଦ୍ଧ୍ୱ ଛୋଟ ଛୋଟ ଶିଶୁ ନିଜ ବାପାମାଆଙ୍କୁ ହରାଇ ଅନାଥ ହେଉଥିଲେ । ସେମାନଙ୍କ ଲାଳନପାଳନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଶୀର୍ବାଦ ଯୋଜନା ପ୍ରଚଳନ କରି ରାଜ୍ୟ ସରକାରଙ୍କ ତରଫରୁ ମାସିକ ଆର୍ଥୀକ ସହାୟତା ପ୍ରଦାନର ବ୍ୟବସ୍ଥା କରିଥିଲେ । କୋଭିଡରେ ଉଭୟ ବାପାମାଆଙ୍କୁ ହରାଇଥିବା ପିଲାମାନେ ମାସିକ ୨.୫ ହଜାର ଏବଂ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ହରାଇଥିଲେ ମାସିକ ୧.୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା । ଏହି ମାସିକ ସହାୟତା ଅର୍ଥ ଅନାଥ ଶିଶୁମାନଙ୍କୁ ଲାଳନପାଳନ କରୁଥିବା ତାଙ୍କ ସଂପର୍କୀୟ ବା ସେ ରହୁଥିବା ଅନୁଷ୍ଠାନଙ୍କୁ ସିଧାସଳଖ ଆକାଉଣ୍ଟ ପ୍ରଦାନ କରାଯାଉଥିଲା । ଗତ ମାର୍ଚ୍ଚ ମାସଠାରୁ ଏହି ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାନଯିବାରୁ ଏହି ପିଲାମାନଙ୍କ ଲାଳନପାଳନରେ ଘୋର ସଂକଟ ସୃଷ୍ଟି ହେଉଛି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ ମଧ୍ୟ ସରକାରୀ ସହାୟତା ବନ୍ଦ ହୋଇଥିବାରୁ ବର୍ତ୍ତମାନ ନିଜର ଅସହାୟତା ପ୍ରକାଶ କରୁଛନ୍ତି । ସରକାର ତୁରନ୍ତ ବକେୟା ଅର୍ଥ ରାଶି ସହ ମାସିକ ଭତ୍ତା ପ୍ରଦାନ କରିବାକୁ ବିଜେଡି ଦାବି କରିଛି ।

# କେଏମ୍ସି ଅଧିକାରୀଙ୍କୁ ୨୦ ହଜାର ଟଙ୍କା ଜୋରିମାନା

କଟକ, (ସ୍ୱପ୍ର) : ସିଏମସିରେ ଅଧିକ୍ଷଣ ଯନ୍ତ୍ର ଇଂ ଅତନୁ ସାମନ୍ତଙ୍କୁ ସୂଚନାକମିଶନର ଜୋରିମାନା କରିଛନ୍ତି । ସୂଚନାଅଧିକାରୀଙ୍କୁ ସୂଚନା ପ୍ରଦାନ କରିବାରେ ଟାଳଟୁଳ ନିତି ଆପଣେଇବା କାରଣରୁ ତାଙ୍କୁ ୨୦ ହଜାର ଟଙ୍କାର ଜୋରିମାନା ଦେବାକୁ ପଡିବ । ଅତନୁ ସାମନ୍ତ ପୂର୍ବରୁ କଟକ ମହାନଗର ନିଗମରେ ନଗରଯନ୍ତ୍ରୀ ଦାୟିତ୍ୱରେ ଥିବା ବେଳେ ଉନ୍ନତିମୂଳକ କାର୍ଯ୍ୟ ନାମରେ ବ୍ୟାପକ ଦୁର୍ନୀତି, ଅନିୟମିତତା କରିଥିବା ଅଭିଯୋଗ ହେଉଥିଲା । ମାତ୍ର ୨୦୨୩ ଜୁଲାଇ ୧୦ତାରିଖରେ କଟକ ସହରରେ ୩୫କୋଟି ଟଙ୍କାର ୧୬ ଟି ପ୍ରକଳ୍ପ ଭୂମିପୂଜନ ତତ୍କାଳୀନ କମିଶନର ନିଖିଲ ପୱନ କଲ୍ୟାଣ, ନଗରଯନ୍ତ୍ରୀ ଅତନୁ ସାମନ୍ତ ଓ ଜନପ୍ରତିନିଧିଙ୍କ ଉପସ୍ଥିତରେ ହୋଇଥିଲା । କିନ୍ତୁ ପ୍ରକଳ୍ପ ନାମରେ ବିଭାଗୀୟ ଅଧିକାରୀ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରୁଥିବା ନେଇ ଉକ୍ତ ୩୫ କୋଟି ପ୍ରକଳ୍ପ ସମ୍ପର୍କିତ ତଥ୍ୟ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ କେଏମସି ଜନସୂଚନା ଅଧିକାରୀଙ୍କୁ ସୂଚନାଅଧିକାର ଆଇନରେ ତଥ୍ୟ ମାଗିଥିଲେ । ଏହି ତଥ୍ୟ ନମିଳିବାରୁ ୨୦୨୪ ଫେବୃଆରୀ ମାସରେ ପ୍ରଥମ ଅପିଲ କରିଥିଲେ । ପ୍ରଥମ ଅପିଲ ଅର୍ଡର ପରେ ମଧ୍ୟ ନଗରଯନ୍ତ୍ରୀ ଅତନୁ ସାମନ୍ତ ତଥ୍ୟ ଦେଉନଥିବା ଅଭିଯୋଗ କରିବା ସହ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ ଜିତେନ୍ଦ୍ର । ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ ଶୁଣାଣୀକୁ ବେଖାତିର କରିବା ସହ ତଥ୍ୟ ମଧ୍ୟ ଦେଇନଥିଲେ ଅତନୁ । ୨୦୨୬ ଜୁନ ୯ ତାରିଖରେ ଅର୍ଥାତ ଦୀର୍ଘ ୨ବର୍ଷ ପରେ ରାଜ୍ୟ ସୂଚନା କମିଶନ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଦ୍ୱିତୀୟ ଅପିଲ କେସ୍ ନଂ-୫୦୮/୨୦୨୬ର ଶେଷ ଶୁଣାଣୀରେ ଜିତେନ୍ଦ୍ର ମାଗିଥିବା ତଥ୍ୟ ଦେଇନଥିଲେ କି ସୂଚନାଅଧିକାର ଆଇନଧାରା ୨୦(୧) ରେ କାହିଁକି ଦଣ୍ଡବିଧାନ ବ୍ୟବସ୍ଥା ନହେବ ତଥ୍ୟ ନଦେବାର କାରଣ ଦର୍ଶାଅ ନୋଟିସ୍ ଉତ୍ତର ଦେଇନଥିଲେ । ଏନେଇ ଅତନୁ ସାମନ୍ତ ସୂଚନାଅଧିକାର ଆଇନକୁ ବେଖାତିର କରିଥିବାରୁ ସୂଚନା କମିଶନ ଏହି ଅପିଲ ଶୁଣାଣୀରେ ଶ୍ରୀ ସାମନ୍ତଙ୍କୁ ୨୦ହଜାର ଟଙ୍କା ଜୋରିମାନା ଦେବା ପାଇଁ ଏକ ଅର୍ଡର କରିଥିବା ଜଣାପଡିଛି । ଏହି ଜୋରିମାନା ରାଜ୍ୟ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ଲିଖିତ ଆକାଉଣ୍ଟରେ ଏକମାସ ମଧ୍ୟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କମିଶନ । ଯଦି ଦାଖଲ ନକରନ୍ତି କେଏମସି କମିଶନର ଶ୍ରୀ ସାମନ୍ତଙ୍କ ଦରମା ଟଙ୍କାରୁ ୨ଟି କିସ୍ତିରେ ଏହା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ ରାଜ୍ୟ ସୂଚନାକମିଶନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ତଳମୁହାଁ ପୋଲିସ, ଉପରମୁହାଁ ଅପରାଧୀ

## ଦେଢ ମାସରେ ୨୫ ରକ୍ତାକ୍ତ ସଂଘର୍ଷ

ଭୁବନେଶ୍ୱର, (ସବ୍ୟୁ) : ଗତ କିଛିଦିନ ହେବ ରାଜଧାନୀରେ ଅପରାଧୀମାନେ ଉପରମୁହାଁ ହୋଇଛନ୍ତି ।ଦେଢ ମାସରେ ୨୫ଟି ରକ୍ତାକ୍ତ ସଂଘର୍ଷ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି । ପୋଲିସ କାର୍ଯ୍ୟାନୁଷ୍ଠାନ ତଳମୁହାଁ ହେବା ଦ୍ୱାରା ଅପରାଧୀ ଉପରମୁହାଁ ହେଉଛନ୍ତି ବୋଲି ଅପରାଧ ବିଶେଷଜ୍ଞ ମତ ଦେଉଛନ୍ତି । ପରକୀୟା ପ୍ରେମ ପାଇଁ ମଞ୍ଚେଶ୍ୱର ଥାନା ଅଞ୍ଚଳର ଗାଡକଣ ପ୍ରଧାନମନ୍ତ୍ରୀ ଆବାସ ନିକଟରେ ହତ୍ୟାକାଣ୍ଡ ହୋଇଛି । ସେହିପରି ତ୍ରିକୋଣୀୟ ପ୍ରେମ ପାଇଁ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ବୁଦ୍ଧବିହାରରେ ଦୁଇଦିନ ଧରି ରକ୍ତାକ୍ତ ସଂଘର୍ଷ ଘଟିଲା । ଖଣ୍ଡା, ଭୁଜାଲି ଧରି ରାସ୍ତାରେ ଅପରାଧୀଙ୍କ ଆକ୍ରମଣ ପ୍ରତିଆକ୍ରମଣରେ ପଥଚାରୀମାନେ ଭୟଭୀତ ହେବା ସହ ସ୍ୱାଭାବିକ ଜୀବନଯାତ୍ରା ପାଇଁ ଭୟ କରୁଛନ୍ତି । ନୂଆପଲ୍ଲୀ ଥାନା ଅଞ୍ଚଳରେ ସେହିପରି ରକ୍ତାକ୍ତ ସଂଘର୍ଷରେ ଦୁଇଜଣ ଗୁରୁତର ଆହତ ହୋଇଥିଲେ । ଏୟାରଫିଲ୍ଡ ଥାନା ଅଞ୍ଚଳରେ ରକ୍ତାକ୍ତ ସଂଘର୍ଷରୁ ଅପରାଧୀ ଆହତ ହୋଇଥିବା ବେଳେ ଅନ୍ୟ ଗୋଷ୍ଠୀ ଅପରାଧୀଙ୍କୁ ପୋଲିସ ଗିରଫ କରିଥିଲା । ଦୁଇ ଅପରାଧୀ ଗୋଷ୍ଠୀ ମଧ୍ୟରେ ପଡିଆରା ପାଇଁ ଏୟାରଫିଲ୍ଡ ଥାନା ଅଞ୍ଚଳରେ ସଂଘର୍ଷ ଘଟିଥିବା ପୋଲିସ କହିଥିଲା । ସହିଦନଗର, ଖାରବେଳନଗର, ଖଣ୍ଡଗିରି, କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଅନୁରୂପ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ପୋଲିସ ଗିରଫ କରିଥିଲେ ମଧ୍ୟ ଆହତଙ୍କ ମଧ୍ୟରୁ କେତେକ ମାସାଧିକ ସମୟ ପରେ ମଧ୍ୟ ସୁସ୍ଥ ହୋଇନାହାନ୍ତି । ଏପରିକି ଗୁରୁତର ଅପରାଧୀଙ୍କ ଆକ୍ରମଣରେ ଆହତ ଗୁରୁତର ହୋଇ ଜୀବନ ସହ ସଂଘର୍ଷ କରିବାର ନଜିର ମଧ୍ୟ ରହିଛି । ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ତିନିଦିନ ତଳେ ଘରେ ପଶି ଖଣ୍ଡାରେ ଆକ୍ରମଣ କରିବା ଓ ଜଣେ ବ୍ୟବସାୟୀଙ୍କୁ ରାସ୍ତାରେ ଆକ୍ରମଣ କରି ଗୁରୁତର କରିଥିଲେ ଅପରାଧୀ । ସେହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅପରାଧୀ ଗିରଫ ହୋଇନାହାନ୍ତି । ବଡଗଡ ଥାନା ଅଞ୍ଚଳରେ ରକ୍ତାକ୍ତ ସଂଘର୍ଷରେ ଆହତଙ୍କୁ ପୋଲିସ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଥିଲା । ଦିନକ ପରେ ଆକ୍ରମଣକାରୀଙ୍କୁ ଗିରଫ କରିଥିଲେ ମଧ୍ୟ ଅନ୍ୟ କେତେକ ଫେରାର ଅଛନ୍ତି । ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଗୋଟିଏ ଘଟଣାରେ ଗୁରୁତର ଆହତ ଏବେ ସୁଦ୍ଧା ହସ୍ପିଟାଲର ଚିକିତ୍ସିତ ହେଉଛନ୍ତି । ଦେଢ ମାସ ମଧ୍ୟରେ ୨୫ଟି ରକ୍ତାକ୍ତ ଆକ୍ରମଣ ପ୍ରତିଆକ୍ରମଣ ଘଟଣାରେ ପୋଲିସ ଅବିଳମ୍ବେ କେତେକ ଅପରାଧୀଙ୍କୁ ଗିରଫ କରିଥିଲେ ମଧ୍ୟ ଅନ୍ୟ କେତେକ ଫେରାର ଅଛନ୍ତି । ପୋଲିସ ତଳମୁହାଁ ହେବା ଦ୍ୱାରା ଅପରାଧୀମାନେ ଉପରମୁହାଁ ହୋଇ ରାସ୍ତାକୁ ଓହ୍ଲାଇଲେଣି । ଏନ୍କାଉଣ୍ଟର ହୋଇଥିଲେ ମଧ୍ୟ ଅପରାଧୀମାନେ ତାହାକୁ ଭ୍ରୂକ୍ଷେପ କରୁନାହାନ୍ତି । ରାସ୍ତାରେ ଖଣ୍ଡା କାନ୍ଧରେ ପକାଇ ବୁଲିବା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନୁହେଁ ତ ଆଉ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

# ଗର୍ଜିଲା ମୟୂରଭଞ୍ଜ ଜିଲ୍ଲା ବିଜୁ ଯୁବ, ଛାତ୍ର ଜନତା ଦଳ



ବାରିପଦା, (ସବ୍ୟୁ) : ରାଜ୍ୟରେ ଭୁଲ୍ ପାଠ୍ୟପୁସ୍ତକ ପ୍ରଣୟନ ଓ ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆଜି ମୟୂରଭଞ୍ଜ ଜିଲ୍ଲା ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ବାରିପଦାରେ ବିରାଟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ମାଧ୍ୟମରେ ଗଣଶିକ୍ଷା ମନ୍ତ୍ରୀଙ୍କ ପାଖକୁ ଏକ ଚିଠି ପ୍ରଦାନ କରାଯାଇ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ପ୍ରଦାନ କରିବାକୁ ଦାବି କରାଯାଇଛି ।

ଭୁଲ୍ ପାଠ୍ୟପୁସ୍ତକ ପ୍ରଣୟନ କରି ସରକାର ହଜାର ହଜାର କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିଛନ୍ତି । ଏହି ଘଟଣା ପାଇଁ ଗଣଶିକ୍ଷା ମନ୍ତ୍ରୀ ନୈତିକ ଭାବେ ଦାୟୀ ଥିବାରୁ ତାଙ୍କ ଇସ୍ତଫା ହିଁ ଏକମାତ୍ର ବିକଳ୍ପ ବୋଲି ବିଜୁ ଯୁବଛାତ୍ର ଜନତା ଦଳ ଦାବି କରିଛି । ଲଗାଣ ବର୍ଷା ସତ୍ତ୍ୱେ ବାରିପଦା ସହରରେ ହଜାର ହଜାର ଯୁବ ଓ ଛାତ୍ର କର୍ମୀଙ୍କ ସମାଗମରେ ରାଜ୍ୟବ୍ୟାପୀ "ଶିକ୍ଷା ବଞ୍ଚାଅ ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଉତ୍ସାହର ସହ ଆରମ୍ଭ ହୋଇଥିଲା । ଏହି ବିକ୍ଷୋଭରେ ଯୋଗଦେଇ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ବିରୋଧରେ ଯୁବ ଓ ଛାତ୍ର ସମାଜ ଏକଜୁଟ ହେବା ସହ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଆହ୍ୱାନ ଦେବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଦାବି କରିଥିଲେ । ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ପ୍ରବଳ ବର୍ଷା ସତ୍ତ୍ୱେ ଆନ୍ଦୋଳନକୁ ସଫଳ କରିଥିବା ସମସ୍ତ ଯୁବ ଓ ଛାତ୍ର କର୍ମୀଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟବାସୀ ଏହି "ଶିକ୍ଷା ବଞ୍ଚାଅ ଆନ୍ଦୋଳନକୁ ରାଜ୍ୟ ବ୍ୟାପି ଆହୁରି ତୀବ୍ରତର କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ ।

ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ପ୍ରତ୍ୟକ୍ଷ ସହଯୋଗ ତଥା ରାଜ୍ୟ ବରିଷ୍ଠ ବିଜେଡି ସାଧାରଣ ସମ୍ପାଦକ ଏବଂ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ବଳିଷ୍ଠ ଦିଗଦର୍ଶନ ଏବଂ ପରିଚାଳନାରେ ଆୟୋଜିତ ଏହି ବିଶାଳ ବିକ୍ଷୋଭ ସମାବେଶରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସଭାପତିତ୍ୱ କରିଥିଲେ ।

ଏକ ବିରାଟ ଶୋଭାଯାତ୍ରାରେ ଜିଲ୍ଲାର ପୂର୍ବତନ ବିଜେଡି ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି ଏବଂ ବାରିପଦାର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ଏକ କକେଇରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକାକୁ ନେଇ ଏକ ଅଭିନବ ଉପାୟରେ ସାମିଲ ହୋଇଥିଲେ । ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଯୁବ କର୍ମୀ ଓ ଅଭିଭାବକ ଏହି ଆନ୍ଦୋଳନରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ରାଇସେନ ମୁର୍ମୁ, ଚକ୍ରଧର ହେମ୍ବ୍ରମ, ବରିଷ୍ଠ ନେତା ପ୍ରଭାତ ନାୟକ, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ୍ ମହାନ୍ତି, ସହର ସଭାପତି ପ୍ରଭାତ ମହାନ୍ତି, ଉପନଗରପାଳ ସୀମା ଦାସ, ଦୀପ୍ତିଲତା ମିଶ୍ର, ପ୍ରୀତିନନ୍ଦା କାନୁନଗୋ, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ଆଭାସ ଦେ, ଜିତ ପଟ୍ଟନାୟକ ଓ ଆଶୀର୍ବାଦ ଦାସ ପ୍ରମୁଖ ଯୋଗଦାନ କରିଥିଲେ ।

## ୯ ଦଫା ଦାବି ନେଇ ଆଶାକର୍ମୀ ସଂଘର ବିକ୍ଷୋଭ

# ଦାବି ପୂରଣ ନହେଲେ ହେବ ତୀବ୍ର ଆନ୍ଦୋଳନ



ଛତ୍ରପୁର, (ସବ୍ୟୁ) : ଭାରତୀୟ ମଜଦୁର ସଂଘ ଅନୁମୋଦିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ୯ ଦଫା ଦାବି ନେଇ ଗୁରୁବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘେରାଉ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନସ୍ଥ କାର୍ଯ୍ୟରତ ସମସ୍ତ ଆଶାକର୍ମୀଙ୍କ କର୍ମଚାରୀ ମାନ୍ୟତା ପ୍ରଦାନ ସହିତ ସର୍ବନିମ୍ନ ଦରମା ୧୮୦୦୦ ଟଙ୍କା, ଇ.ଏସ୍.ଆଇ. ଏବଂ ଇ.ପି. ଏଫ୍.ଓ. ଅନ୍ତର୍ଗତ ପଞ୍ଜୀକୃତ କରି ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପ୍ରତିମାସ ୧୦ ତାରିଖରେ ଦରମା ପ୍ରଦାନ ସୁନିଶ୍ଚିତ କରିବା ଏହା ବ୍ୟତୀତ ସେମାନଙ୍କ ଉପରେ ହେଉଥିବା ଦୁର୍ବ୍ୟବହାର ଓ ଅସଦାଚରଣ ଉପରେ କାର୍ଯ୍ୟାନୁଷ୍ଠାନ, ପ୍ରତି ଗାଁରେ ଅଙ୍ଗନୱାଡି ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆଶା କେନ୍ଦ୍ର ନିର୍ମାଣ, ଶିକ୍ଷାଗତ ଯୋଗ୍ୟତା ଆଧାରରେ ତାଲିମ ପ୍ରଦାନ କରି ଏ.ଏନ୍.ଏମ୍. ପଦବୀକୁ ପଦୋନ୍ନତି ଯୋଜନା ପ୍ରସ୍ତୁତି, କାର୍ଯ୍ୟ ସମୟରେ ଦୁର୍ଘଟଣା ବାବାଦରେ ପରିବାରକୁ ୧୦ ଲକ୍ଷ ଟଙ୍କା ତଥା ଶାରୀରିକ ଅକ୍ଷମତା ହେଲେ ୫ ଲକ୍ଷ ଟଙ୍କା ସହାୟତା ନିମନ୍ତେ ଗ୍ରୁପ ସ୍ୱାସ୍ଥ୍ୟ ବୀମା, ସେବା ନିବୃତ୍ତ ସମୟରେ ଏକକାଳୀନ ୧୦ ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ୫ ହଜାର ଟଙ୍କା ଭତ୍ତା ପ୍ରଦାନ, ସୁଚାରୁ ରୂପେ କାର୍ଯ୍ୟ ପରିଚାଳନା ନିମନ୍ତେ ୫ଜି ମୋବାଇଲ ଫୋନ କରିବା ଭଳି ୯ ଦଫା ଦାବି ପୂରଣ କରିବା ପାଇଁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ରରେ ଉଲ୍ଲେଖ କରିଥିଲେ ।

ସେମାନଙ୍କ କହିବା ଅନୁସାରେ ଯଦି ସରକାର ଉକ୍ତ ଦାବି ଗୁଡ଼ିକ ପୂରଣ ନକରନ୍ତି ତେବେ ସେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ସଂଘର ସଦସ୍ୟମାନେ ପ୍ରାରମ୍ଭରେ ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଞ୍ଚି। ଜିଲାପାଳଙ୍କ ଅନୁପସ୍ଥିତିରେ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ଦେହରେ ପେଟ୍ରୋଲ ଢାଳି ମହିଳା ଗୁରୁତର, ଏମ୍ସ ସ୍ଥାନାନ୍ତର

ବ୍ରହ୍ମପୁର, (ସବ୍ୟୁ) : ଜଣେ ମହିଳା ଗୁରୁବାର ତାଙ୍କ ଶାଶୁଘରେ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ଗୁରୁତର ଜଣଙ୍କ ହେଲେ କାଳି ପ୍ରସାଦ ମିଶ୍ରଙ୍କ ସ୍ତ୍ରୀ' ରାଜଲକ୍ଷ୍ମୀ ମିଶ୍ର(୨୪) । ତାଙ୍କ ଶରୀରର ଶତକଡା ୭୦ ଭାଗ ପୋଡିଯାଇଛି ।

ପୋଲିସ ଉପସ୍ଥିତିରେ ଡାକ୍ତରଦଳ ଆହତ ମହିଳାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଛି । ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି । ପୋଲିସ ଘଟଣା ସ୍ଥଳକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରୁଛି । ଅନ୍ୟପଟେ ସାଇଣ୍ଟିଫିକ ଟିମ ସେଠାରେ ପହଞ୍ଚି ଜୈବ ନମୁନା ସଂଗ୍ରହ କରି ତଦନ୍ତ କରୁଛି । ଘଟଣାରୁ ପ୍ରକାଶ ଯେ, କାଳି ପ୍ରସାଦ ମିଶ୍ର ଦୁଇବର୍ଷ ପୂର୍ବେ କେ.ନୂଆଗାଁ ଥାନା ଚିକିଟି ଅଞ୍ଚଳର ରାଜଲକ୍ଷ୍ମୀ ମିଶ୍ରଙ୍କୁ ବିବାହ କରିଥିଲେ । ରାଜଲକ୍ଷ୍ମୀଙ୍କ ବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ଅଟନ୍ତି । କାଳି ପ୍ରସାଦ ମିଶ୍ର, ତାଙ୍କ ସ୍ତ୍ରୀ, ରାଜଲକ୍ଷ୍ମୀ, ମା'ଓ ସାନଭାଇ ସହ ବାସୁଦେବ ନଗରରେ ରହୁଥିଲେ । ଘରୋଇ ଅଶାନ୍ତିରୁ କାଳି ପ୍ରସାଦ ମିଶ୍ର ଭୁବନେଶ୍ୱର ଚାଲିଯାଇଥିଲେ । ସେହିପରି ରାଜଲକ୍ଷ୍ମୀ ମଧ ତାଙ୍କ ବାପା ଘରକୁ ଚାଲିଯାଇଥିଲେ । ଗୁରବାର ସକାଳେ ସେ ତାଙ୍କ ଶାଶୁ ଘରକୁ ଆସି ତାଙ୍କର କିଛି ସାମଗ୍ରୀ ନେବେ ବୋଲି କହିଥିଲେ । ସେ ଘର ଭିତରାକୁ ଯାଇଥିଲେ । ପରେ ସେ ଉପର ମହଲାକୁ ଯାଇ ହଠାତ ଚିତ୍କାର କରିଥିଲେ । ଘର ଭିତରେ ବୃଦ୍ଧା ଶାଶୁ ମା' ଥିବା ବେଳେ ତାଙ୍କ ଦିଅର ଯାଇ ଦେଖିବା ବେଳେ ସେ ଜଳୁଥିଲେ । ପରେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଶରୀରର ଅଧିକାଂଶ ଅଂଶ ପୋଡି ଯାଇଥିବା ନେଇ ଡାକ୍ତର କହିଥିଲେ । ଖବର ପାଇ ନିମଖଣ୍ଡି ପୋଲିସ ମଧ ସେଠାରେ ପହଞ୍ଚିଥିଲା । ମହିଳା ଜଣଙ୍କ ସଙ୍କଟାପର୍ଣ୍ଣ ଥିବା ବେଳେ ତାଙ୍କ ବୟାନ ରେକର୍ଡ କରାଯାଇଛି । ପରେ ତାଙ୍କୁ ଏମ୍ସ ସ୍ଥାନାନ୍ତର ହୋଇଛି । ଘରୋଇ ଅଶାନ୍ତିରୁ ମହିଳା ଜଣଙ୍କ ଏଭଳି ଭାବେ ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି ।

## ୱାଟ୍‌କୋ ଡିଭିଜନ୍‌ରେ ୨୬କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ଫିକ୍ସିଂ

# ଭିଜିଲାନ୍ସ ତଦନ୍ତ ଦାବିରେ ଜିଲ୍ଲା ଯୁବକଂଗ୍ରେସର ଦାବିପତ୍ର



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହରରେ ଥିବା ୱାଟକୋ ଡିଭିଜନ୍, ବାରିପଦାରେ ହୋଇଥିବା ୨୬କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ଫିକ୍ସିଂ ଓ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନିମ୍ନମାନର ସାମଗ୍ରୀ କିଣା ଓ ଲକ୍ଷ ଲକ୍ଷ ଟଙ୍କାର କଟକରୁ ଅଫିସ ଷ୍ଟେସନାରୀ କିଣା ହେବା ସହିତ ଓପିଡବ୍ଲୁଡି କୋଡ୍‌କୁ ଉଲଂଘନ କରି ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସ୍ଲିଟିଂ ପ୍ରୋପଜାଲ୍ ପ୍ରସ୍ତୁତ କରି ମୟୂରଭଞ୍ଜ ଜିଲ୍ଲା ବାହାରର ପ୍ରାୟ ୩୧ ଜଣ ଠିକାଦାରଙ୍କୁ କାର୍ଯ୍ୟାଦେଶ ଓ ସପ୍ଲାଏ ଅର୍ଡର ପ୍ରଦାନ କରିଥିବାର ତଥ୍ୟ ସୂଚନା ଅଧିକାର ଆଇନରେ ଆବେଦନ କରାଯାଇଥିଲା । ଏହି ତଥ୍ୟ ମିଳିବା ପରେ ଏ ବାବଦରେ ଏକ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କୁ କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଛି।

ପ୍ରକାଶଥାଉ କି ଓଡ଼ିଶାରେ ବିଜେପି ସରକାରଙ୍କ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ୱାଟକୋ ଡିଭିଜନ୍ ବାରିପଦା ଏବଂ ସେହି ବିଭାଗର ମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲାର ମନ୍ତ୍ରୀ ହୋଇଥିବାବେଳେ ମନ୍ତ୍ରୀଙ୍କ ଜିଲ୍ଲାରେ ତାଙ୍କ ନିଜ ବିଭାଗରେ ଟେଣ୍ଡର ଫିକ୍ସିଂ ହେବା ଓ ନିମ୍ନମାନର କାର୍ଯ୍ୟ ହେବା ଏବଂ ନିମ୍ନମାନର ସାମଗ୍ରୀ କ୍ରୟ, ଜିଲ୍ଲା ବାହାରରେ ୩୧ଜଣରୁ ଊର୍ଦ୍ଧ୍ୱ ଠିକାଦାରଙ୍କୁ ମୟୂରଭଞ୍ଜ ଜିଲ୍ଲାରେ ଟେଣ୍ଡର ଫିକ୍ସିଂ କରି କାର୍ଯ୍ୟାଦେଶ ଦେବା ଓ ସପ୍ଲାଏ ଅର୍ଡର ଦେବା ଲୋକଙ୍କ ସରକାରରେ ଜିଲ୍ଲାର ଯୁବକମାନଙ୍କ ବିକାଶରେ ପ୍ରଶ୍ନ ସୃଷ୍ଟି କରୁଛି ।

ଜିଲ୍ଲାର ହଜାର ହଜାର ଶିକ୍ଷିତ ଯୁବକ ବାହାର ରାଜ୍ୟରେ ଦାଦନ ଖଟୁ ଥିବାବେଳେ ବାହାର ଜିଲ୍ଲାର ବହୁ ଠିକାଦାର ମନ୍ତ୍ରୀଙ୍କ ଅଧୀନରେ ଥିବା ବିଭାଗରେ ତିନି ପାଡି ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା ଯାହାକି ମନ୍ତ୍ରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି । ଏନେଇ ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାର ମନ୍ତ୍ରୀ ମହୋଦୟଙ୍କୁ ନିବେଦନ କରୁଛି ସଂପୃକ୍ତ ଘଟଣା ଯଦି ମନ୍ତ୍ରୀଙ୍କ ଅଗୋଚରରେ ହେଉଥାଏ ତେବେ ମନ୍ତ୍ରୀ ମହୋଦୟ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବେ ଯାହା ଜିଲ୍ଲାର ଦୁର୍ନୀତି ଖୋର ଅଫିସରଙ୍କ ପାଇଁ ଏକ ଚେତାବନୀ ହେବ । ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ତରଫରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ଏହାର ତଦନ୍ତ କରି ସତ୍ୟାସତ୍ୟ ଅନୁଧ୍ୟାନ କରି ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଆଗାମୀ ୭ଦିନ ମଧ୍ୟରେ ଜିଲ୍ଲାପାଳ ନିର୍ଦ୍ଦେଶ ନଦେଲେ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

## ଦାୟିତ୍ୱ ନଦେଇ ନିଲମ୍ବିତ ପ୍ରଧାନ ଶିକ୍ଷୟିତ୍ରୀ ଫେରାର

# ସାର୍ଟିଫିକେଟ ନପାଇ ଆଡ଼ମିସନରୁ ବଞ୍ଚିତ ହେଲେ ଛାତ୍ରୀ

ବୁଗୁଡ଼ା, (ସବ୍ୟୁ) : ଦାୟିତ୍ୱ ନଦେଇ ପ୍ରଧାନ ଶିକ୍ଷୟତ୍ରୀ ଫେରାର । ଟି.ସି ନପାଇ ଛାତ୍ରୀମାନେ ଆଜି ଯୁକ୍ତ ଦୁଇ ଆଡ଼ମିସନରୁ ବଞ୍ଚିତ ହୋଇଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ବାଲିପଦର ସ୍ଥିତ ଶ୍ରୀ ରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧି ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଥିବା ବେଳେ ଏପର୍ଯ୍ୟନ୍ତ କାହାକୁ ଦାୟିତ୍ୱ ହସ୍ତାନ୍ତର କରି ନଥିବାରୁ ଆଜି ଏହିରି ଅବସ୍ଥା ସୃଷ୍ଟି ହୋଇଥିଲା । ଆଜି ଅଧିକାଂଶ ପିଲାଙ୍କ ଯୁକ୍ତ ୨ ଆଡ଼ମିସନ ଥିବାରୁ ଟିସି ଓ ଅନ୍ୟାନ୍ୟ ସାର୍ଟିଫିକେଟ ଆଣିବା ପାଇଁ ପିଲା ଓ ଅଭିଭାବକମାନେ ସ୍କୁଲରେ ପହଞ୍ଚିଥିଲେ ।

ତେବେ ପ୍ରଧାନ ଶିକ୍ଷୟତ୍ରୀଙ୍କ ପ୍ରକୋଷ୍ଠରେ ଚାବି ପଡ଼ିଥିବା ଏବଂ କୌଣସି ଶିକ୍ଷୟତ୍ରୀଙ୍କୁ ସେ ଦାୟିତ୍ୱ ଦେଇ ନଥିବାରୁ ଅଭିଭାବକମାନେ ହୋହାଲ୍ଲା କରିବା ସହ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ପୋଲିସ କହିବା ପ୍ରକାରେ ଅଭିଭାବକମାନେ ପ୍ରଧାନ ଶିକ୍ଷୟତ୍ରୀଙ୍କ ଘରକୁ ଯାଇଥିଲେ ହେଁ ତାଙ୍କ ଘରେ ତାଲା ଝୁଲୁଥିବା ଦେଖି ନିରାଶରେ ଫେରିଥିଲେ । ପରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କେ.ନୀଳ ମାଧବ ଆଚାରୀ ଘଟଣା ସ୍ଥଳରେ ପହଞ୍ଚି ଜିଲ୍ଲାପାଳଙ୍କୁ ସମସ୍ତ ଅସୁବିଧା ସମ୍ପର୍କରେ ଅବଗତ କରିଥିଲେ । ଜିଲ୍ଲାପାଳ ଡିଇଓଙ୍କୁ ତୁରନ୍ତ ଘଟଣାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷୟତ୍ରୀ ସୁମିତ୍ରା ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରି ପୋଲିସରେ ଅଭିଯୋଗ କରି ତୁରନ୍ତ ତାଲା ଭାଙ୍ଗି ପିଲାଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ପାଇଁ କହିଥିଲେ । ତେବେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ବିନା ତାଲା ଭାଙ୍ଗି ହେବନି ବୋଲି ପୋଲିସ କହିବା ପରେ ଆଜି ସାର୍ଟିଫିକେଟ ନେବା ପାଇଁ ଆସିଥିବା ଅଭିଭାବକ ଓ ଛାତ୍ରୀମାନେ ନିରାଶରେ ଘରକୁ ଫେରିଥିଲେ । ପ୍ରକାଶ ଥାଉ କି, ବୈଜୟନ୍ତୀ ମାଳାଙ୍କ ବିରୁଦ୍ଧରେ ଗ୍ରାମବାସୀ ଆଣିଥିବା ଦୁର୍ନୀତି ଅଭିଯୋଗ କ୍ରମେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଦେଶାଙ୍କ ୯୪୫୬ ତା୨୧-୦୫-୨୦୨୬ରିଖ ପ୍ରକାରେ ତାଙ୍କୁ ନିଲମ୍ବନ ଆଦେଶ ପ୍ରଦାନ କରାଯିବା ସହ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୈନିକ ହାଜିରା ଦେବା ପାଇଁ ନିର୍ଦ୍ଦେଶ ମିଳିଥିଲା ।

## ବିଟ୍ ରାସ୍ତାରେ ବର୍ବର ଆକ୍ରମଣ

# ମହିଳାଙ୍କ ସମେତ ଦୁଇ ଗିରଫ



ବ୍ରହ୍ମପୁର, (ସବ୍ୟୁ) : ବଡ଼ବଜାର ଥାନା ହରିଡ଼ାଖଣ୍ଡି ମାଛ ବଜାର ନିକଟରେ ଗତ ୨୪ ମେ ରାତିରେ ମଙ୍ଗଳା ବେହେରାଙ୍କୁ ଅତି ବର୍ବରତାସହ ମରଣାତ୍ମକ ଆକ୍ରମଣ ହୋଇଥିଲା । ପୋଲିସ ଘଟଣା ପରେ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁଙ୍କୁ ଏନକାଉଣ୍ଟରରେ କାବୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଦୁଇ ଜଣଙ୍କୁ ଗିରଫ କରିଛି । ସେମାନେ ହେଉଛନ୍ତି କୁଠାରିମନ୍ଦିର ସାହିର ଟି. ବିନୟ ରାଓ ଓରଫ ଚିନୁ (୩୧) ଏବଂ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଖଜୁରିଆର ଶିଳା ସାମନ୍ତରାୟ ଓରଫ ସୁଲି (୩୬) ।

ଗିରଫ ପରେ ଉଭୟଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରିଛି ପୋଲିସ । ପୋଲିସ ସୂଚନା ଅନୁସାରେ, ଗତ ୨୪ ମେ ରାତି ପ୍ରାୟ ୯ଟା ସମୟରେ ମଙ୍ଗଳା ବେହେରା ହରିଡ଼ାଖଣ୍ଡି ମାଛ ବଜାର ନିକଟସ୍ଥ ଏକ ଫାଷ୍ଟଫୁଡ୍ ଦୋକାନରେ ବେଳେ ଜଗା ଓରଫ ଜଗନ୍ନାଥ ସାହୁ, ବଳିଆ ଓରଫ ବଳରାମ ସାହୁ ଏବଂ ଚିନୁ ଓରଫ ଟି. ବିନୟ ଚାଉମିନ୍ ଖାଉଥିବା ବେଳେ ତାଙ୍କ ନିକଟକୁ ଆସି ମଙ୍ଗଳା ପ୍ରଥମେ ଯୁକ୍ତିତର୍କ କରିଥିଲେ । ପରେ ଜଗା ଓ ବଳିଆ ଖଣ୍ଡାରେ ମଙ୍ଗଳାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଚିନୁ ରାସ୍ତାର ଅନ୍ୟପାର୍ଶ୍ୱରେ ରହି ପୋଲିସର ଗତିବିଧି ଉପରେ ନଜର ରଖିଥିଲା ।

ଘଟଣାର ଖବର ପାଇ ବଡ଼ବଜାର ଥାନା ପୋଲିସ ତୁରନ୍ତେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ମଙ୍ଗଳାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମଙ୍ଗଳାଙ୍କ ମୃତ୍ୟୁକାଳୀନ ଜବାନବନ୍ଦୀ ରେକର୍ଡ କରାଯାଇଥିଲା । ସେଥିରେ ସେ ଜଗା, ବଳିଆ ଓ ଚିନୁ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ବୟାନ ଦେଇଥିବା ପୋଲିସ କହିଥିଲା । ପୋଲିସ ବିଶ୍ୱସ୍ତ ସୂଚନା ପାଇ ହରିଡ଼ାଖଣ୍ଡି ଆନନ୍ଦ ନଗରରେ ଚଢ଼ାଉ କରିଥିଲା । ସେଠାରୁ ଚିନୁଙ୍କୁ ଗିରଫ କରାଯାଇଥିବା ବେଳେ ବଳିଆ ଘରର ପଛପଟ ଦେଇ ଫେରାର ହୋଇଯାଇଥିଲା ।

ତଦନ୍ତରେ ଜଣାପଡ଼ିଛି ଯେ ଶିଳା ସାମନ୍ତରାୟ ଫେରାର ଅଭିଯୁକ୍ତମାନଙ୍କୁ ନିଜ ଘରେ ଆଶ୍ରୟ ଦେବା ସହ ନିଜ ସିମ୍ କାର୍ଡ ବ୍ୟବହାର ପାଇଁ ଦେଇଥିଲେ। ଏହାଛଡ଼ା ହ୍ୱାଟ୍‌ସଆପ୍ ଜରିଆରେ ଅଭିଯୁକ୍ତମାନଙ୍କ ସହ ଯୋଗାଯୋଗ ରଖିବା, ଭିଡିଓ ଓ ଫଟୋ ଆଦାନ-ପ୍ରଦାନ କରିବା ଏବଂ ସେମାନଙ୍କ ଆଧାର କାର୍ଡ ଆଇନଜୀବୀଙ୍କୁ ପଠାଇ ଅଗ୍ରିମ ଜାମିନ ପାଇଁ ସହାୟତା କରିଥିବା ପ୍ରମାଣ ପାଇଥିଲା ପୁଲିସ । ଏହାସହିତ ଗିରଫରୁ ବଞ୍ଚିବା ପାଇଁ ଶିଳା ନିଜ ମୋବାଇଲ ବନ୍ଦ କରି ଅଭିଯୁକ୍ତମାନଙ୍କୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘରେ ପ୍ରାୟ ଏକ ମାସ ଧରି ଲୁଚାଇ ରଖିଥିଲା ବୋଲି ଜଣାପଡିଛି ।

## ଗାହାଣ ଓ ସଖୀନାଟର ସଂରକ୍ଷଣ, ସମ୍ପ୍ରସାରଣ ପାଇଁ ଦୁଇ ଦିନିଆ କର୍ମଶାଳା

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଲୋକସଙ୍ଗୀତ 'ଗାହାଣ' ଓ ଲୋକନୃତ୍ୟ 'ସଖୀନାଟ'ର ସଂରକ୍ଷଣ ଓ ସମ୍ପ୍ରସାରଣ ଏବଂ ପ୍ରଚାର-ପ୍ରସାର ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ୧୩ ଓ ୧୪ ଜୁଲାଇ ୨୦୨୬ ତାରିଖରେ ଦୁଇ ଦିନିଆ କର୍ମଶାଳା ଆୟୋଜିତ ହେବ । ୧୩ ଜୁଲାଇରେ 'ଗାହାଣ' ଏବଂ ୧୪ ଜୁଲାଇରେ 'ସଖୀନାଟ' ଉପରେ ଏହି କର୍ମଶାଳା ସକାଳ ୯.୩୦ ଘଟିକାରୁ ଆରମ୍ଭ ହେବ । କର୍ମଶାଳାରେ ଯୁବ ଅଂଶଗ୍ରହଣକାରୀମାନଙ୍କୁ ଏହି ଦୁଇ ପାରମ୍ପରିକ ଲୋକକଳାର ଇତିହାସ, ବୈଶିଷ୍ଟ୍ୟ, ପରିବେଷଣ ଶୈଳୀ, ସଂରକ୍ଷଣ ସମ୍ପର୍କରେ କଳାକାର ଓ ବିଶେଷଜ୍ଞମାନେ ପ୍ରଶିକ୍ଷଣ, ଦିଗଦର୍ଶନ ପ୍ରଦାନ କରିବେ । ଏହି ସାଂସ୍କୃତିକ କର୍ମଶାଳାରେ କଳାପ୍ରେମୀ ଜନସାଧାରଣଙ୍କୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ଓ ସାର୍ଥକ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ବନ ମହୋତ୍ସବ ସପ୍ତାହ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ଖରିଡା ମା' ସ୍ୱପ୍ନେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ ମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲିପଦର ବନପାଳ ସୁକାନ୍ତ କୁମାର ପଟ୍ଟନାୟକ ଯୋଗଦେଇ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । ସେହିପରି ବି. କରଡ଼ାବାଡ଼ି ଗ୍ରାମସ୍ଥିତ ପିଏମଶ୍ରୀ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ହାଁସଦାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବନ ମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ବନପାଳ ସୁଧିର କୁମାର ପଟ୍ଟନାୟକ ଯୋଗଦେଇଥିଲା ବେଳେ ଏ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ଅନ୍ୟପକ୍ଷରେ ସ୍ଥାନୀୟ ପିପୁଲ୍ସ କଲେଜରୟୁଥ ରେଡକ୍ରସ ପକ୍ଷରୁ ଅଧ୍ୟାପକ ପବିତ୍ର ଖଣ୍ଡୁଆଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ୭୭ତମ ବନମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ପୂର୍ବକ ବନମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କେ ଆଲୋକପାତ କରିଥିଲେ ।

## ଜାତୀୟ ସମବାୟ ବିଭାଗର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରକ୍ତଦାନ ଶିବିର

# ୩୪ ୟୁନିଟ ରକ୍ତ ସଂଗୃହୀତ

ବାରିପଦା, (ସବ୍ୟୁ) : ମୁର୍ଗାବାଡି ସ୍ଥିତ ଉପନିବନ୍ଧକ, ସମବାୟ ସମିତି ସମୂହ, ମୟୂରଭଞ୍ଜ ଆନୁକୂଲ୍ୟରେ ଭାରତ ସରକାରଙ୍କ ସମବାୟ ବିଭାଗର ୫ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପନିବନ୍ଧକ ଅଶୋକ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସୟ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବରିଷ୍ଠ ସହକାରୀ ନିବନ୍ଧକ, ବାରିପଦା ତୁଷାର ମହାନ୍ତି, ସହକାରୀ ନିବନ୍ଧକ, ଉଦଳା ନାରାୟଣ ପାତ୍ର, ରେଡ଼କ୍ରସର ଆଜୀବନ ସଭ୍ୟ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୩୪ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

## ଲୁଚାଛପାରେ ଚାଲିଥିଲା ବାଣ ବେପାର, ଜବତ କଲା ପୋଲିସ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ସହର ମଦନ ମୋହନ ଛକସ୍ଥିତ ଗଣେଶ ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟରେ ବେଆଇନ ବାଣ ବେପାର ଚାଲିଥିବା ବେଳେ ପୋଲିସ ସେଠାରେ ଚଢାଉ କରି ପି.ସାଇ ପାତ୍ରଙ୍କ ଦୋକାନରୁ ବିଭିନ୍ନ ପ୍ରକାର ବାଣ ଜବତ କରିଛି ।

ଏନେଇ ପୋଲିସ ଥାନାରେ କେସ୍ ନଂ ୩୪୦/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ବୁଗୁଡ଼ାରେ ଲୁଚାଛପାରେ ବେଆଇନ ଭାବେ ବାଣ ବେପାର ଚାଲୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଏସ୍‌ଆଇ ଅଜୟ ମଲ୍ଲିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସାଇ ପାତ୍ରଙ୍କ ଦୋକାନରେ ଅଚାନକ ଚଢ଼ାଉ କରି ସେଠାରୁ ପ୍ରାୟ ୭୦ ହଜାର ଟଙ୍କାର ବାଣ ଜବତ କରିଥିବା ଜଣାପଡିଛି ।

## ଦୀର୍ଘ ପ୍ରତୀକ୍ଷାର ଅନ୍ତ

# ସୁନ୍ଦରପୁରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ନିଜସ୍ୱ କୋଠା ଲୋକାର୍ପିତ



ଛତ୍ରପୁର, (ସବ୍ୟୁ): ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି । ଛତ୍ରପୁର ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ନିଜସ୍ୱ ନୂତନ କୋଠା ଉଦଘାଟିତ ହୋଇଯାଇଛି । ଏହାର ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହେବା ସହିତ ପାଖାପାଖି ୧୪ ହଜାରରୁ ଅଧିକ ଲୋକ ଏହାର ସୁବିଧା ପାଇବେ । ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉଦଘାଟନ କରିଛନ୍ତି । ୨୧ ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ସମିତି ସଭ୍ୟା ସୁଜ୍ଞାନୀ ସେଠି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ମୁନା ଦାସ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସ୍ୱାଧୀନ କୁମାର ରଥ, ବିପିଏମ ଶଶାଙ୍କ ଶେଖର ପଣ୍ଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ଓ ଆରୋଗ୍ୟ ମନ୍ଦିରର ଇନଚାର୍ଜ ଆୟୁଷ ଡାକ୍ତର ମମତା ମିଶ୍ର, ବ୍ରହ୍ମପୁର ରୋଟାରି କ୍ଲବର ସଭାପତି ରୋଟାରିଆନ ସାର୍ଥକ, ସମ୍ପାଦିକ ରୋଟାରିୟନ ଭବାନୀଚେ ଚେୟାରମ୍ୟାନ ଡା. ସ୍ୱାତୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗଦେଇ ଲୋକଙ୍କୁ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକୁ ବୁଲି ଦେଖିଛନ୍ତି । ଏହି ଅବସର ରେ ଅଧୀକ୍ଷକ ଡାକ୍ତର ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ପ୍ରଧାନମନ୍ତ୍ରୀ ମାତୃତ୍ୱ ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ୧୦୧ ଜଣ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଅନ୍ୟାନ୍ୟ ରୋଗରେ ପୀଡିତ ୮୫ ଜଣ ରୋଗୀ ଏକ୍ସରେ କରାଯାଇଥିଲା। ପ୍ରାରମ୍ଭରେ ଆରୋଗ୍ୟ ମନ୍ଦିର ପରିସରରେ ସବୁଜ ସପ୍ତାହ ପାଳନ ଉପଲକ୍ଷେ ବିଧାୟକ ଶ୍ରୀ ନାୟକ ଔଷଧୀୟ ଚାରାରୋପଣ କରିଥିଲେ । ଦୀର୍ଘ ଦିନ ଧରି ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କୋଠା ନିର୍ମାଣ ହୋଇ ହସ୍ତାନ୍ତର ହେଉନଥିବା ଖବର ପ୍ରସାରଣ ପରେ ଏହାକୁ ଆଜି ଉଦଘାଟନ କରାଯାଇ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା ଅନୁପସ୍ଥିତ ରହିଥିଲେ । କାହିଁକି ଏତେବଡ଼ କାର୍ଯ୍ୟକ୍ରମରେ ଖୋଦ ସରପଞ୍ଚ ଅନୁପସ୍ଥିତ ରହିବା ତାହା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।

# ମାଲ୍ୟଗିରି ପାହାଡରେ ଫସିଥିବା ୩ ଯୁବକ ୨୨ଘଣ୍ଟା ପରେ ଉଦ୍ଧାର



ପାଲଲହଡ, (ସବ୍ୟୁ) : ଗତକାଲି ବୁଧୁବାର ଦିନ ପ୍ରାୟ ବାରଟା ବେଳେ ଭୁବନେଶ୍ୱର, କେନ୍ଦୁଝର, ବଡ଼ବିଲ ଓ ଚମ୍ପୁଆ ଅଂଚଳର ତେରଜଣ ଯୁବକ ଏକା ସାଙ୍ଗେ ୩୯୯୬ଫୁଟ ସୁଉଚ ମାଲ୍ୟଗିରି ପାହାଡକୁ ବୁଲିବାକୁ ଯାଇଥିଲେ । କିଛିବାଟ ଯିବାପରେ ଏଥିରୁ ଛଅ ଜଣ ଯୁବକ ତଳକୁ ଫେରିଆସିଥିଲେ । ଅନ୍ୟ ୭ ଜଣ କେନ୍ଦୁଝର ଅଞ୍ଚଳର ଯୁବକ ପାହାଡ଼ ଉପରକୁ ଯାଇଥିଲେ । ତେବେ ସେମାନଙ୍କ ମଧ୍ୟରୁ ଚାରି ଜଣ ଯୁବକ ଗତକାଲି ସନ୍ଧ୍ୟାରେ ତଳକୁ ଓହ୍ଲାଇ ଆସିବାରେ ସଫଳ ହୋଇଥିବାବେଳେ ଅନ୍ୟ ୩ ଜଣ ଯୁବକ ରାସ୍ତା ଭୁଲି ପାହାଡ଼ ଭିତରେ ଏକ ପଚିଶ ମିଟର ଖାଇ ଭିତରେ ଫସିଯାଇଥିଲେ। ତଳକୁ ଓହ୍ଲାଇ ଆସିଥିବା ଅନ୍ୟ ସାଙ୍ଗମାନଙ୍କୁ ଫସିଥିବା ସାଙ୍ଗମାନେ ଫୋନ କରି ଫସି ରହିଥିବା ସୂଚନା ଦେଇଥିଲେ ।

ଜୀବନ ବଞ୍ଚେଇ ପଳେଇ ଆସିଥିବା ସାଙ୍ଗମାନେ ୧୧୨କୁ ଫୋନ କରି ଜଣାଇଥିଲେ ମଧ୍ୟ ରାତି ହୋଇଯାଇଥିବାରୁ ସେମାନଙ୍କୁ ଉଦ୍ଧାର କରିପାରି ନଥିଲେ ସ୍ଥାନୀୟ ଅଗ୍ନିଶମ ବାହିନୀ। ଆଜି ଭୋର ସକାଳୁ ପାଲଲହଡା ଦମକଳ ବାହିନୀକୁ ସୂଚନା ଦେବା ପରେ ଉକ୍ତ ୩ ଜଣ ଯୁବକଙ୍କୁ ଉଦ୍ଧାର ପାଇଁ ପାଲଲହଡା ଅଗ୍ନିଶମ ବାହିନୀ ପାହାଡ ଉପରକୁ ୭ କିଲୋମିଟର ଯିବାପରେ ବିରାଟ ବଡ଼ ଏକ ଚଟାଣରେ ଥିବା ପଚିଶ ମିଟର ପାହାଡ଼ ଖାଇରେ ଫସିରହିଥିବା ଉକ୍ତ ୩ ଯୁବକଙ୍କ ଫୋନ ଟ୍ରାକିଙ୍ଗ କରି ଅତ୍ୟନ୍ତ ଚତୁରତାର ସହିତ ଅକ୍ଲାନ୍ତ ପରିଶ୍ରମ କରି ଦୀର୍ଘ ବାଇଶି ଘଣ୍ଟା ପରେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ଆଇଆଇସି ପ୍ରଦୀପ କୁମାର ମହାନ୍ତ ସଦଳେ ବଳେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଥିବାର ଦେଖା ଯାଇଥିଲା। ଉଦ୍ଧାର ଯୁବକ ମାନେ ହେଲେ କେନ୍ଦୁଝର ଟାଉନର ବାବୁ ମହାନ୍ତ, ଘନଶ୍ୟାମ ପାତ୍ର ଓ ଅନନ୍ତ ମୁଣ୍ଡା ବୋଲି ଜଣାପଡିଛି । ଉକ୍ତ ଘଟଣା ସମଗ୍ର ପାଲଲହଡା ସହରରେ ଚାଞ୍ଚଲ୍ୟ

## ମାଆଙ୍କ ଚିକିତ୍ସା ଓ ଚାକିରୀ ଦାବି
# ନ୍ୟାୟ ପାଇଁ ଦଣ୍ଡ ପ୍ରଣାମ କରି ଭୁବନେଶ୍ୱର ଯାତ୍ରା



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସୋଗର ଗ୍ରାମର ରୁଦ୍ର ନାରାୟଣ ସାହୁ ନିରାଶ ହୋଇ ନ୍ୟାୟ ଆଶାରେ ଦଣ୍ଡବତ ପ୍ରଣାମ କରି ଭୁବନେଶ୍ୱର ଯାତ୍ରା କରିଛନ୍ତି । ନିଜ ମାଆଙ୍କ ଚିକିତ୍ସା ଏବଂ ଚାକିରୀ ଫେରି ପାଇବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ନିଜଦାବୀ ଜଣାଇବେ ବୋଲି କହିଛନ୍ତି । କାମାକ୍ଷାନଗର ସୋଗର ଗ୍ରାମର ରୁଦ୍ର ନାରାୟଣ ସାହୁ ବିଭିନ୍ନ ସମୟରେ ପ୍ରଶାସନ ଠାରୁ ନିରାଶ ହେବା ପରେ ଗୁରୁବାର ଦଣ୍ଡବତ ଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଢେଙ୍କାନାଳରୁ ବାହାରିଛନ୍ତି ।

ସେ ଗତ ୨୦୧୮ ମସିହାରେ ଓଏସ୍‌ଏପି ପୋଲିସ ଚାକିରୀ କରିଥିବାବେଳେ ତାଙ୍କୁ ବିନାକାରଣରେ ଛଟେଇ କରିଦେଇଥିଲେ । ଫଳରେ ନ୍ୟାୟ ପାଇଁ ବାରମ୍ବାର ପ୍ରଶାସନ ତଥା ବିଭିନ୍ନ ଅଧିକାରୀଙ୍କୁ ଜଣାଇବା ପରେ ନିଜ ଚାକିରୀ ପାଇବା ଏବଂ ନିଜ ମାଆଙ୍କ କ୍ୟାନସର ଚିକିତ୍ସାପାଇଁ ଦାବୀ କରିଆସୁଛନ୍ତି । ଗତ ଦୁଇ ମାସ ତଳେ ଟାଉନ ଥାନା ସମ୍ମୁଖରେ ମୋବାଇଲ ଟାୱାର ଉପରେ ଚଢି ଦିର୍ଘ ୧୬ ଘଣ୍ଟା ରହିବା ପରେ ପ୍ରତିଶ୍ରୁତି ପାଇବା ପରେ ସେ ଓହ୍ଲାଇଥିଲେ । କିନ୍ତୁ ୨ମାସ ପରେ ସେ ନିରାଶ ହୋଇ ରାସ୍ତାରେ ଆଣ୍ଠେଇ ଆଣ୍ଠେଇ ଦଣ୍ଡବତ ଯାତ୍ରା ଆରମ୍ଭ କରିଛନ୍ତି । ରୁଦ୍ରଙ୍କ କହିବା ଅନୁସାରେ ୨୦୨୧ ମସିହାରେ ତାଙ୍କୁ ବିନକାରଣରେ ଚାକିରୀରୁ ବାହାର କରିଦେଲେ। ବାରମ୍ବାର ଦାବି ସତ୍ତ୍ୱେ କେହି କର୍ଣ୍ଣପାତ କଲେ ନାହିଁ। ମାଆଙ୍କ କ୍ୟାନସର ପାଇଁ ନିକଟରେ ଟଙ୍କାଟିଏ ନଥିବା ବେଳେ ମାଆଙ୍କ ଚିକିତ୍ସା ଏବଂ ନିଜର ଚାକିରୀ ଫେରିପାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିବାରୁ ସେ ଏହି ଯାତ୍ରା କରୁଛନ୍ତି ।

## ବାଲିଘାଟକୁ ନେଇ ରସାସିଂହ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ
# ନାଳି ପତାକାକୁ ଓପାଡ଼ି ମାଫିଆଙ୍କ ବାଲି ଚାଲାଣ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲ ଅନ୍ତର୍ଗତ ରସାସିଂହ ଗ୍ରାମରେ ବେଆଇନ ବାଲି ଘାଟ ଯୋଗୁ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାରସମ୍ମୁଖୀନ ହେଉଛନ୍ତି। ବାଲି ମାଫିଆମାନେ ସରକାରଙ୍କ ନାଲି ପତାକାକୁ ଓପାଡି ଫୋପାଡି ଦେବା ସହିତ ପୂଜା ପାଠ କରି ବାଲି ଚାଲାଣ କରୁଥିବାର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

ଢେଙ୍କାନାଳ ଜିଲ୍ଲା ସଦାଶିବପୁର ପଂଚାୟତ ରସାସିଂହ ଗ୍ରାମରେ ବେନିୟମ ଭାବେ ଚୋରା ବାଲି ଚାଲାଣ ବିରୋଧରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ନ୍ୟାୟ ଆଶାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ । ହେଲେ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ପାଇ ପୁଣି ନିରାଶ ହୋଇଛନ୍ତି ଗ୍ରାମବାସୀ । ଏହାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓଲହାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ପୂର୍ବରୁ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର ଓ ଖଣି ବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଯାଇଥିଲେ ମଧ୍ୟ କୌଣସି ଫଳ ମିଳିପାରୁନି ।ରସାସିଂହ ଗ୍ରାମରେ ବାଲିଘାଟ ନଥିବା ବେଳେ କେତେକ ବାଲି ମାଫିଆ ସରକାର ପୂର୍ବରୁ ନାଲି ପତାକା ମାରି ବାଲି ଉଠାଣ ଉପରେ ରୋକ ଲଗାଇଥିବା ବେଳେ ନାଲି ପତାକାକୁ ଓପାଡି ଫୋପାଡି ଦେଇଛନ୍ତି । ନଦୀ ପଠାରେ ପୂଜାପାଠ କରି ପୁଣି ଥରେ ବାଲି ଉଠାଇଛନ୍ତି । ବଡ ବଡ ହାଇୱାରେ ବାଲି ଚାଲାଣ ହେଉଥିବା ବେଳେ ଗ୍ରାମବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ମୁରଲୀଧର ପରିଡାଙ୍କ କହିବା ଅନୁସାରେ ରସାସିଂହରେ ସରକାରୀ ବାଲିଘାଟ ନାହିଁ । ବାଲିଘାଟ ଯୋଗୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବାଲି ଘାଟ ବନ୍ଦ କରିବାକୁ ଦାବୀ ହୋଇଛି । ଏ ସଂକ୍ରାନ୍ତରେଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହିତ ଘାଟକୁ ବନ୍ଦ କରିବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଖଣି ଉପନିର୍ଦ୍ଦେଶକ ତଥା ଢେଙ୍କାନାଳ ଜିଲ୍ଲା ଖଣି ଅଧିକାରୀ ଦାୟିତ୍ୱରେ ଥିବା ଶୁଭେନ୍ଦ୍ର ସାମଲ କୁହନ୍ତି ଯେ ଲୋକଙ୍କ ଅଭିଯୋଗ ପାଇଛୁ। ଶୁକ୍ରବାର ବିଭାଗର ଅନ୍ୟ ଅଧିକାରୀଙ୍କୁ ଏହା ପଠାଇ ଘଟଣାର ତଦନ୍ତ କରଯିବବୋଲି ପ୍ରକାଶ କରିଛନ୍ତି।

# ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଅଚଳ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ୮ ମାସ ହେବ ଅଚଳ ହୋଇ ପଡିଛି । ମରାମତି କରାଯାଉ ନଥିବା ବେଳେ ରୋଗୀମାନେ ପାଣି ପିଇବା ପାଇ ହନ୍ତସନ୍ତ ହେଉଛନ୍ତି ।

ବିଶେଷ କରି ଏହି ପ୍ରକଳ୍ପରେ ଦୀର୍ଘ ୮ ମାସ ହେବ ଥଣ୍ଡା କରୁଥିବା ଯନ୍ତ୍ରାସ ଗୁଡିକ ଅଚଳ ହେବା ଶହ ପାଣି ପମ୍ପ ଗୁଡିକ ମଧ୍ୟ ଅଚଳ ହୋଇପଡିଛି । ହେଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମରାମତି କରାଯାଉ ନାହିଁ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରକ୍ଷାଣବେକ୍ଷଣ କରା ଯାଉଥିଲେ ମଧ୍ୟ ପ୍ରକଳ୍ପ ଗୁଡିକ ମରାମତି କରାଯାଉ ନଥିବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦିଆଯାଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ

ହିନ୍ଦୋଳ ,(ସବ୍ୟୁ):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ ଏ ସି ଅଞ୍ଚଳରେ ଆଜି ୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ ଘଟିଛି । ଏନ ଏ ସି ଅନ୍ତର୍ଗତ ୧୨ ନଂ ୱାର୍ଡ଼ ବନମାଳୀପୁର ସାହିର ଆଦର୍ଶ ଶିକ୍ଷକ ହଳଧର ବେହେରା (୮୨) ଙ୍କର୍ ଆଜି ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ପରୋଲକ ଘଟିଛି । ଜଣେ ସରଳ, ନିଷ୍କପଟ, ଧର୍ମ ପରାୟଣ ଓ ଆଦର୍ଶ ଶିକ୍ଷକ ଭାବେ ସେ ହିନ୍ଦୋଳ ଏନ ଏ ସି ଅଞ୍ଚଳ ସମେତ ହିନ୍ଦୋଳ ବ୍ଲକରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ପ୍ରିୟ ଭାଜନ ହୋଇ ପାରି ଥିଲେ । ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱର୍ ହେବ ସେ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ବିୟୋଗରେ ନିଜ ଗ୍ରାମ ଓ ଆଖ ପାଖ ଗ୍ରାମ ସମେତ ଶିକ୍ଷକ ମହଲରେ ଶୋକର ଛାୟା ଖେଳି ଯାଇଛି । ସେହିଭଳି ଏନଏସିର ୪ନଂ ୱାର୍ଡ଼ ନୂଆପାଣି ସାହି ଗ୍ରାମର ବାସିନ୍ଦା ପ୍ରସନ୍ନ ପରିଡା (୭୨) ଙ୍କର ଆଜି ଦ୍ୱିପ୍ରହରରେ ବିୟୋଗ ଘଟିଛି । ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ନିଜ ଘରେ ଚିକିତ୍ସା ଧିନ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମ ପତ୍ନୀଙ୍କ ସମେତ ଦୁଇ ପୁଅ ,ଦୁଇ ଝିଅ ଭାଇ ଭଉଣୀ ଓ ଜ୍ଞାନ୍ତି କୁଟୁମ୍ବ ଉପସ୍ଥିତ ଥିଲେ । ଜଣେ ସରଳ ଓ ଧର୍ମ ପରାୟଣ ବ୍ୟକ୍ତି ଭାବେ ସେ ଅଞ୍ଚଳରେ ବେଶ ପରିଚିତ ଥିଲେ । ଶେଷ ଦର୍ଶନ ନିମନ୍ତେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କ ମର ଶରୀରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଚନା ବାରିଆ ସ୍ଥିତ ଶ୍ମଶାନରେ ଆଜି ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# ୬.୯୭ ଗ୍ରାମ ବ୍ରାଉନସୁଗର ଜବତ: ୪ ଜଣ ଗିରଫ

ଛେଣ୍ଡିପଦା, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡା ଥାନା ପୋଲିସ ପ୍ରଶାସନ ପକ୍ଷରୁ ଅପରେସନ ପ୍ରହାର ମାଧ୍ୟମରେ ସ୍ଥାନୀୟ ଜରପଡା ମା ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ଚଢ଼ାଉ କରି ୬.୯୭ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଜବତ ବ୍ରାଉନସୁଗର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏଥିସହ ଘଟଣା ସ୍ଥଳରୁ ୪ଟି ମୋବାଇଲ, ୨ଟି ବାଇକ ଏବଂ ନଗଦ ୨୪୯୦ ଟଙ୍କା ସଂପୃକ୍ତ ଅଭିଯୁକ୍ତ ଙ୍କ ଠାରୁ ଜବତ କରାଯାଇଛି ।



ଏହି ବେଆଇନ ନିଶା କାରବାରରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଏକ ଏନଡିପିଏସ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ।

ଗିରଫ ଅଭିଯୁକ୍ତମାନେ ହେଲେ ଜରପଡା ଗ୍ରାମର ସାଗର ସାହୁ (୨୫ ) , ତୁବେ ଗ୍ରାମର ଜୟକୃଷ୍ଣ ସାହୁ (୪୩) , ଜରଡା ଗ୍ରାମର ପରେଶ ଚନ୍ଦ୍ର ପ୍ରଧାନ (୨୮ ) ଏବଂ ତୁବେ ଗ୍ରାମର ପପୁ ଦେହୁରୀ (୩୮ ) ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

ଏହି ଚଢ଼ାଉରେ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ଇନସ୍ପେକ୍ଟର ରିନା ସାହୁ, ସବ ଇନସ୍ପେକ୍ଟର ଲଳିତ ମୋହନ ବିଶ୍ୱାଳ, ଏଏସଆଇ ସଞ୍ଜୟ କୁମାର ନାୟକ, ଏଏସଆଇ ଚାମୁ ଚରଣ ମହନ୍ତଙ୍କ ସମେତ ସମସ୍ତ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

## ସ୍ମାର୍ଟମିଟର ଉଚ୍ଛେଦ ଓ ଅଘୋଷିତ ବିଦ୍ୟୁତକାଟ ରୋକ ଦାବି

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହେବା ସହିତ ପ୍ରଥମେ ସ୍ମାର୍ଟ ମିଟର ଉଚ୍ଛେଦ ଓ ଅଘୋଷିତ ବିଦ୍ୟୁତ୍ କାଟ ଉପରେ ରୋକ ଲଗାଇବାକୁ ଗୁରୁତ୍ୱାରୋପ କରାଯିବା ସହିତ ଲାଗିଥିବା ମିଟରକୁ ହଟାଇ ବିଦ୍ୟୁତ୍ ସଂଯୋଗକୁ ଡାଇରେକଟ କରିବାକୁ ଦାବୀ କରାଯାଇଛି । ଗତ ତିନି ତାରିଖ ଦିନ କୁଞ୍ଜକାନ୍ତ ଅଞ୍ଚଳରେ ବିଦ୍ୟୁତ୍ କର୍ମଚାରୀ ମାନେ ବିଦ୍ୟୁତ୍ କାଟି କେତେକ ଦୋକାନ ଓ ଘରେ ସ୍ମାର୍ଟ ମିଟର ଲଗାଇଥିଲେ । ଦେଢ଼ ବର୍ଷ ହେବ ଢେଙ୍କାନାଳରେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରଥମେ ଭିତ୍ତିଭୁମି ସଜାଡ଼ିବା ପରେ ସ୍ମାର୍ଟ ମିଟର ଲଗାଇବା ପାଇଁ ଦାବି କରାଯାଇଥିଲା ।

ଘଟଣାକୁ ନେଇ କମିଟିର ସଭାପତି ଗୋପାଳ ଚନ୍ଦ୍ରପାତ ବିଦ୍ୟୁତ୍ ବିଭାଗ ପ୍ରଥମେ ଭିତ୍ତିଭୁମୀ ସଜାଡିବା ପରେ ସ୍ମାର୍ଟ ମିଟର ଲଗାଇବାକୁ ନିଷ୍ପତି ହୋଇଥିବା କହିଥିଲେ । ସ୍ମାର୍ଟ ମିଟର ଲଗାଇବାକୁ ନେଇ ଶହଶହ ଲୋକ ଏକାଠି ହେବା ସହିତ ଖୁଣ୍ଟରେ ଚଢିଥିବା କର୍ମଚାରୀଙ୍କୁ ଓହ୍ଲାଇବା ସହିତ ସ୍ମାର୍ଟ ମିଟରଗୁଡିକୁ ଭାଙ୍ଗି ଦେଇଥିଲେ । ଆଜି ଏକ ବୈଠକରେ ସମ୍ପାଦକ କବି ଶତପଥୀ, ଓକିଲ ସଙ୍ଘ ଉପସଭାପତି ଦିତିକୃଷ୍ଣ ବରାଳ, ଟଙ୍କଧର ବେହେରା, ଗୋପାଳ ପାତ୍ର ପ୍ରମୁଖ ଯୋଗଦେଇ ପ୍ରଥମେ ଲାଗିଥିବା ମିଟରକୁ ହଟାଇବା ସହିତ ବିଦ୍ୟୁତ୍ କନେକସନ ଡାଇରେକ୍ଟ କରାଯିବାକୁ କହିଥିଲେ ।

# ସୁନା ଚୋରି ଅଭିଯୋଗରେ ୭ ଗିରଫ




ତାଳଚେର, (ସବ୍ୟୁ) : ସୁନାଚୋରି ଅଭିଯୋଗରେ ୭ଜଣଙ୍କୁ ବାନ୍ଧିଲା କୋଲିୟରୀ ପୋଲିସ୍ । ସେମାନଙ୍କ ଠାରୁ ୨୨ଗ୍ରାମ ସୁନା ସହ ତାଙ୍କ ନିକଟରେ ୧ଲକ୍ଷ ୪୭ହଜାର ଟଙ୍କା ଜବତ କରାଯାଇଛି । କୋଲିୟରୀ ଥାନା ଅନ୍ତର୍ଗତ ଡ଼େରା ଅଂଚଳର ସାର୍ଥକ ସିଙ୍ଗଲ ଘରେ ତିର୍ଥମୁଖୀ ନାମକ ଜଣେ ଯୁବକ ସହାୟକ ଭାବେ କାମ କରୁଥିଲେ । ଘରେ କେହି ନଥିବାର ସୁଯୋଗ ନେଇ ତୀର୍ଥ ମାଲିକଙ୍କ ଘରୁ ଦୁଇପଟ ସୁନାଚୂଡ଼ି ନେଇ ଯାଇଥିଲା । ପରେ ଚୋରି ସୁନାକୁ ବିକ୍ରି କରିବାକୁ ସହଯୋଗୀ ଦୀପକ ଚାନ୍ଦ ସହ ଯୋଜନା କରିଥିଲେ । ଦୀପକ ଶର୍ମା ଛକରେ ଏନକେଏସ୍ ନାମକ ସୁନା ଓ ରୂପା ଦୋକାନକୁ ଯାଇ ଚୋରି ୨୧.୨୮ଗ୍ରାମ ସୁନାକୁ ସେଠାରେ ତରଳାଇ ଥିଲା ।

ପରବର୍ତ୍ତୀ ସମୟରେ ତରଳା ଯାଇଥିବା ସୁନାକୁ ନେଇ ବାସୁଦେବ ଜୁଲର୍ସ ପରିଚାଳକ ଉଦୟଭାନୁ ସାହୁଙ୍କୁ ୬.୫୩ ଗ୍ରାମ ସୁନା ବିକ୍ରି କରିଥିଲା । ବଳକା ଥିବା ସୁନାରୁ ୮.୨୫ ଟଂଚଳା ଜୁଏଲର୍ସକୁ ବିକ୍ରି କରିଥିଲା । ତେବେ ଏହି ଘଟଣାକୁ ନେଇ କୋଲିୟରୀ ପୋଲିସ୍ ମୁଖ୍ୟ ଅଭିଯୁକ୍ତ ତୀର୍ଥମୁଖୀ (୩୦), ଦୀପକ ଚାନ୍ଦ (୪୩), ସଚ୍ଚିନ ଅଶୋକ ହଟକେ (୪୨), ମାନସ ମହାପାତ୍ର (୪୨), ଉଦୟଭାନୁ ସାହୁ (୩୫), ପୂର୍ଣ୍ଣଚନ୍ଦ୍ର ମହାପାତ୍ର (୨୮) ଓ ଏସକେ ମୁର୍ଜାଫର ରେହମାନ (୩୫)କୁ ଗିରଫକରି କୋର୍ଟ ଚାଲାଣ କରିଥିବା ପୋଲିସ୍ ପକ୍ଷରୁ ଜଣାପଡ଼ିଛି ।

## ମାହେଶ୍ୱରୀ ଯୁବଶକ୍ତି ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ

ଆଠମଲ୍ଲିକ ,(ସବ୍ୟୁ):ମାହେଶ୍ୱରୀ ଯୁବ ସଂଗଠନ ତରଫରୁ ୯ ନମ୍ବର ୱାର୍ଡ ସ୍ଥିତ ରାମେଶ୍ୱର ପାଟଣା ପ୍ରାଥମିକ ବିଦ୍ୟାଳୟ ଛାତଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ଯଥା, ସ୍କୁଲ ବ୍ୟାଗ, ଖାତା, କଲମ, ଜ୍ୟାମିତି ବାକ୍ସ ବଣ୍ଟନ କରା ଯାଇଥିଲା । ବଣ୍ଟନ ସମୟରେ ସଂଗଠନ ସଭାପତି ଦୁର୍ଗାପ୍ରସାଦ ଜ୍ୟୋତିଷରାୟ, ସଭ୍ୟ ନୂତନ ବେହେରା, ସୁବୋଧ ଆଚାର୍ଯ୍ୟ, ବିଶ୍ୱଜିତ ଡାଙ୍ଗ, ଶିଶିର କାନ୍ତ ପାଣିଗ୍ରାହୀ, ସୁଶୀଲ ମହାକୁଡ଼, ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ବଣ୍ଟନରେ ସହଯୋଗ କରିଥିଲେ । ସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିବା ସହିତ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ସ୍କୁଲ ତରଫରୁ ପ୍ରଧାନଶିକ୍ଷୟତ୍ରୀ ମଞ୍ଜୁ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଦେଉଳବେଡ଼ା ଡ଼ାକଘରୁ ଲୁଟ୍

ତାଳଚେର,(ସବ୍ୟୁ):ତାଳଚେର ବ୍ଲକ କୋଲିୟରି ଥାନା ଅନ୍ତର୍ଗତ ଦେଉଳବେଡ଼ା ସ୍ଥିତ ଡ଼ାକଘରୁ ଦୁର୍ବୃତ୍ତମାନେ ବିଳମ୍ବିତ ରାତ୍ରିରେ ଫାଟକ ଡ଼େଇଁ କବାଟକୁ ଭାଙ୍ଗି ବିଭିନ୍ନ ସାମ୍ରଗୀ ରାତିରେ ଲୁଟି ନେଇଥିବା ଘଟଣା ଦେଉଳବେଡ଼ାରେ ଚହଳ ପକାଇଦେଇଛି । ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଡ଼ାକ ଘରେ ରହିଥିବା ଏକ କାଠବାକ୍ସ, କମ୍ପୁଟର ଆସୋସରିଜ୍, ଇନଭେଟର ଇତ୍ୟାଦି ଯାହାର କି ଆନୁମାନିକ ମୂଲ୍ୟ ପ୍ରାୟ ୫୦ହଜାର ଟଙ୍କାର ସାମଗ୍ରୀଦୁର୍ବୃତ୍ତମାନେ ନେଇ ଚାଲିଥିବା ଜଣାପଡ଼ିଛି । ଡ଼ାକଘରକୁ କର୍ମଚାରୀମାନେ କାଯ୍ୟାଳୟରେ ପଂଚିବାପରେ ଏଭଳି ଦୃଶ୍ୟ ଦେଖି ପୋଲିସ୍‌କୁ ଜଣାଇଥିଲେ । ଲିଖିତ ଅଭିଯୋଗ ଅନୁସାରେ କୋଲିୟରୀ ପୋଲିସ୍ ସେଠାରେ ପଂହଚି ଅନୁସନ୍ଧାନ ଜାରି ରଖିଥିବା ଜଣାପଡ଼ିଛି । ଏସମ୍ପର୍କରେ କୋଲିୟରୀ ଥାନା ଅଧିକାରୀଙ୍କୁ ଫୋନ ମାଧ୍ୟମରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲଟି ଉଠାଇନଥିଲେ ।

# ଆମ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ

ବଇଣ୍ଡା, (ସବ୍ୟୁ) : ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଗ୍ରାମ ପଞ୍ଚାୟତ ଅଲେଖପୁର ଗ୍ରାମରେ ଆମ ଅଙ୍ଗନାୱାଡି ନୂତନ କେନ୍ଦ୍ର ଉଦଘାଟିତ ହୋଇଛି । ରୀତିନୀତି ଅନୁସାରେ ପୂଜକ କେଶବ ଚନ୍ଦ୍ର ଶତପଥୀ ପୂଜାପାଠ କରିଥିଲେ ଓ କର୍ତ୍ତାଭାବେ ସୁଶାନ୍ତ କୁମାର ପ୍ରଧାନ କାର୍ଯ୍ୟ ତୁଲାଇଥିଲେ । ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଚାରୁଲତା ମିଶ୍ର ଯୋଗ ଦେଇ ଫିତାକାଟି ଉ"ାଟନ କରିଥିଲେ । ଅଙ୍ଗନୱାଡି ୱାର୍କର ସୁବାସିନୀ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମଟି ହୋଇଥିଲା ।

ଏଥିରେ ହେଲପର ସୁଶୀଳା ପ୍ରଧାନ, ସମାଜସେବୀ ସନ୍ତୋଷ କୁମାର ସାହୁ, ଠାକୁରଗଡ଼ ପଂଚାୟତର ଛଅ ଗୋଟି କେନ୍ଦର ଅଙ୍ଗନବାଡି ୱାର୍କର, ଆଶା, ମେଡିକାଲ ଷ୍ଟାଫ ଓ ଗ୍ରାମର ଶତାଧିକ ପୁରୁଷ , ମହିଳା ଯୋଗ ଦେଇଥିଲେ ଏବଂ ଅଙ୍ଗନୱାଡି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



# ବେଲଟିକିରୀ ହରିଜନ ସାହିକୁ ବିଦ୍ୟୁତ ଯୋଗାଣ ଦାବି

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦରବ୍ଲକ ନାଗିଆପଶି ପଞ୍ଚାୟତ ବେଲଟିକିରୀ ୩ ନମ୍ବର ୱାର୍ଡ ହରିଜନ ସାହିକୁ ବିଦ୍ୟୁତ୍ ଯୋଗାଣ, କୋଠଘର ନିର୍ମାଣ କରିବାରୁ ୱାର୍ଡ ମେମ୍ବର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ପଞ୍ଚାୟତର ତିନି ନମ୍ବର ୱାର୍ଡ ମେମ୍ବର ପାର୍ବତୀ ସେଠୀ କହିବା ଅନୁସାରେ ଏକ ନମ୍ବର ୱାର୍ଡରେ ହରିଜନ ଲୋକମାନେ ବସବାସ କରୁଛନ୍ତି ।

ଆଜି ପର୍ଯ୍ୟନ୍ତ ସାହିକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇନଥିବା ବେଳେ ଜୁଆଙ୍ଗ ସାହିର ଦେଶକୋଠ ଘରଟି ହୋଇପାରିଲା ନାହିଁ । ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଦିଗରେ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି ।

## ନାବାଳିକା ଅପହରଣ , ଦୁଷ୍କର୍ମ ଓ ହତ୍ୟା ମାମଲା
# ଅଭିଯୁକ୍ତକୁ ଯାବତ୍‌ଜୀବନ କାରାଦଣ୍ଡ

ଅନୁଗୋଳ, (ସବ୍ୟୁ) : ନାବାଳିକାକୁ ଅପହରଣ, ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତକୁ ଯାବତଜୀବନ କାରାଦଣ୍ଡରେ ଦଣ୍ଡାଦେଶ ଶୁଣାଇଲେ ଅନୁଗୁଳ ଫାଷ୍ଟଟ୍ରାକ କୋର୍ଟର ଆଡ଼ହକ ଏଡିଜେ ବିରଞ୍ଚି ନାରାୟଣ ମିଶ୍ର । ୧୩ ଜଣ ସାକ୍ଷୀ ଓ ୪୨ଟି ଦସ୍ତାବିଜ ପରୀକ୍ଷା କରି ଦଣ୍ଡ ଶୁଣାଇଲେ କୋର୍ଟ । ଦଫା - ୧୩୭ (୨)ଅପହରଣ ପାଇଁ ୫ବର୍ଷ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜୋରିମାନା, ଜୋରିମାନା ଅନାଦେୟ ଅଧିକ ୩ମାସ କାରାଦଣ୍ଡ, ଦଫା ୧୦୩ ବିଏନଏସ ହତ୍ୟା ପାଇଁ ଆଜୀବନ କାରାଦଣ୍ଡ ଓ ଜୋରିମାନା ୨୫ ହଜାର ଟଙ୍କା, ଜୋରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ କାରାଦଣ୍ଡ, ୬(୧) ପୋକ୍ସୋ ଆକଫ ନାବାଳିକାକୁ ଦୁଷ୍କର୍ମ ରେ ଯାବତଜୀବନ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଜୋରିମାନା, ଅନାଦେୟ ହେଲେ ଅଧିକ ୧ ବର୍ଷ ର କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି ।

ଅଭିଯୁକ୍ତ ହେଲେ ପୁରୁଣାକୋଟ ଥାନା ଅନ୍ତର୍ଗତ କଣ୍ଟାବେଡା ଗାଁ ର ଜିତୁ ବର୍ଗିଆ । ପୁରୁଣାକୋଟ ଥାନା କେସ ନଂ ୬୩ । ପୀଡ଼ିତାଙ୍କ ପରିବାରକୁ ସରକାରଙ୍କ ତରଫ ରୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ମଧ୍ୟ ରାୟରେ ଉଲ୍ଲେଖ ଅଛି । ଜିଲ୍ଲା ଅଭିଯୋଜନା କାର୍ଯ୍ୟାଳୟର ଡେପୁଟି ଡାଇରେକ୍ଟର ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସରକାରୀ ଓକିଲ ରଞ୍ଜନ ପାତ୍ର ଏହି ମାମଲା ପରିଚାଳନା କରୁଥିଲେ ।

## ଜଳାଶୟକୁ ପତିତ କିସମ ପରିବର୍ତ୍ତନ କରିବାକୁ ଉଦ୍ୟମ

ତାଳଚେର,(ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ କୁକୁଡୁଲା ଗାଁରେ ଥିବା ଜଳାଶୟର କିସମ ପରିବର୍ତନ କରିବାକୁ ଏନଟିପିସି ଟିଟିପିଏସର ଉଦ୍ୟମକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି । ଉକ୍ତ ଗ୍ରାମର ପ୍ଲଟ ନଂ-୨୦୧୮୦ ଓ ୨୦୧୮୧ରେ ଦୁଇଟି ଜଳାଶୟ ରହିଛି । ଏହି ଜଳାଶୟ ପୂର୍ବରୁ ଗ୍ରାମବାସୀଙ୍କ ନାମରେ ରହିଥିଲା । ପରେ ଏହାକୁ କୁକୁଡୁଲା ଉଚ୍ଚବିଦ୍ୟାଳୟ ନାମରେ ଗ୍ରାମାବସୀ କରାଇଥିଲେ । ବର୍ତମାନ ସ୍କୁଲ ମାଲିକାନାରେ ରହିଥିବାରୁ ଏନଟିପିସି, ଟିଟିପିଏସ କର୍ତ୍ତୃପକ୍ଷ ଏହି ଜଳାଶୟର କିସମ ପରିବର୍ତନ କରିବା ଉଦ୍ୟମକୁ ଗ୍ରାମାବସୀ ମାନେ ବିରୋଧ କରିବା ସହ ଏସମ୍ପର୍କରେ ତାଳଚେର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତାଳଚେର ତହସିଲଦାର ପକ୍ଷରୁ ଜୁନ ୫ତାରିଖରେ ତହସିଲ କାର୍ଯ୍ୟାଳୟରେ ଏସମ୍ପର୍କରେ ନୋଟିସ୍ ଲାଗିବାପରେ ଗ୍ରାମବାସୀମାନେ ଏହାକୁ ତୀବ୍ର ବିରୋଧ କରିଛନ୍ତି । ଉକ୍ତ ଗାଁରେ ଥିବା ଜଳାଶୟକୁ ଏନଟିପିସି, ଟିଟିପିଏସ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା କିସମ ପରିବର୍ତନ ଉପରେ ଉପଜିଲ୍ଲାପାଳ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଗ୍ରାମାବସୀମାନେ ଦାବି କରିଛନ୍ତି ।

# କୃତିଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



ଠାକୁରଗଡ,(ସବ୍ୟୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ ସରକାରୀ ଉଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ର ଶିବମ ପ୍ରଧାନ ବୁଧବାର ଦିନ ଅନୁଗୋଳ ଜିଲ୍ଲାର ପାଠା ଗାର ପରିସରରେ ସାହିତ୍ୟ ଏକାଡେମି ର ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଜୁନିଅର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଚୟନ ହୋଇଥିବା ବେଳେ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଗୁରୁବାର ଦିନ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ମାଝୀ ଯୋଗ ଦେଇ ତାଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କର ଏହି ସଫଳତା ଯୋଗୁଁ ଆଜି ବିଦ୍ୟାଳୟ ସୁନାମ ଅର୍ଜନ କରିଛି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ଯାଙ୍ଗ୍ୟସିନି ସାହୁ , ସମର୍ପିତ । ପୃଷ୍ଟି, ଭାରତୀ ପ୍ରିୟଦର୍ଶନୀ ନାଠି ପ୍ରମୁଖ ଯୋଗ ଦେଇଥିଲେ ।

## ବାଂଲାଦେଶୀକୁ ସୀମାରେ ଛାଡ଼ିବ ବାଲେଶ୍ୱର ପୁଲିସ



ବାଲେଶ୍ୱର,(ସବ୍ୟୁ): କାମ କରିବାକୁ ବାଂଲାଦେଶରୁ ବାଲେଶ୍ୱର ଆସି ବେଆଇନ ଭାବରେ ରହିବା ସହ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିଲା । ଫଳରେ ଧରାପଡ଼ି ୧୪ ବର୍ଷ ହେବ ଜେଲ୍ଦଣ୍ଡ ଭୋଗୁଥିଲା । ତେବେ ତାର ଜେଲଦଣ୍ଡ ସରିଥିବା ବେଳେ ସଂପୃକ୍ତ ବ୍ୟକ୍ତିଙ୍କୁ ସୀମାରେ ବାଂଲାଦେଶ ପୁଲିସକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି । ସେହି ବ୍ୟକ୍ତି ଜଣକ ହେଲା ବାଂଲାଦେଶ ଫରିଦପୁର ଜିଲ୍ଲା ହାମିରଡ଼ି ଗାଁର ବାବୁ ଖାଁ ବାବୁ ୨୦୦୨ରେ ବାଲେଶ୍ୱର ଆସିଥିଲା। ଏଠାରେ କାମ କରିବା ସହ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିଲା। ତା ପାଖରେ କୌଣସି ପାସ୍‌ପୋର୍ଟ ନ ଥିଲା। ଫଳରେ ୨୦୦୭ରେ ପୁଲିସ ତାକୁ ଗିରଫ କରିଥିଲା। ମାମଲାର ବିଚାର ପରେ ଗତ ତା୧୯.୧୦. ୨୦୧୨ରେ ବାବୁକୁ କୋର୍ଟ ୧୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦୦୦ ଟଙ୍କା ଜରିମାନା କରିଥିଲେ। ଯାହା ଅନାଦେୟ ହେଲେ ଅତିରିକ୍ତ ୧ ବର୍ଷ ଜେଲଦଣ୍ଡ ଭୋଗିବ ବୋଲି ନିର୍ଦ୍ଦେଶ ଥିଲା। ଜେଲଦଣ୍ଡ ଶେଷ ହେବା ପରେ ବାବୁ ତା୮.୪.୨୦୨୬ରୁ ବାଲେଶ୍ୱର ପୁଲିସର ନଜରବନ୍ଦୀରେ ରହିଛି। ଯାହା ଜଣାପଡ଼ିଛି ଆମ୍ବାସି ସହ ଯୋଗାଯୋଗ ପରେ ବାଲେଶ୍ୱର ପୁଲିସ ବାବୁକୁ ସୀମାରେ ବାଂଲାଦେଶ ପୁଲିସକୁ ହସ୍ତାନ୍ତର କରିବ ।

## ଉଦ୍ଧାର ମେଘାଳୟ ଯୁବକକୁ ଅଭିଭାବକଙ୍କୁ ହସ୍ତାନ୍ତର

ଠାକୁରମୁଣ୍ଡା,(ସବ୍ୟୁ): ଶରତ ଘାଟି ତଳୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ଯୁବକକୁ ମେଘାଳୟ ପୁଲିସକୁ ହସ୍ତାନ୍ତର କରିଛି ଓଡ଼ିଶା ପୋଲିସ । କଲିକତାକୁ ଦାଦନ ଖଟିବାକୁ ଆସିଥିବା ମେଘାଳୟ ରାଜ୍ୟ ସେଲସେଲା ଥାନା ଅଞ୍ଚଳର ଯୁବକ ଗ୍ରେପସ ଏମ ସାଙ୍ଗମା ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । ସେ ଦଲାଲଙ୍କ ଦ୍ୱାରା ଅନ୍ୟ ରାଜ୍ୟକୁ ଚାଲାଣ ହେବା ଜାଣି କଲିକତାରେ ଟ୍ରେନରୁ ଫେରାର ହୋଇଯାଇଥିଲେ। ଜୁନ ୯ ତାରିଖରେ ସେ ଖସିପିବା ପରେ ବିଭିନ୍ନ ସ୍ଥାନ ବୁଲି ଗୋଟିଏ ଟ୍ରକରେ ଚାଲି ଆସିଥିଲେ । ପୁନର୍ବାର ଏକ ଟ୍ରକ ଡାଲାରେ ଲୁଚି ବସି ଯାଇଥିଲା ଯୁବକ । ଯୁବକ ଜଣକ ନାମ ଗ୍ରେପସ ଏମ ସାଙ୍ଗମା । ୱେଷ୍ଟ ସାଉ ହିଲ ଜିଲ୍ଲାର ଗ୍ରେପସ ଏମ ସାଙ୍ଗମାଙ୍କ ବୟସ ୨୩ ବର୍ଷ। ସେ ଡ୍ରାଇଭର ଅଜାଣତରେ ଗୋଟିଏ ଟ୍ରକ ଡାଲାରେ ପାଲ ତଳେ ଲୁଚି ଚାଲି ଆସିଲେ । ସେଥିରେ ଅଖିଆ ଅପିଆ ପଡି ରହିଲେ ।ଗତ ୫ ତାରିଖ ରାତିରେ ଗାଡି ଯେତେବେଳେ ଶରତ ଘାଟି ତଳେ ଭେଜିଡିହା ଗ୍ରାମ ଜଙ୍ଗଲ ଜରେ ଅନେକ ସମୟ ଠିଆ ହେଲା ସେ ଗା ଓହ୍ଲାଇ ରହିଗଲା । ମାତ୍ର ଦୁର୍ଯୋଗକୁ ପ୍ରବଳ ବର୍ଷା ଏବଂ ଅନ୍ଧାରରେ ରାତି ଯାକ ରହି ମୁମୂର୍ଷୁ ହୋଇଗଲା । ଜଳ ସମ୍ପଦ ବିଭାଗରେ ଅସ୍ଥାୟୀ ଭାବେ ବର୍ଷା ରେକର୍ଡ କରି ତଥ୍ୟ ଦେଉଥିବା ଭେଜିଡିହା ଗ୍ରାମର ଯୁବକ ରାଜୀବ ଲୋଚନ ତଥ୍ୟ ପଠାଇବାକୁ ୬ ତାରିଖ ସକାଳ ୬ଟାରେ ପାହାଡ଼ ନିକଟକୁ ନେଟୱାର୍କ ସନ୍ଧାନରେ ଆସିଲେ । ସେଠାରେ ସେ ଜଣେ ରୁଗ୍ଣ ଯୁବକ କାନ୍ଦୁ ଦେଖି ସାଙ୍ଗମାନଙ୍କୁ ଡାକି ତାଙ୍କୁ କିଛି ଖାଇବାକୁ ଦେଲେ ଓ ତାଙ୍କୁ ଘରକୁ




ନେଇ ପୂର୍ବାହ୍ନ ୧୦ଟାରେ ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କଲେ । ଯୁବକ ଭୋକ ଓ ଖାଦ୍ୟ ଅଭାବରେ ଅତ୍ୟନ୍ତ ସଙ୍କଟରେ ଥିବାରୁ ଚିକିତ୍ସା ପାଇଁ କଟକ ନେବା ଆବଶ୍ୟକ ପଡିପାରେ ବୋଲି ସୂଚନା ଦେଇଥିଲେ । ସେଦିନ ଗ୍ରେପସ ବହୁତ ଦିନ ଧରି ଭାତ ଖାଇନଥିବା କହି ଭାତ ଖାଇବାକୁ ମାଗିଲେ । ରାଜୀବ ଭାତ ଖୋଜି ନପାଇବାରୁ ପୁନର୍ବାର ଭେଜିଡିହା (୧୬ କିମି )ସ୍ଥିତ ଘରକୁ ନେଇ ଭାତ ଖାଇବାକୁ ଦେଲେ ।ଖାଇବା ପରେ ତାଙ୍କ ଘର ମୋବାଇଲ ନଂ ମାଗିଲେ । ନମ୍ବର ମିଳିବାରୁ ରାଜୀବ ଗ୍ରେପସଙ୍କ ସ୍ତ୍ରୀ ସିଡମୀ ଏମ ସାଙ୍ଗମା ସହିତ କଥା ହୋଇ ସବୁ ଜଣାଇଲେ । ତାଙ୍କ ସ୍ତ୍ରୀ ଜୁନ ୯ ତାରିଖରେ ମେଘାଳୟର ସେଲସେଲ ଥାନାରେ ନିଖୋଜ ମାମଲା ଓ ଦଲାଲ ବିରୋଧରେ ଅଭିଯୋଗ କରିଥିଲେ । ଖବର ମିଳିବା ପରେ ମେଘାଳୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ମେଘାଳୟ ପୋଲିସ ଓଡିଶା ପୋଲିସ ସହିତ ଯୋଗାଯୋଗ କଲେ ଏବଂ ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଆସି ୭ ତାରିଖ ସନ୍ଧ୍ୟା ପ୍ରାୟ ୮ଟାରେ ମେଘାଳୟ ପୋଲିସ ଏବଂ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ପ୍ରାକ୍ତନ ଛାତ୍ର ସଂସଦର ବାର୍ଷିକ ମିଳନ ଉତ୍ସବ




ବାଲେଶ୍ୱର ,(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ଷଷ୍ଠ ବାର୍ଷିକ ମେଗା ମିଳନ କାର୍ଯ୍ୟକ୍ରମ –୨୦୨୬ ବିଶ୍ୱବିଦ୍ୟାଳୟ ପରିସରରେ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶ ଓ ବିଦେଶରେ ପ୍ରତିଷ୍ଠିତ ପୂର୍ବତନ ଛାତ୍ରଛାତ୍ରୀ, ବିଶିଷ୍ଟ ଶିକ୍ଷାବିତ୍ ଏବଂ ବିଶ୍ୱବିଦ୍ୟାଳୟ ପରିବାରର ସଦସ୍ୟମାନେ ଯୋଗଦେଇ ଥିଲେ। ସଂସଦର ଉପସଭାପତି ଡ଼କ୍ଟର ମିନତୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଡ଼କ୍ଟର ଦେବଦତ୍ତ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଲୁମନାଇ ସମ୍ବାଦ ପତ୍ରିକା 'ବ୍ୟାସ ପ୍ରଜ୍ଞାନ'ର ଉନ୍ମୋଚନ କରିଥିଲେ। ଆଲୁମନାଇ ଆସୋସିଏସନ୍‌ର ସଭାପତି ଡ଼କ୍ଟର. ସି. ଏସ୍. ନନ୍ଦ ପୂର୍ବତନ ଛାତ୍ରଛାତ୍ରୀଙ୍କ ଭୂମିକା, ଗବେଷଣା ସହଯୋଗ ଏବଂ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶରେ ଆଲୁମନାଇଙ୍କ ସକ୍ରିୟ ଅବଦାନ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ବହୁବିଷୟକ ଶିକ୍ଷା, ଜାତୀୟ ଶିକ୍ଷାନୀତି–୨୦୨୦ର କାର୍ଯ୍ୟକାରୀ ରୂପାୟନ ଏବଂ ଗବେଷଣାଭିତ୍ତିକ ଶିକ୍ଷାର ଆବଶ୍ୟକତା ଉପରେ ମତ ରଖିଥିଲେ। କୁଳସଚିବ ଶ୍ରୀମତୀ କୁକୁମିନା ଦାସ ପ୍ରଶାସନିକ ସଂସ୍କାର, ଡିଜିଟାଲ୍ ପଦକ୍ଷେପ ଓ ଛାତ୍ରକେନ୍ଦ୍ରିକ ପ୍ରଶାସନ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର, ନେଦରଲ୍ୟାଣ୍ଡ୍‌ସ୍‌ର ଲେଇଡେନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଳୟ କାନୁନ୍‌ଗୋ ଏବଂ ମୁଖ୍ୟବକ୍ତା ପ୍ରଫେସର ନିରଞ୍ଜନ ପାଢ଼ୀ ଉଚ୍ଚଶିକ୍ଷା, ନୈତିକ ମୂଲ୍ୟବୋଧ, ଆନ୍ତର୍ଜାତିକ ଗବେଷଣା ସହଯୋଗ ଓ ଦାୟିତ୍ୱବୋଧସମ୍ପନ୍ନ ନାଗରିକ ଗଠନରେ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ନବସୃଜନ ଓ ପ୍ରତିଷ୍ଠାନଗତ ବିକାଶରେ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟର ଉତ୍କର୍ଷ ଯାତ୍ରାର ସହଯାତ୍ରୀ ହେବାକୁ ଆହ୍ୱାନ ଜଣାଇଥିଲେ। ଏଥିସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ଯୁଗ୍ମ ସମ୍ପାଦକ ଡ଼କ୍ଟର ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିବା ସହ ଅଧିବେଶନ ଶେଷ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୈଶ୍ୟଭୋଜନର ଆୟୋଜନ କରାଯାଇଥିଲା। ଏହି ମେଗା ମିଳନ ମାଧ୍ୟମରେ ପ୍ରାକ୍ତନ ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ସମ୍ପର୍କ ଅଧିକ ସୁଦୃଢ଼ ହେବା ସହ ଉଚ୍ଚଶିକ୍ଷା, ଗବେଷଣା ଓ ପ୍ରତିଷ୍ଠାନର ସାମଗ୍ରିକ ବିକାଶରେ ନୂତନ ସହଯୋଗର ଦିଗ ଉନ୍ମୋଚିତ ହୋଇଥିବା ମତ ପ୍ରକାଶ ପାଇଥିଲା।

## ସ୍ୱତନ୍ତ୍ର ସଘନ ସଂଶୋଧନ ଚିଠା ଭୋଟର ତାଲିକା ପ୍ରକାଶିତ

କେନ୍ଦୁଝର(ଜିପ୍ର): –ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର) କାର୍ଯ୍ୟକ୍ରମ ଅଧୀନରେ ବୁଧବାର ଦିନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସିଂହ ଏସଆଇଆର ସମ୍ବନ୍ଧିତ ସୂଚନା ଉପସ୍ଥାପିତ କରିଥିଲେ। ଜିଲ୍ଲାର ୧,୯୧୫ଟି ବୁଥ ପାଇଁ ଚିଠା ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରି ବାଦ ଦେବା। ପରିଗଣନା ପର୍ଯ୍ୟାୟରେ ମୋଟ ୧୩,୦୮,୭୬୨ ଜଣ ଡିଜିଟାଇଜ୍ଡ ଇଏଫ ଚିହ୍ନଟ ହୋଇଥିବାବେଳେ, ମୃତ୍ୟୁ ସ୍ଥାୟୀ ଭାବେ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ କାରଣରୁ ୬୪,୩୭୫ ଜଣ ଭୋଟରଙ୍କୁ ବାଦ ଦିଆଯାଇଛି। ଏହି କାର୍ଯ୍ୟରେ ୨,୯୬୬ ଜଣ ବୁଥ ସ୍ତରୀୟ ଏଜେଣ୍ଟ ସହଯୋଗ କରିଛନ୍ତି।ଯେଉଁ ନାଗରିକମାନେ ନିଜ ନାମ ସଂଶୋଧନ କରିବାକୁ ଚାହୁଁଛନ୍ତି କିମ୍ବା ତାଲିକା ନେଇ କୌଣସି ଆପତ୍ତି ରହିଛି, ସେମାନେ ଜୁଲାଇ ୫ ତାରିଖ ଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ।ନିର୍ବାଚନ କମିଶନଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ଦାଖଲ ହୋଇଥିବା ଦାବି ଓ ଆପତ୍ତିଗୁଡ଼ିକର ଶୁଣାଣି ଏବଂ ଯାଞ୍ଚ ଜୁଲାଇ ୫ ତାରିଖ ଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ, ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ପ୍ରକାଶ ପାଇବ। ତେଣୁ ସମସ୍ତ ଯୋଗ୍ୟ ଭୋଟରମାନେ ନିଜ ନାମ ତାଲିକାରେ ଠିକ ଅଛି କି ନାହିଁ, ତାହା ଯାଞ୍ଚ କରିନେବାକୁ ପରାମର୍ଶ ଦିଆଯାଇଛି।ୱେବସାଇଟ ମାଧ୍ୟମରେ ନିଜ ନାମ ଯାଞ୍ଚ କରନ୍ତୁ। ଯଦି କାହାର ନାମ ନଥିବ, ତେବେ ସେମାନେ ଫର୍ମ–୬ ପୂରଣ କରି ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏହି କାର୍ଯ୍ୟର ସୁପରିଚାଳନା ପାଇଁ ୬ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୩୬ ଜଣ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିୟୋଜିତ ହୋଇଛନ୍ତି। କୌଣସି କ୍ଷତିଗ୍ରସ୍ତ ଭୋଟର ଜନପ୍ରତିନିଧିତ୍ୱ ଆଇନ ୧୯୫୦ ର ଧାରା ୨୪ ଅଧୀନରେ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ତା'ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ, ଉପ-ଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର ଶ୍ରୀମତି ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

## ମଲ୍ଲିପଶି ରଥଯାତ୍ରା : ଶ୍ରୀକ୍ଷେତ୍ରରୁ ଆସିଲା ପୁଲୁରି ତେଲ

ଢେଙ୍କିକୋଟ ,(ସବ୍ୟୁ): ପବିତ୍ର ରଥଯାତ୍ରା ପାଇଁ ପାଟଣା ବ୍ଲକ ମଲ୍ଲିପଶି ବଡଦାଣ୍ଡ ସଜେଇ ହେଉଛି । ତିନି ତିନୋଟି ସୁସଜ୍ଜିତ ରଥରେ ଚତୁର୍ଦ୍ଧା ମୂର୍ତ୍ତି ବଡଦାଣ୍ଡରେ ଭକ୍ତକୁ ଦର୍ଶନ ଦେବେ । ତେଣୁ ମଲ୍ଲିପଶି ରଥଯାତ୍ରା କମିଟିର ସଭ୍ୟମାନେ ଜଗନ୍ନାଥ ଧାମକୁ ଯାଇ ବଡ଼ ଠାକୁରଙ୍କ ଠାରୁ ପୁଲୁରି ତେଲ ଆଣିଛନ୍ତି । ତେଲ କୁ ପୂଜ୍ୟ ଶଙ୍କରାଚାର୍ଯ୍ୟ ଙ୍କ ମଠକୁ ନେଇ ପ୍ରଦାନ କରିବା ପରେ ସେଠାରେ ଆଦିତ୍ୟ ବାହିନୀର ଜିଲ୍ଲା ପ୍ରଭାରୀ ପ୍ରହଲ୍ଲାଦ ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା । ସେ ଉକ୍ତ ତେଲକୁ ଆଣି ମଲ୍ଲିପଶି ରାଜା ରବିନାରାୟଣ ସିଂ କୁ ପ୍ରଦାନ କରିଥିଲେ । ତେବେ ରାଜା ଉକ୍ତ ତେଲ କୁ ନେଇ ବିରାଟ ଶୋଭାଯାତ୍ରାରେ ଘଣ୍ଟ ,ଘଣ୍ଟା ,ବାଦ୍ୟ ସଙ୍କୀର୍ତ୍ତନ ସହିତ ମଲ୍ଲିପଶି ଗ୍ରାମ ପରିକ୍ରମା କରିଥିଲେ । ଶେଷରେ ଉକ୍ତ ତେଲ କୁ ଗୁପ୍ତନୀତି ସମ୍ପାଦନା କରିବାପାଇଁ ଗ୍ରାମର ଦେହୁରୀ ବନମାଳୀ ନାୟକ ଓ ପୂଜକ କୁଳମଣି ଷଡଙ୍ଗୀଙ୍କୁ ପ୍ରଦାନ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ କମିଟିର ଉଦ୍ୟୋକ୍ତା ପାର୍ଥସାରଥି ବେଜ ,ସଭାପତି ସୁରେଶ କୁମାର ନାଏକ ,ସମ୍ପାଦକ ଅର୍ଜୁନ ଚରଣ ମହାନ୍ତ,ଉପ ସଭାପତି ହିମାଂଶୁ ବିଶ୍ୱାସ, ସହ ସମ୍ପାଦକ ଯତନ କୁମାର ରଣା ,କୋଷାଧ୍ୟକ୍ଷ ଇଶର ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ମହିଳାଙ୍କ ମନିପର୍ସ ଝାମ୍ପିନେଲେ ଦୁର୍ବୃତ୍ତ

ଧାମନଗର,(ସବ୍ୟୁ): ଧାମନଗର ଥାନାର ମାତ୍ର କେଇ ମିଟର ଦୂରରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କ ଠାରୁ ଜଣେ ଦୁର୍ବୃତ୍ତ ମନିପର୍ସ ଝାମ୍ପିନେଇଛନ୍ତି । ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ଼ ଗ୍ରାମର ବର୍ଷାରାଣୀ ବେହେରା ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ତାଙ୍କ ଛୋଟ ପୁଅଙ୍କ ସହ ଧାମନଗର ବଜାରକୁ ଝିଅର ଜନ୍ମଦିନ ପାଳନ ପାଇଁ ଡ୍ରେସ୍ ଓ କେକ୍ କିଣିବାକୁ ଆସିଥିଲେ। ଥାନା ପ୍ରାଚୀରକୁ ଲାଗିଥିବା ପରିବା ଦୋକାନରୁ ପରିବା କିଣାକିଣି କରି ସେ ୪ହଜାର ୫ଶହ ଟଙ୍କା ଥିବା ମନିପର୍ସକୁ ପରିବା ବ୍ୟାଗ ଭିତରେ ରଖିଥିଲେ। ବ୍ୟାଗଟି ତାଙ୍କ ପୁଅ ଧରିଥିବାବେଳେ ଉଭୟ ଚାଲିଚାଲି ଡ୍ରେସ କିଣିବାକୁ ଯାଉଥିଲେ। ଏହି ସମୟରେ ପଛପଟୁ ଆସିଥିବା ଜଣେ ଯୁବକ ସୁଯୋଗ ନେଇ ବ୍ୟାଗ ଭିତରୁ ମନିପର୍ସ କାଢ଼ି ଦୌଡ଼ି ପଳାଇଯାଇଥିଲା। ଏହି ଘଟଣା ପରେ ବର୍ଷାରାଣୀ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ଆରମ୍ଭ କରି ବଜାର ଅଂଚଳରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ଯାଂଚ କରିଛି। ପ୍ରାଥମିକ ତଦନ୍ତରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବାବେଳେ ତାଙ୍କୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି।

## ସମୟ ପ୍ରଭାବ

## ଚାରିଘରିଆ ଗାଁରେ ପ୍ରଶାସନିକ ଅଧିକାରୀ

ଆଗରପଡ଼ା,(ସବ୍ୟୁ): ଗତ ୭ ତାରିଖ ଦୈନିକ ସମୟରେ ବର୍ଷା ପାଣିରେ ଉବୁଟୁବୁ ଚାରିଘରିଆ ଶୀର୍ଷକ ଏକ ଖବର ପ୍ରକାଶିତ ହୋଇଥିଲା। ଗୁରୁବାର ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ଡ୍ରେନ ସମସ୍ୟାର ସମାଧାନ ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ଏଡିଏମ ସରୋଜ ଦତ୍ତ,ତହସିଲଦାର ସାରା ହେମ୍ବ୍ରମ,ବ୍ଲକ ଆସିଷ୍ଟାଣ୍ଟ ଇଂଜିନିୟର ଶ୍ରଦ୍ଧାସୁମନ ନାଥ,ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ ପ୍ରମୁଖ ପରିଦର୍ଶନ କରି ଡ୍ରେନ ଥାଇ ଜଳ ନିଷ୍କାସନ ହୋଇ ନପାରିବା ସମସ୍ୟା ସଂପର୍କରେ ଅନୁଧ୍ୟାନ କରିଥିଲେ। ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ,ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ,ଯୁବନେତା ରାଜୀବଲୋଚନ ରାୟ,ପ୍ରୀତିଶକାନ୍ତ ଶତପଥୀ,ଜେଯାତିଶଙ୍କର ପଣ୍ଡା,ଗୋପାଳ ଦାଶ,ପୟୋଧର ବାରିକ,ବସନ୍ତ ପତି ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଗତ ଲଗାଣ ବର୍ଷାରେ ଆଗରପଡ଼ା ପୂର୍ତ୍ତ ବିଭାଗ ରାସ୍ତା ସଂଲଗ୍ନ ପୁରୁଷଣ୍ଡ ପଂଚାୟତ ୧୨ନମ୍ବର ୱାର୍ଡ ଚାରିଘରିଆ ଗାଁ ପାଣିରେ ଉବୁଟୁବୁ ହୋଇ ପଡ଼ିଥିଲା। ପ୍ରାୟ ୪୫୦ରୁ ଉର୍ଦ୍ଧ୍ୱ ବସବାସ କରୁଥିବା ଲୋକଙ୍କର ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଥିଲା।

## ବାଉଁଶବଣିଆ ଛକ ନିକଟରେ ରାସ୍ତାରୋକ

ନୀଳଗିରି,(ସବ୍ୟୁ) :ନୀଳଗିରି କୃଷକ ମଞ୍ଚ ତରଫରୁ ୩ ଦଫା ଦାବି ନେଇ ନୀଳଗିରି ବଉଳଗଡିଆ ରାସ୍ତା ବାଉଁଶବଣିଆ ଗ୍ରାମ ପଞ୍ଚାୟତ ଛକ ରେ କୃଷକ ମଞ୍ଚର ଉପଦେଷ୍ଟା ନିରଞ୍ଜନ ବାରିକଙ୍କ ନେତୃତ୍ୱ ରେ ସହସ୍ରାଧିକ ଆନ୍ଦୋଳନକାରୀଙ୍କୁ ନେଇ ରାସ୍ତାରୋକ କରାଯାଇଛି । କୃଷକ ମଞ୍ଚ କୁ ସମର୍ଥନ ଜଣାଇ ଏ ଅଞ୍ଚଳ ର ବିଶିଷ୍ଟ ସମାଜସେବି କୈଳାଶ ଚନ୍ଦ୍ର ପଣ୍ଡା ଏହି ରାସ୍ତାରୋକ ସଭା ରେ ସଭାପତିତ୍ୱ କରିଥିଲେ । ମଞ୍ଚର ସଭାପତି ରାମଚନ୍ଦ୍ର ବେହେରା, ମଞ୍ଚର ଉପ ସଭାପତି ଉମାକାନ୍ତ ମଲିକ, ବିଜୁ ଜନତା ଦଳ ର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସିପିଆଇ ଜୋନ ସମ୍ପାଦକ ବିଜୟ ସ,କଂଗ୍ରେସ ଦଳ ର ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ସିପିଆଇଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଜୟ ପାତ୍ର, ବରିଷ୍ଠ ଆଇନଜୀବୀ ଔପଦା ସମିତି ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଏହି ରାସ୍ତାରୋକର ଉଦେଶ୍ୟ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ । ଧାରଣା ଯୋଗୁ ଧାରଣା ୨ ପାର୍ଶ୍ୱରେ ଶତାଧିକ ଯାନ ଅଟକିଯିବା ଖବର ପାଇ ବାଲେଶ୍ୱର ଏଡିସନେଲ ଏସପି କାର୍ତ୍ତିକ ବେହେରା ଓ ନୀଳଗିରିର ଆଇଆଇସି ଗୋବର୍ଦ୍ଧନ ନାୟକ ତାଙ୍କ ପୋଲିସ ସହକର୍ମୀ ମାନଙ୍କୁ ଧରି ଅବରୋଧ ସ୍ଥଳୀ ପାଖରେ ପହଞ୍ଚି ଆନ୍ଦୋଳନ କାରି ଜନ ସାଧାରଣ ଓ ସାରକାରୀ ଯନ୍ତ୍ରୀଙ୍କ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ଉଦ୍ୟମ କରିଥିଲେ । ଘଟଣା ସ୍ଥଳ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଘଟଣା ସ୍ଥଳକୁ ଡକାଇ ଥିଲେ ।ପୂର୍ତ୍ତ ବିଭାଗ ବରିଷ୍ଠ ଯନ୍ତ୍ରୀ ବର୍ତ୍ତମାନ ଚଳଣି ପାଇଁ ରାସ୍ତା ମରାମତି ନିମିତ୍ତ ୨ କୋଟି ୪୦ ଲକ୍ଷ ଟେଣ୍ଡର ହୋଇ ସାରିଥିବା ବେଳେ ଉକ୍ତ କାର୍ଯ୍ୟ ଅଢ଼େଇ ମାସ ମଧ୍ୟରେ ସରିବା ପାଇଁ ଏକ ଲିଖିତ ଚୁକ୍ତିପତ୍ର ନୀଳଗିରି କୃଷକ ମଞ୍ଚ ସଭାପତି ରାମଚନ୍ଦ୍ର ବେହେରାଙ୍କୁ ଧାରଣା ସ୍ଥଳରେ ପ୍ରଦାନ କରିଥିଲେ।

## ଫ୍ଲିପକାର୍ଟର ଫୁଡ୍ ଓ ନ୍ୟୁ ଟ୍ରିସନ୍ ବର୍ଗରେ ୫୦% ଅଭିବୃଦ୍ଧି

କେନ୍ଦୁଝର, (ଜିପ୍ର) : ଭାରତର ସ୍ୱଦେଶୀ ଇ–କମର୍ସ ମାର୍କେଟପ୍ଲେସ୍, ଫ୍ଲିପକାର୍ଟର ଫୁଡ୍ ଓ ନ୍ୟୁଟ୍ରିସନ୍ ବର୍ଗରେ ବର୍ଷକୁ ବର୍ଷ ୫୦% ଅଭିବୃଦ୍ଧି ରେକର୍ଡ କରାଯାଇଛି । ଏହି ଅଭିବୃଦ୍ଧିରେ ଜେନ୍–ଜେଡ୍ ଗ୍ରାହକ ଏବଂ ଧୁଲିଆ, ଇମ୍ଫାଲ, ଧାରୱାଡ, ଉଜ୍ଜୟିନ, ହୁବଲି, ମିରଗଞ୍ଜ ଓ ଲାହାରପୁର ଭଳି ଟିୟର–୨ ଓ ତା'ଠାରୁ ଉର୍ଦ୍ଧ୍ୱ ସହରର ଗ୍ରାହକମାନେ ସର୍ବାଧିକ ଅବଦାନ ରଖିଛନ୍ତି । କ୍ୱିକ୍ କମର୍ସ ମଧ୍ୟ ଏହି ବୃଦ୍ଧିର ଏକ ପ୍ରମୁଖ ଆଧାର ହୋଇଥିବାବେଳେ, ଫ୍ଲିପକାର୍ଟ ମିନିଟ୍ସ ସମୁଦାୟ ଚାହିଦାର ୨୫% ଯୋଗଦାନ କରିଛି । ରେସିପି, କେଂଟଟ କ୍ରିଏଟରଙ୍କ ସୁପାରିଶ ଓ ୱେଲନେସ୍ ଟ୍ରେଣ୍ଡ ମାଧ୍ୟମରେ ଯୁବ ଗ୍ରାହକମାନେ ନୂତନ ଖାଦ୍ୟ ଉତ୍ପାଦ ସହ ପରିଚିତ ହେଉଥିବାବେଳେ, ମେଟ୍ରୋ ସହର ବାହାରର ଗ୍ରାହକମାନେ ମଧ୍ୟ ସ୍ୱାସ୍ଥ୍ୟକର ରୋଷେଇ ସାମଗ୍ରୀ ଓ ଆଧୁନିକ ପୋଷକ ଉତ୍ପାଦକୁ ବ୍ୟାପକ ଭାବେ ଗ୍ରହଣ କରୁଛନ୍ତି । ଏହି ଅବସରରେ ଫ୍ଲିପକାର୍ଟର ଭାଇସ୍ ପ୍ରେସିଡେଂଟ, କନଜ୍ୟୁମେବୁଲ (ଏଫ୍‌ଏମସିଜି ଓ ଜେନେରାଲ୍ ମର୍ଚ୍ଚାଣ୍ଡାଇଜ୍), ନିଶାନ୍ତ ଦଲାଲ କହିଛନ୍ତିଯେ, ଭାରତରେ ଖାଦ୍ୟ ଏବେ କେବଳ ଦୈନିକ ଅଭ୍ୟାସରେ ସୀମିତ ନୁହେଁ ।

## ସାଇବର ସଚେତନତା ଶିବିର

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ବନ୍ଦଲୋ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପ,ଭଣ୍ଡାରିପୋଖରୀ,ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମୋନାଲିସା ପଣ୍ଡା,ଇନ୍ସପେକ୍ଟର ବନ୍ଦନା ଦେବୀ,ଭଦ୍ରକ ଜିଲ୍ଲା ଏଫଏଲସି ଅଶ୍ୱିନୀ କୁମାର ନାୟକ,ପୂର୍ବତନ ଜିଲ୍ଲା ସଂଚୟ ଅଧିକାରୀ ପଦ୍ମନ୍ କୁମାର ରାୟ,ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ସୌମ୍ୟଦର୍ଶୀ ପରିଜା,ବନ୍ଦାଲୋର ପୂର୍ବତନ ସରପଞ୍ଚ ,ପିଇଓ, ଏପିଓ ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାରତା ମାଧ୍ୟମରେ ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ। ଇନ୍ସପେକ୍ଟର ବନ୍ଦନା ଦେବୀ ସଭାରେ ଯୋଗଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା,ଅଙ୍ଗନୱାଡି କର୍ମୀ ଓ ବରିଷ୍ଠ ନାଗରିକମାନଙ୍କୁ ସାଇବର ଅପରାଧୀମାନଙ୍କ ଶିକାରରୁ ବଂଚିବାର ଉପାୟମାନ ବୁଝାଇଥିଲେ। ଏଫ୍‌ଏଲସି ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍‌ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଂଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ। ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ସଂଚୟ ପାଇଁ ଅନୁପ୍ରାଣିତ କରିଥିଲେ। ପଦ୍ମନ ରାୟ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମୋଟ ୧୨୦ଜଣ ଗ୍ରାମବାସୀ ଯୋଗଦେଇଥିଲେ। ଏହି ସଭାରେ ଶିଖିଥିବା ତଥ୍ୟରେ ଅନୁପ୍ରାଣିତ ହେବା ପାଇଁ ଅଥିତିମାନେ ବ୍ୟକ୍ତିବିଶେଷ ମାନଙ୍କୁ ଅନୁରୋଧ କରିଥିଲେ। ନିଜ ପରିବାର ଲୋକଙ୍କୁ ମଧ୍ୟରେ ସଂଚୟ ଯୋଜନା,ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ।

## ନିଃସ୍ୱାର୍ଥପର ସେବା ଯୋଗାଇ ଚାଲିଛନ୍ତି ଅନାଦି

ତିହିଡି,(ସବ୍ୟୁ): ଲୋକଙ୍କ ସୁବିଧା ଅସୁବିଧାରେ ସହଯୋଗର ହାତ ବଢ଼ାଇବା ଠାରୁ ନିଜ ଅଂଚଳର କୌଣସି ବି ସମସ୍ୟାର ସମାଧାନ ନେଇ ସଦାସର୍ବଦା ସ୍ୱର ଉତ୍ତୋଳନ କରୁଥିବା ଜଣେ ଆଗଧାଡ଼ିର ଯୁବକ ହେଉଛନ୍ତି ଅନାଦି ଚରଣ ବାରିକ। ତିହିଡି ବ୍ଲକ ଅନ୍ତର୍ଗତ ରାଜନଗର ପଞ୍ଚାୟତ ଖଡ଼ିଜାଣ ଗାଁର ବାସିନ୍ଦା ଅନାଦି ନିଜର ସବୁକିଛି ସୁଖ ସ୍ୱାଚ୍ଛନ୍ଦ୍ୟକୁ ଭୁଲି ନିରନ୍ତର ଭାବେ ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି। ଜଣେ ପରୋପକାରୀ ଓ ଦୃଢ଼ ସଂଗଠକ ଭାବେ ପରିଚିତ ଅନାଦି ୧୯୯୧–୯୨ ମସିହାରେ ଚାନ୍ଦବାଲି କଲେଜରେ ପାଠ ପଢ଼ିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରୁ ଛାତ୍ର ସଂସଦର ସଭାପତି ନିର୍ବାଚିତ ହୋଇଥିଲେ। ପରେ ସେ ବିଜେପିରେ ଯୋଗ ଦେଇ ସେହିଦିନ ଠାରୁ ଅଦ୍ୟାବଧି ଦଳ ଲାଗି କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ଥରେ ସରପଞ୍ଚ ଓ ଆଉ ଥରେ ସମିତି ସଭ୍ୟ ଭାବେ ନିର୍ବାଚନ ଲଢ଼ି ଥିଲେ। ଜଣେ ସରଳ,ଶିକ୍ଷିତ ଓ ନିଃସ୍ୱାର୍ଥପର ମଣିଷ ଭାବେ ସେ ଚାନ୍ଦବାଲି ଅଂଚଳରେ ବେଶ୍ ପରିଚିତ। ତେବେ ବଡ଼ କଥା ହେଉଛି ଅନାଦି ଦଳମତ ନିର୍ବିଶେଷରେ ସମସ୍ତଙ୍କ ବିପଦ ଆପଦରେ ଛିଡ଼ା ହୋଇ ସାହସ ଯୋଗାଇଥାନ୍ତି ଓ ପାରୁ ପର୍ଯ୍ୟନ୍ତ ସହାୟତା ବି କରିଥାନ୍ତି। ତାଙ୍କର ଏହି ମନୋବୃତ୍ତି ଲାଗି ସେ ସ୍ଥାନୀୟ ଅଂଚଳର ଲୋକଙ୍କ ପ୍ରିୟପାତ୍ର ହୋଇ ପାରିଛନ୍ତି। ଆଗାମୀ ଦିନରେ ବି ସେ ଏହିଭଳି ନିସ୍ୱାର୍ଥପର ସେବା କରି ଚାଲିବେ ବୋଲି କହିଛନ୍ତି।

## ଅନ୍ତର୍ଜାତୀୟ ମାନସିକ ଦକ୍ଷତା ଅଲମ୍ପିଆଡ଼ ପୁଣି ଗୌରବ ଆଣିଲେ ଆରିଷ ଆରିୟାନ୍ସ ପଣ୍ଡା

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଗ୍ରାମର ସୁଯୋଗ୍ୟ ସନ୍ତାନ ତଥା ବରିଷ୍ଠ ଆଇନଜୀବି କ୍ଷେତ୍ରମୋହନ ପଣ୍ଡା ଏବଂ ଅବସର ପ୍ରାପ୍ତ ଶିଶୁ ମଙ୍ଗଳ ଅଧିକାରୀ ତଥା ଜେଜେ ମା ପ୍ରୀତିସୁଧା ତ୍ରିପାଠୀଙ୍କ ନାତି ତଥା ପିତା ଅଙ୍କିତ ପଣ୍ଡା ମାତା ଅନନ୍ୟା ପଣ୍ଡାଙ୍କ ସୁଯୋଗ୍ୟ ସନ୍ତାନ ଆରିଶ ଆରିୟାନ୍ସ ପଣ୍ଡା ଦ୍ୱିତୀୟ ଥର ଲାଗି ଅନ୍ତର୍ଜାତୀୟ ମାନସିକ ଦକ୍ଷତା ଅଲମ୍ପିୟାଡ ୨୦୨୫ – ୨୦୨୬ ରେ ୧୫ତମ ସ୍ଥାନ ଅଧିକାର କରି ନିଜର ପୈତୃକ ଗ୍ରାମ ବୈଶିଙ୍ଗା ତଥା ମୟୂରଭଞ୍ଜ ଜିଲ୍ଲା ତଥା ଓଡିଶା ପ୍ରଦେଶ ତଥା ଆମ ଦେଶ ଭାରତ ପାଇଁ ଗୌରବ ଆଣି ଦେଇଛନ୍ତି । ଏହି ପ୍ରତିଯୋଗିତାରେ ୧୦ଟି ଦେଶରୁ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୫ତମ ସ୍ଥାନ ଅଧିକାର କରିଥିବାରୁ ସାରା ଦେଶ ପାଇଁ ଏକ ଆଲୋଡନ ସୃଷ୍ଟି କରିଛି । ହାଇଦ୍ରାବାଦ ର ଗୌଡିୟମ ଇଣ୍ଟରନ୍ୟାସନାଲ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ର ଆରିଶ ଆରିୟାନ୍ସ ପଣ୍ଡା ଏହି କୃତିତ୍ୱ ହାସଲ କରିଥିବାରୁ ସାରା ଦେଶ ର ବିଭିନ୍ନ ପ୍ରାନ୍ତରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ଆନ୍ତର୍ଜାତୀୟ ସ୍ତରରେ ଗତବର୍ଷ ମଧ୍ୟ ସେ ୬ଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ଏହି ବର୍ଷ



ମଧ୍ୟ ୧୫ତମ ସ୍ଥାନ ଅଧିକାର କରିଥିବା ବେଳେ ଏଭଳି କୃତିତ୍ୱ ବୈଶିଙ୍ଗା ଅଞ୍ଚଳ ପାଇଁ ବୈଶିଙ୍ଗା ତଥା ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଗୌରବାନ୍ୱିତ ମୁହୂର୍ତ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## କେନ୍ଦୁଝର ଜିଲ୍ଲା ପରିଷଦର ଦଶମ ଅଧିବେଶନ



କେନ୍ଦୁଝର, (ଜିପ୍ର) କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ବୁଧବାର ଦିନ ଷଷ୍ଠ ଜିଲ୍ଲା ପରିଷଦର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ,ମାନ୍ୟବର ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗାଭୂଷଣ ଯୋଗଦେଇ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ପ୍ରଗତିଶୀଳ ପ୍ରକଳ୍ପ ଓ ସରକାରୀ ଜନହିତକର ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିବା ସହ ଏହାର ସଫଳ ରୂପାୟନ ଉପରେ ସବିଶେଷ ସମୀକ୍ଷା କରିଥିଲେ।ବୈଠକରେ ଜିଲ୍ଲାରେ ଚାଲିଥିବା ଖଣି କାର୍ଯ୍ୟ ଏବଂ ଏହି ବର୍ଷ ପାଇଁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର ବିବରଣୀ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ବାସୁଦେବପୁର ଗ୍ରାମରେ ଚାଲିଥିବା କାନୁପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଦ୍ରୁତଗତିରେ ଶେଷ କରିବା ପାଇଁ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।ଜିଲ୍ଲାରେ ବିଭିନ୍ନ ନୂଆ ରାସ୍ତା ଓ ସେତୁ ତିଆରି ପାଇଁ ସରକାରୀ ପାଣ୍ଠିର ସଠିକ ଉପଯୋଗ ଉପରେ ସମୀକ୍ଷା କରାଯାଇଥିଲା।କାଞ୍ଜିଅଶୂଳା–ଡୁରୁମୁଙ୍ଗା ରାସ୍ତାର ନେଉଳଯୋଡି ନାଳ ଉପରେ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏବଂ ଘଟଗାଁ ଅଞ୍ଚଳରେ କେତେକ ନୂଆ ଉନ୍ନୟନମୂଳକ କାମ ପାଇଁ ସରକାରୀ ପାଣ୍ଠି ଓ ମଞ୍ଜୁରୀ ମିଳିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଗ୍ରାମଗୁଡ଼ିକରେ ନଳକୂପ, ପାଇପ ପ୍ରକଳ୍ପ ଏବଂ ସୋଲାର ସିଷ୍ଟମ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଅନେକ ଗ୍ରାମକୁ ହର ଘର ଜଳ ଗ୍ରାମ ଭାବେ ଘୋଷଣା କରିବାକୁ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ଦୁର୍ଗମ ଅଞ୍ଚଳରେ ମାତୃ ମୃତ୍ୟୁହାର କମାଇବା ଏବଂ ରୋଗୀଙ୍କୁ ମେଡିକାଲ ଆଣିବା ପାଇଁ 'ବାଇକ ଆମ୍ବୁଲାନ୍ସ' ସେବାକୁ ଅଧିକ ସକ୍ରିୟ, ଜିଲ୍ଲାର ପ୍ରମୁଖ ଘରୋଇ ମେଡିକାଲଗୁଡ଼ିକୁ 'ଆୟୁଷ୍ମାନ ଭାରତ' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା'ରେ ସାମିଲ କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଏବଂ କିଡନୀ ରୋଗୀଙ୍କ ପାଇଁ ବଡ଼ବିଲ, ଆନନ୍ଦପୁର ଏବଂ ଚମ୍ପୁଆ ମେଡିକାଲରେ ନୂଆ ଡାଏଲିସିସ ମେସିନ ସବୁ ଚାଲୁ ରଖିବା ପାଇଁ ବିଶେଷ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଜୁଆଙ୍ଗ, ହୋ ଏବଂ ସାନ୍ତାଳି ଭାଷାରେ ବହୁଭାଷୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଉଛି। ଏହା ସହିତ ଏକ 'ଟ୍ରାଇବାଲ ରିସୋର୍ସ ସେଣ୍ଟର' ମଧ୍ୟ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଛି।ବୈଠକ ଶେଷରେ ଜିଲ୍ଲାପାଳ ଶ୍ରୀ ସିଂହ ଜିଲ୍ଲାର ପ୍ରଗତି ତଥା ସମସ୍ତ ଜନହିତକର ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାପରିଷଦ ର ସଦସ୍ୟ ଏବଂ ପାଞ୍ଚୟତ ସମିତିର ଅଧ୍ୟକ୍ଷ,ଅଧ୍ୟକ୍ଷାଙ୍କୁ ପରାମର୍ଶ ଦେଇଥିଲେ।

## ସ୍ୱଚ୍ଛ ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ : ଓୟୁଜେ



ବାଲେଶ୍ୱର,(ସବ୍ୟୁ) : ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବୁଧବାରଦିନ ବାଲିଆପାଳ ବ୍ଲକର ଯମୁନାଶୂଳ ବେଳାଭୂମିରେ ସ୍ୱଚ୍ଛତା ଅଭିଯାନରେ ସମୂହ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପରିବେଶ ସ୍ୱଚ୍ଛ ରହିଲେ ବେଳାଭୂମିକୁ ବୁଲିବାକୁ ଆସୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ବାଲେଶ୍ୱର ଜିଲ୍ଲାର ତାଳସାରି, ଉଦୟପୁର, ଡଗରା,ଯମୁନାଶୂଳ,ବଳରାମଗଡି, ଇଞ୍ଚୁଡ଼ି,ଚାନ୍ଦିପୁର, ଦୁବଲାଗଡି ଆଦି ସ୍ଥାନକୁ ଗୁରୁତ୍ୱ ଦେଇ ପର୍ଯ୍ୟଟକମାନେ ଆସୁଥିବାରୁ ଏହି ସ୍ଥାନ ଗୁଡ଼ିକର ପରିବେଶ ଠିକ୍ ରହିବା ଆବଶ୍ୟକ ବୋଲି ବରିଷ୍ଠ ସାମ୍ବାଦିକମାନେ ମତବ୍ୟକ୍ତ କରିଥିଲେ। ୟୁନିଅନର ବରିଷ୍ଠ ସଦସ୍ୟ ଅନାମ ଚରଣ ପଣ୍ଡା, ଶିଶିର କୁମାର ଦାସ, ରାମନାରାୟଣ ଶତପଥି ଓ ବିବେକାନଦ ଦାସଙ୍କ ପରାମର୍ଶ କ୍ରମେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ କରଯାଇଥିବା ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟଉତ୍କଳ ବନ୍ଧୁ ପଣ୍ଡା, ସୁରେଶ ଚନ୍ଦ୍ର ଦାସ ଲକ୍ଷ୍ମୀଧର ଗାଣ,ତପୋଧନ ବାରିକ,ସଞ୍ଜୟ ବେହେରା, ସଞ୍ଜୟ କୁମାର ଗିରି, କହ୍ନେଇ ଚରଣ ପ୍ରଧାନ,ରବିରଞ୍ଜନ ତ୍ରିପାଠୀ, ପ୍ରତିମା ଜେନା,ରାଜଶ୍ରୀ ପାଣିଗ୍ରାହୀ,ଶମ୍ଭୁନାଥ ନାୟକ,କୈଳାସ ଚନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ଦାସ,ଶାନ୍ତନୁ ମହାପାତ୍ର, ମନ୍ମଥ ଚକ୍ରବର୍ତ୍ତୀ,ସତ୍ୟ ରଞ୍ଜନ ସାହୁଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଅଂଶ ଗ୍ରହଣ କରିଥିଲେ।

# ସମ୍ପାଦକୀୟ

## ସଂସଦରେ ସଂବିଧାନ ସଂଶୋଧନ ବିଧେୟକ

ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ଲାଗି ସଂବିଧାନ ସଂଶୋଧନ ବିଧେୟକ ବା ବିଲ୍‌କୁ ଶାସକ ଏନ୍‌ଡିଏ ଦଳ ପାରିତ କରାଇବା ଲାଗି ଉଦ୍ୟମ କରିବେ ଓ ବିରୋଧୀ ଦଳ ତାହା କରାଇ ନ ଦେବାକୁ ମଧ୍ୟ ଉଦ୍ୟମ ଜାରି ରଖିବେ । ଗତ ଏପ୍ରିଲ ମାସରେ ସଂସଦର ଅଧିବେଶନରେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଧେୟକଟି ଶାସକ ଦଳର ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ନଥିବାରୁ ପାରିତ ହୋଇ ପାରି ନଥିଲା ।

ଏବେ ତୃଣମୂଳ କଂଗ୍ରେସ ଓ ଶିବସେନା (ୟୁବିଟି)ରୁ କେତେକ ସାଂସଦ ଦଳ ବଦଳ କରି ଏନ୍‌ଡିଏ ବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟରେ ମିଶିଗଲେ କିମ୍ବା ସମର୍ଥନ ଜଣାଇଲେ ମଧ୍ୟ ଲୋକସଭାରେ ସଂବିଧାନ ସଂଶୋଧନ ସକାଶେ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହେବାର ସମ୍ଭାବନା ନାହିଁ । ଗତ ଏପ୍ରିଲ ମାସରେ ସଂବିଧାନ ସଂଶୋଧନ କରିବା ସକାଶେ ବିଲ୍ ବା ବିଧେୟକଟି ପାରିତ ହୋଇ ପାରି ନଥିଲା । କାରଣ ବିଧେୟକ ପକ୍ଷରେ ୨୯୮ ଜଣ ସାଂସଦ ଭୋଟ ଦେଇ ଥିଲାବେଳେ ବିଧେୟକ ବିରୋଧରେ ୨୩୦ ଜଣ ସାଂସଦ ଭୋଟ ଦେଇଥିଲେ । ଫଳରେ ଦୁଇ ତୃତୀୟାଂଶ ଭୋଟରେ ବିଧେୟକଟି ପାରିତ ହୋଇ ପାରି ନଥିଲା ।

**ଲୋକସଭାରେ ଏନ୍‌ଡିଏ ମେଣ୍ଟର ୩୧୮ ଜଣ ସାଂସଦ ଅଛନ୍ତି । ସେମାନଙ୍କ ମଧ୍ୟରେ ବିଜେପିର ୨୪୦ ଜଣ ସାଂସଦ ରହିଥିବାବେଳେ, ଏନ ସି ପି (ଆଇ)ରୁ ୨୦ ଜଣ, ତେଲୁଗୁ ଦେଶମ ପାର୍ଟିରୁ ୧୬, ଶିବସେନାର ୧୩ ଜଣ ଓ ଜେଡି(ୟୁ)ରୁ ୧୨ ଜଣ ଅଛନ୍ତି । ସେହିପରି ବିରୋଧୀ ଇଣ୍ଡିମେଣ୍ଟ ପକ୍ଷରୁ ସମୁଦାୟ ୧୮୪ ଜଣ । ସେମାନଙ୍କ ମଧ୍ୟରୁ କଂଗ୍ରେସର ୯୮ ଜଣ, ସମାଜବାଦୀ ପାର୍ଟିର ୩୭ ଜଣ, ତୃଣମୂଳ କଂଗ୍ରେସର ୮ ଜଣ, ଶିବସେନା (ୟୁବିଟି) ୩ ଜଣ, ଏନ୍‌ସିପି (ଏସ୍‌ପି) ୮ ଜଣ ଓ ସି.ପି.ଏମ୍‌ର ୪ ଜଣ ଅଛନ୍ତି । ତେବେ ଦେଖାଯାଉ, କିପରି ଏହି ବିଧେୟକଟି ପାରିତ ହେଉଛି ।**

ରାଜ୍ୟସଭାରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୟରାମ ରମେଶ ଏକ ବିବୃତିରେ କହିଛନ୍ତି, 'ନିର୍ବାଚନମଣ୍ଡଳୀ ସବୁର ସୀମା ପୁନଃ ନିର୍ଦ୍ଧାରଣ ସକାଶେ ଶାସକ ଏନ୍‌ଡିଏ ମେଣ୍ଟ ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ବିଧେୟକ ଆଗାମୀ ଲୋକସଭା ଅଧିବେଶନରେ ଉପସ୍ଥାପନ କରିବେ । ସେହିପରି 'ଏକ ରାଷ୍ଟ୍ର ଓ ଏକ ନିର୍ବାଚନ' ବିଧେୟକଟି ମଧ୍ୟ ସେମାନେ ଉପସ୍ଥାପନ କରି ପାରନ୍ତି । ମାତ୍ର ଆମେ ଇଣ୍ଡିମେଣ୍ଟ ଏହା କରିବାକୁ ଦେବୁ ନାହିଁ ।'

ଉଲ୍ଲେଖନୀୟ ଯେ ଏନ୍‌ଡିଏର ନାରୀ ଶକ୍ତି ବନ୍ଦନ ଅଧିନିୟମ (ମହିଳା ସଂରକ୍ଷଣ) ବିଧେୟକ ୨୦୨୩ ହେଉଛି ୧୦୬ତମ ସଂବିଧାନ ସଂଶୋଧନ ବିଧେୟକ । ୨୦୨୩ ମସିହା ସେପ୍ଟେମ୍ବର ୧୯ ତାରିଖରେ ଏହି ବିଧେୟକଟି ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଆଗତ କରାଯାଇଥିଲା । ଏଥିରେ ଲୋକସଭା ସମେତ ସମସ୍ତ ବିଧାନସଭା ଓ ଜାତୀୟ ରାଜଧାନୀ ଦିଲ୍ଲୀ କେନ୍ଦ୍ର ଶାସିତ ଅଞ୍ଚଳରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ସକାଶେ ଏହି ବିଲ୍‌ରେ ପ୍ରସ୍ତାବ ରହିଥିଲା ।

ସଂସଦରେ ଗତ ଅଧିବେଶନ କାଳରେ ଏହି ବିଧେୟକଟି ମଧ୍ୟ ଆଗତ କରା ଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ଲୋକସଭାର ଆସନ ସଂଖ୍ୟା ୫୪୩ରୁ ୮୫୦ ପର୍ଯ୍ୟନ୍ତ ବୃଦ୍ଧି ପାଇଥାନ୍ତା । କାରଣ ଜନସଂଖ୍ୟା ଆଧାରରେ ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରିତ ହୋଇଥା'ନ୍ତା ଏବଂ ୩୩ ପ୍ରତିଶତ ମହିଳାଙ୍କ ସ୍ଥାନ ସଂରକ୍ଷଣ ପାଇଁ ବାଟ ଫିଟି ଥା'ନ୍ତା ।

ମାତ୍ର ଦଳବଦଳ ସତ୍ତ୍ୱେ ଅନ୍ୟ ଦଳରୁ ଆସି ଏନ୍‌ଡିଏକୁ ଅଧିକ ବଳଶାଳୀ କଲେ ମଧ୍ୟ ଏନ୍‌ଡିଏର ଦୁଇ ତୃତୀୟାଂଶ ସାଂସଦ ଏହି ବିଧେୟକଟିକୁ ପାରିତ କରିବା ସହଜ ହୋଇ ନପାରେ ।

ଲୋକସଭାରେ ଏନ୍‌ଡିଏ ମେଣ୍ଟର ୩୧୮ ଜଣ ସାଂସଦ ଅଛନ୍ତି । ସେମାନଙ୍କ ମଧ୍ୟରେ ବିଜେପିର ୨୪୦ ଜଣ ସାଂସଦ ରହିଥିବାବେଳେ, ଏନ ସି ପି (ଆଇ)ରୁ ୨୦ ଜଣ, ତେଲୁଗୁ ଦେଶମ ପାର୍ଟିରୁ ୧୬, ଶିବସେନାର ୧୩ ଜଣ ଓ ଜେଡି(ୟୁ)ରୁ ୧୨ ଜଣ ଅଛନ୍ତି । ସେହିପରି ବିରୋଧୀ ଇଣ୍ଡିମେଣ୍ଟ ପକ୍ଷରୁ ସମୁଦାୟ ୧୮୪ ଜଣ । ସେମାନଙ୍କ ମଧ୍ୟରୁ କଂଗ୍ରେସର ୯୮ ଜଣ, ସମାଜବାଦୀ ପାର୍ଟିର ୩୭ ଜଣ, ତୃଣମୂଳ କଂଗ୍ରେସର ୮ ଜଣ, ଶିବସେନା (ୟୁବିଟି) ୩ ଜଣ, ଏନ୍‌ସିପି (ଏସ୍‌ପି) ୮ ଜଣ ଓ ସି.ପି.ଏମ୍‌ର ୪ ଜଣ ଅଛନ୍ତି । ତେବେ ଦେଖାଯାଉ, କିପରି ଏହି ବିଧେୟକଟି ପାରିତ ହେଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।
ମହାତ୍ମା ଗାନ୍ଧି

# ପାଠପଢ଼ା ବୋଝରେ କ୍ଷତିଗ୍ରସ୍ତ ହେଉଛନ୍ତି ପିଲାମାନେ



ମାନସ କୁମାର କର

ଶିକ୍ଷା ମଣିଷକୁ ଆଲୋକିତ କରେ, ଜୀବନ ଜୀଇଁବାର କଳା ଶିଖାଏ ଏବଂ ଜଣେ ଅସହାୟ ଶିଶୁକୁ ସମର୍ଥ ନାଗରିକ ଭାବେ ଗଢ଼ିତୋଳେ । କିନ୍ତୁ ଆଜିର ସମୟରେ ଶିକ୍ଷାର ସଂଜ୍ଞା ବଦଳିଯାଇଛି । ଶିକ୍ଷା ଏବେ ଜ୍ଞାନ ଆହରଣର ମାଧ୍ୟମ ନହୋଇ ଏକ କ୍ରୁର ପ୍ରତିଯୋଗିତାର ମଇଦାନ ପାଲଟିଛି । ଅତ୍ୟନ୍ତ ଦୁଃଖର ସହ କହିବାକୁ ପଡୁଛି ଯେ, ଆମର ଶିକ୍ଷା ବ୍ୟବସ୍ଥା ପିଲାଙ୍କୁ ଜୀବନ ପାଇଁ ପ୍ରସ୍ତୁତ କରିବା ପରିବର୍ତ୍ତେ ସେମାନଙ୍କଠାରୁ ସେମାନଙ୍କର ସବୁଠାରୁ ମୂଲ୍ୟବାନ ସମ୍ପଦ ନୈତିକତାକୁ ଛଡ଼ାଇ ନେଉଛି । ଯେଉଁ ବୟସରେ ପିଲାଟିଏ ପ୍ରଜାପତି ପଛରେ ଦୌଡ଼ିବା କଥା, ସେହି ବୟସରେ ସେ ବହିବସ୍ତାନିର ବୋଝ ତଳେ ଚାପି ହୋଇ ଯାଉଛି ।

ଆମ ପିଲାବେଳେ ଆମେ ୫-୬ ବର୍ଷ ବୟସରେ ସ୍କୁଲ ଯାଉଥିଲୁ ଏବଂ ସେଠାରେ ଖେଳକୁଦ ମାଧ୍ୟମରେ ଶିକ୍ଷା ଆରମ୍ଭ ହେଉଥିଲା । କିନ୍ତୁ ଆଜି ଚିତ୍ର ସମ୍ପୂର୍ଣ୍ଣ ଅଲଗା । ନର୍ସରୀ ଆଡମିସନ ଫର୍ମ ପୂରଣ କରିବା ଠାରୁ ହିଁ ଜଣେ ଶିଶୁର ସଂଘର୍ଷ ଆରମ୍ଭ ହୋଇଯାଉଛି । ଏହା ଏକ ଭୟଙ୍କର ସତ୍ୟ ଯେ, ଆଜିର ଯୁବ ପିତାମାତାମାନେ ନର୍ସରୀ ଆଡମିସନ ପାଇଁ ରାତି ଅନିଦ୍ରା ହୋଇ ଚିନ୍ତାରେ ରହୁଛନ୍ତି ।

ଯେଉଁ ଶିଶୁଟି ଏବେ ମାତ୍ର ଚାଲିବା ଓ ଖନେଇ ଖନେଇ କଥା କହିବା ଶିଖିଛି, ତା'ଠାରୁ ଆଶା କରାଯାଉଛି ଯେ ସେ ସାକ୍ଷାତକାର ବେଳେ ସିଧା ହୋଇ ବସୁ, ଇଂରାଜୀରେ ନିଜର ପରିଚୟ ଦେଉ ଏବଂ ଅଜଣା ଶିକ୍ଷକଙ୍କୁ ନିଜର ଚାତୁର୍ଯ୍ୟ ଦ୍ୱାରା ପ୍ରଭାବିତ କରୁ । ଏହି ଛୋଟ ପିଲାମାନଙ୍କ ପାଇଁ ସାକ୍ଷାତକାର ଏକ ଅଜଣା ଆତଙ୍କ ସଦୃଶ । ଯେଉଁ ଶିଶୁଟି ପ୍ରଶ୍ନର ଉତ୍ତର ଦେଇପାରେ ନାହିଁ କିମ୍ବା ଭୟରେ କାନ୍ଦିଦିଏ, ତାକୁ ଶୈଶବର ପ୍ରଥମ ପାହାଚରେ ହିଁ 'ଅଯୋଗ୍ୟ' କିମ୍ବା 'ଆତ୍ମବିଶ୍ୱାସହୀନ'ର ଆଖ୍ୟା ଦିଆଯାଉଛି । ଏହା ଶିଶୁ ମନରେ କେତେ ଗଭୀର କ୍ଷତ ସୃଷ୍ଟି କରୁଛି, ତାହା ବୁଝିବାକୁ ବୋଧହୁଏ ଶିକ୍ଷାନୁଷ୍ଠାନମାନଙ୍କ ପାଖରେ ସମୟ ନାହିଁ ।

ମା'ମାନଙ୍କ ଉପରେ ଅଦୃଶ୍ୟ ଚାପ ଓ ପାରିବାରିକ ସଂଘର୍ଷ,

ସ୍କୁଲ ନାମଲେଖା କେବଳ ପିଲାଟିର ପରୀକ୍ଷା ନୁହେଁ, ବରଂ ଏହା ସମଗ୍ର ପରିବାରର ଧୈର୍ଯ୍ୟର ପରୀକ୍ଷା । ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ପିଲାଟିର ମା' । ଆମ ସମାଜରେ ପିଲାଟିର ଭଲ-ମନ୍ଦ ପାଇଁ ପରୋକ୍ଷରେ ମା'କୁ ହିଁ ଦାୟୀ କରାଯାଏ । ସ୍କୁଲ ଫର୍ମ ପୂରଣ କରିବା ଠାରୁ ଆରମ୍ଭ କରି, ପିଲାକୁ ଇଣ୍ଟରଭ୍ୟୁ ପାଇଁ ପ୍ରସ୍ତୁତ କରିବା, ଘରେ ଇଂରାଜୀ ବାତାବରଣ ସୃଷ୍ଟି କରିବା ଏବଂ ଶେଷରେ ସ୍କୁଲର ସମସ୍ତ କାର୍ଯ୍ୟ କରିବା ମା'ର ଦାୟିତ୍ୱ ହୋଇଯାଏ । ଯଦି ପିଲାଟିର ଆଡମିସନ ହୁଏ ନାହିଁ, ତେବେ ମା' ମନରେ ଏକ ଅପରାଧବୋଧ ସୃଷ୍ଟି କରାଯାଏ ଯେ ସେ ହୁଏତ ଭଲ ଭାବେ ଶିଖାଇ ନାହାନ୍ତି । ଏହି ମାନସିକ ଯନ୍ତ୍ରଣା ଆଧୁନିକ ପିତାମାତାଙ୍କ ଲାଳନପାଳନକୁ ଏକ ଥକ୍କାପଣର ଯାତ୍ରା ଭାବେ ପରିଣତ କରିଛି ।

ଛୋଟ ପିଲାଙ୍କ ପାଇଁ 'ସାକ୍ଷାତକାର ପ୍ରସ୍ତୁତି ଶ୍ରେଣୀ' କିମ୍ବା କୋଚିଂ ସେଣ୍ଟର ଖୋଲିବା ଆମ ସାମାଜିକ ଅଧୋପତନର ଏକ ବଡ଼ ସଙ୍କେତ । ପିତାମାତା ଜାଣନ୍ତି ଯେ ତିନି ବର୍ଷର ଶିଶୁକୁ ଟ୍ୟୁସନ ପଠାଇବା ଅମାନବୀୟ, କିନ୍ତୁ ପଛରେ ପଡ଼ିଯିବା ଭୟ ସେମାନଙ୍କୁ ବିବେକଶୂନ୍ୟ କରିଦେଉଛି । ଏହି ପ୍ରକ୍ରିୟାରେ ପିଲାଟି ଧୀରେ ଧୀରେ ମେସିନ୍ ପାଲଟିଯାଏ । ତା'ର ସ୍ୱାଭାବିକ କୌତୂହଳ ଓ ପ୍ରଶ୍ନ ପଚାରିବାର ଶୈଳୀକୁ ଦବେଇ ଦିଆଯାଇ ତାକୁ ମନେରଖିବା ବା ଘୋଷିବା ଶିକ୍ଷା ଦିଆଯାଏ ।

ପ୍ରାଥମିକ ଶିକ୍ଷାରୁ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ଯାତ୍ରା ସମୟରେ ଚାପର ରୂପ ବଦଳିଥାଏ । ଭଲ ଉନ୍ନତି କରୁନାହିଁ ବୋଲି ଯେତେବେଳେ ରିପୋର୍ଟ କାର୍ଡରେ ଉଲେଖ କରାଯାଏ, ସେତେବେଳେ ଏହା ପିଲାଟି ଏକ ପାଇଁ ଅଭିଶାପ ପାଲଟିଯାଏ । ପିଲାମାନେ ନିଜର ମୂଲ୍ୟ ବୁଝିବା ପୂର୍ବରୁ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ଯାଉଛନ୍ତି । ଧୀରେ ଧୀରେ ପିଲାମାନେ ବିଶ୍ୱାସ କରିବାକୁ ଲାଗନ୍ତି ଯେ, ସେମାନଙ୍କର ସମ୍ମାନ ଓ ପରିବାରର ଖୁସି କେବଳ ସେମାନଙ୍କର 'ନମ୍ବର' ଉପରେ ନିର୍ଭର କରେ । ଯେତେବେଳେ ଜଣେ ଶିଶୁ ନିଜର ଆତ୍ମବିଶ୍ୱାସକୁ ନମ୍ବର ମୂଲ୍ୟାଙ୍କନ ପତ୍ର ସହ ଯୋଡ଼ିଦିଏ, ସେତେବେଳେ ତା'ର ବ୍ୟକ୍ତିତ୍ୱର ବିକାଶ ରୁଦ୍ଧ ହୋଇଯାଏ ।

ଅସଲ ଚାପ ଆରମ୍ଭ ହୁଏ ବୋର୍ଡ ପରୀକ୍ଷା ସମୟରେ । ବର୍ଷ ବର୍ଷର ସଞ୍ଚିତ ଚାପ ସେତେବେଳେ ଉଗ୍ର ରୂପ ନିଏ । ଯେଉଁ ପିଲାଟି ଦିନେ ନର୍ସରୀ ଆଡମିସନ ପାଇଁ ଭୟ କରୁଥିଲା, ସେ ଏବେ ଲକ୍ଷ ଲକ୍ଷ ପିଲାଙ୍କ ସହ ପ୍ରତିଯୋଗିତା୍ ପରୀକ୍ଷାରେ ଲଢୁଛି । ବିଫଳତାର ଭୟ ତାକୁ ଏଭଳି ଗ୍ରାସ କରେ ଯେ, ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ମଧ୍ୟ ପଛାଏ ନାହିଁ ।

ଜଣେ ଚିନ୍ତିତ ପିତାମାତା ଅଜାଣତରେ ଶିଶୁ ମନରେ ଅସୁରକ୍ଷା ଓ ଭୟର ମଞ୍ଜି ବୁଣି ଦିଅନ୍ତି । ପିଲାଟି ଭୟଭୀତ ହେଲେ ତା'ର ପ୍ରଦର୍ଶନ ଖରାପ ହୁଏ, ଯାହା ପିତାମାତାଙ୍କୁ ଆହୁରି ଅଧିକ ବିଚଳିତ କରେ । ଏହିଭଳି ଭାବେ ଏକ ଚକ୍ରବ୍ୟୂହ ସୃଷ୍ଟି ହୁଏ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପିତାମାତା ଓ ଶିକ୍ଷାନୁଷ୍ଠାନ ଉଭୟ ଚାହାଁନ୍ତି ପିଲାଟିର ସୁରକ୍ଷିତ ଭବିଷ୍ୟତ, କିନ୍ତୁ ବର୍ତ୍ତମାନର ବ୍ୟବସ୍ଥା ସେମାନଙ୍କୁ ଆଗକୁ ଯିବାବେଳେ ଶତ୍ରୁ ଭଳି ଠିଆ କରିଦେଉଛି । ଆଜିର ଦୌଡ଼ରେ ସହାନୁଭୂତିର ବଡ଼ ଅଭାବ ଦେଖାଦେଇଛି । ସ୍କୁଲ୍‌ମାନଙ୍କୁ ନିଜର ଆଡମିସନ ଓ ମୂଲ୍ୟାଙ୍କନ ନୀତିରେ ପରିବର୍ତ୍ତନ ଆଣିବାକୁ ହେବ । ଶିକ୍ଷା କେବଳ ଘୋଷିବା ନୁହେଁ, ବରଂ ଜୀବନ ଜୀଇଁବାର ସାହସ ଦେବା ଉଚିତ । ପଲିସି ମେକର୍ ବା ନୀତି ନିର୍ଦ୍ଧାରକମାନେ ଆଡମିସନ ପ୍ରକ୍ରିୟାକୁ ଏତେ ଜଟିଳ କରିବା ଉଚିତ ନୁହେଁ ଯେ ଜଣେ ଛୋଟ ପିଲାକୁ ତାହା ଯୁଦ୍ଧ ଭଳି ମନେହେବ । ସାମାଜିକ ଗଣମାଧ୍ୟମ ଓ ସମ୍ପର୍କୀୟଙ୍କ ତୁଳନାତ୍ମକ ଚାପରୁ ପିଲାଙ୍କୁ ଦୂରେଇ ରଖିବା ପିତାମାତାଙ୍କ ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ ।

ପିଲାଙ୍କୁ ଆପଣ କେତେ ପ୍ରଶ୍ନର ଉତ୍ତର ଶିଖାଇଛନ୍ତି ତାହା ଗୌଣ, କିନ୍ତୁ ଆପଣ ତାଙ୍କୁ କେତେ ସମର୍ଥନ ଓ ବିଶ୍ୱାସ ଦେଇଛନ୍ତି ତାହା ମୁଖ୍ୟ । ପିଲାମାନେ ପରୀକ୍ଷା ଫଳ ବା ର୍ୟାଙ୍କକୁ ଦିନେ ନା ଦିନେ ଭୁଲିଯିବେ, କିନ୍ତୁ ସେମାନେ ମନେ ରଖିବେ ଯେ ସେମାନଙ୍କୁ କଷ୍ଟ ସମୟରେ ପରିବାର ପକ୍ଷରୁ କିଭଳି ବ୍ୟବହାର ମିଳିଥିଲା । ସେମାନଙ୍କୁ ସମର୍ଥନ ମିଳିଥିଲା ନା ମୂଲ୍ୟାଙ୍କନ କରାଯାଇଥିଲା? ସେମାନଙ୍କୁ ବୁଝିବାକୁ ଚେଷ୍ଟା କରାଯାଇଥିଲା ନା ସେମାନଙ୍କ ଉପରେ ଦୋଷ ଲଦି ଦିଆଯାଇଥିଲା ? ସେମାନଙ୍କୁ ପ୍ରକୃତରେ ଭଲ ପାଉଥିଲେ ନା କେବଳ ସେମାନଙ୍କର ପ୍ରତିଭାକୁ ପରଖୁଥିଲେ ?

ଶିକ୍ଷା ପିଲାଙ୍କୁ ଜୀବନ ପାଇଁ ଲଢ଼ିବାକୁ ଡେଣା ଦେବା ଉଚିତ, ସେମାନଙ୍କ ଡେଣାକୁ କାଟି ଦେବା ଉଚିତ ନୁହେଁ । ଆସନ୍ତୁ ଆମେ ଏପରି ଏକ ସମାଜ ଗଠନ କରିବା, ଯେଉଁଠାରେ ଶିକ୍ଷା ଶୈଶବର ଶତ୍ରୁ ନୁହେଁ, ବରଂ ସହଯୋଗୀ ପାଲଟିବ । ଶୈଶବ ଫେରିଆସେ ନାହିଁ, କିନ୍ତୁ ଏକ ସୁନ୍ଦର ଶୈଶବର ସ୍ମୃତି ଜଣେ ମଣିଷକୁ ସାରା ଜୀବନ ସଂଘର୍ଷ କରିବାକୁ ଶକ୍ତି ଦେଇଥାଏ ।

କୋଟାଙ୍ଗ, କୋଣାର୍କ
ମୋ-୭୩୮୧୩୮୨୨୧୦

# ପ୍ରକୃତିର ଅନନ୍ୟ ଉପହାର ଜାମୁକୋଳି

ବୈଷ୍ଣବ ଚରଣ ଦାଶ

ପ୍ରକୃତି ମଣିଷକୁ ଅନେକ ପ୍ରକାରର ଫଳ, ଫୁଲ ଓ ଔଷଧୀୟ ଉଦ୍ଭିଦର ଉପହାର ଦେଇଛି, ସେଥିମଧ୍ୟରୁ ଜାମୁକୋଳି ଏକ ଅତ୍ୟନ୍ତ ସ୍ୱାଦିଷ୍ଟ, ପୌଷ୍ଟିକ ଓ ଔଷଧୀୟ ଗୁଣସମ୍ପନ୍ନ ଫଳ । ଓଡ଼ିଆରେ ଏହାକୁ ଜାମୁକୋଳି କୁହାଯାଉଥିବା ବେଳେ ଭାରତର ବିଭିନ୍ନ ଅଞ୍ଚଳରେ ଏହା ଜାମୁନ, ଜମ୍ବୁ, କଳାଜାମୁ ଆଦି ନାମରେ ମଧ୍ୟ ପରିଚିତ । ଗ୍ରୀଷ୍ମ ଋତୁର ଶେଷ ଭାଗ ଓ ବର୍ଷା ଋତୁର ଆରମ୍ଭରେ ଏହି ଫଳ ପାଚିଥାଏ । ଏହା ଗାଢ଼ ବାଇଗଣୀ କିମ୍ବା କଳା ରଙ୍ଗର, ରସାଳ ଏବଂ ମିଠା-କଷା ସ୍ୱାଦ ସମସ୍ତଙ୍କୁ ଆକର୍ଷିତ କରେଛ ଜାମୁକୋଳି ଗଛ ଏକ ଚିରସବୁଜ ଓ ଦୀର୍ଘଜୀବୀ ବୃକ୍ଷ ।

ଏହା ପ୍ରାୟ ୧୦ରୁ ୩୦ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇପାରେ । ଏହାର ପତ୍ର ଚିକ୍କଣ, ସବୁଜ ଓ ସୁଗନ୍ଧଯୁକ୍ତ । ବସନ୍ତ ଋତୁରେ ଛୋଟ ଛୋଟ ଧଳା କିମ୍ବା ହାଲୁକା ସବୁଜ ଫୁଲ ଫୁଟିଥାଏ, ପରେ ସେଗୁଡ଼ିକ ଫଳରେ ପରିଣତ ହୁଅନ୍ତି । ଏହି ଗଛ ଶହ ଶହ ବର୍ଷ ବଞ୍ଚିପାରେ ଏବଂ ଛାଇ, ଫଳ ଓ କାଠ ଯୋଗାଇ ଥାଏ । ଜାମୁକୋଳିରେ ଭିଟାମିନ-ସି, ଭିଟାମିନ-ଏ, ଲୌହ, କ୍ୟାଲସିୟମ, ପୋଟାସିୟମ, ମ୍ୟାଗ୍ନେସିୟମ, ଫସଫରସ, ଫାଇବର ଓ ବିଭିନ୍ନ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ରହିଥାଏ । ଏହି ସମସ୍ତ ପୋଷକତତ୍ତ୍ୱ ଶରୀରର ବୃଦ୍ଧି, ରକ୍ତ ଗଠନ, ହାଡ଼କୁ ଶକ୍ତିଶାଳୀ କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୁଅନ୍ତି । ଏଥିରେ କ୍ୟାଲୋରି କମ୍ ଥିବାରୁ ସ୍ୱାସ୍ଥ୍ୟକର ଖାଦ୍ୟ ଭାବରେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଏ ।

ଆୟୁର୍ବେଦରେ ମଧ୍ୟ ଜାମୁକୋଳିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହାର ଫଳ, ମଞ୍ଜି, ପତ୍ର ଓ ଛାଲ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୁଏ । ଜାମୁକୋଳି ମଞ୍ଜିର ଗୁଣ୍ଡ ରକ୍ତରେ ଶର୍କରା ନିୟନ୍ତ୍ରଣରେ ସହାୟକ ହୋଇଥାଏ ବୋଲି ପାରମ୍ପରିକ ଭାବେ ବ୍ୟବହୃତ ହୋଇ ଆସୁଛି । ଏହା ହଜମ ଶକ୍ତି ବଢ଼ାଏ, ଅମ୍ଳତା କମାଏ, ରକ୍ତ ପରିଶୋଧନରେ ସାହାଯ୍ୟ କରେ ଏବଂ ଯକୃତର କାର୍ଯ୍ୟକୁ ସୁଦୃଢ଼ କରେ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ କ୍ଷତିକାରକ ମୁକ୍ତ ମୌଳିକ କଣିକାରୁ ସୁରକ୍ଷା କରିଥାଏ । ଜାମୁକୋଳି ଗଛ ପରିବେଶ ପାଇଁ ଅତ୍ୟନ୍ତ ଉପକାରୀ । ଏହା ବାୟୁରୁ ଅଙ୍ଗାରକାମ୍ଳ ଶୋଷଣ କରି ଅମ୍ଳଜାନ ଛାଡ଼ିଥାଏ, ଯାହା ବାୟୁକୁ ଶୁଦ୍ଧ କରିଥାଏ । ଏହାର ଘନ ଛାଇ ଗ୍ରୀଷ୍ମ ଦିନରେ ଶୀତଳତା ପ୍ରଦାନ କରେ ।

ପକ୍ଷୀ, ମହୁମାଛି ଓ ଅନ୍ୟାନ୍ୟ କ୍ଷୁଦ୍ର ଜୀବଙ୍କ ପାଇଁ ଏହି ଗଛ ଆଶ୍ରୟସ୍ଥଳୀ ଭାବେ କାମ କରେ । ତେଣୁ ଜାମୁକୋଳି ଗଛ ରୋପଣ ପରିବେଶ ସନ୍ତୁଳନ ରକ୍ଷାରେ ସହାୟକ ହୋଇଥାଏ ।



ଜାମୁକୋଳିର ଚାହିଦା ବଜାରରେ ବହୁତ ଅଧିକ । ଏଥିରୁ ଜୁସ୍, ସ୍କ୍ୱାସ୍, ଜାମ୍, ଜେଲି, ସିରକା, ଆଚାର ଓ ବିଭିନ୍ନ ପ୍ରକାରର ପାନୀୟ ପ୍ରସ୍ତୁତ କରାଯାଏ । ଗ୍ରାମାଞ୍ଚଳରେ ଅନେକ କୃଷକ ଜାମୁକୋଳି ଚାଷ କରି ଭଲ ଆୟ କରି ପାରୁଛନ୍ତି । ଏହାର କାଠ ମଧ୍ୟ ଦୃଢ଼ ହୋଇଥିବାରୁ ଆସବାବପତ୍ର ଓ କୃଷି ଉପକରଣ ତିଆରିରେ ବ୍ୟବହୃତ ହୁଏ ।

ଗ୍ରାମାଞ୍ଚଳରେ ବଡ଼ ଜାମୁକୋଳି ଗଛ ତଳେ ଲୋକମାନେ ବସି ବିଶ୍ରାମ କରନ୍ତି, ଆଲୋଚନା କରନ୍ତି ଓ ସାମାଜିକ ସମ୍ପର୍କକୁ ସୁଦୃଢ଼ କରନ୍ତି । ତେଣୁ ଏହି ଗଛ କେବଳ ଏକ ଫଳ ଗଛ ନୁହେଁ, ବରଂ ଆମ ସାମାଜିକ ଜୀବନର ଏକ ଅଂଶ ମଧ୍ୟ । ଦ୍ରୁତ ସହରୀକରଣ ଓ ଜଙ୍ଗଲ ଧ୍ୱଂସ ଯୋଗୁଁ ଅନେକ ଔଷଧୀୟ ବୃକ୍ଷ ପରି ଜାମୁକୋଳି ଗଛର ସଂଖ୍ୟା ମଧ୍ୟ କମିଯାଉଛି । ତେଣୁ ପ୍ରତ୍ୟେକ ବିଦ୍ୟାଳୟ, ଗ୍ରାମ ଓ ସହରରେ ଅଧିକରୁ ଅଧିକ ଜାମୁକୋଳି ଗଛ ରୋପଣ କରିବା ଉଚିତ ।

ଏହା ଦ୍ୱାରା ପରିବେଶ ସୁରକ୍ଷା ସହ ଭବିଷ୍ୟତ ପିଢ଼ି ମଧ୍ୟ ଏହାର ଉପକାର ପାଇପାରିବେ । ଜାମୁକୋଳି ପ୍ରକୃତିର ଏକ ଅମୂଲ୍ୟ ଦାନ । ଏହା ସ୍ୱାଦ, ପୋଷଣ, ଔଷଧୀୟ ଗୁଣ, ପରିବେଶ ସୁରକ୍ଷା ଓ ଅର୍ଥନୈତିକ ବିକାଶ ପରି ସମସ୍ତ କ୍ଷେତ୍ରରେ ନିଜର ଗୁରୁତ୍ୱ ପ୍ରମାଣ କରିଛି । ଆଜିର ସମୟରେ ଏହି ଉପକାରୀ ବୃକ୍ଷର ସଂରକ୍ଷଣ ଓ ରୋପଣ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ ।

ବୀରଧନଞ୍ଜୟ ପୁର
ବୁଗୁଡ଼ା, ଗଞ୍ଜାମ,ମୋ-୯୭୭୬୫୩୪୯୩୦

# ବୈଜ୍ଞାନିକ ଡ. ଗୋକୁଳାନନ୍ଦଙ୍କୁ ସ୍ମରଣ କରି



ଡାକ୍ତର ରବି ରଂଜନ ସାହୁ

ଓଡ଼ିଶାର ବିଜ୍ଞାନ ଗଗନରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅନ୍ତର୍ହିତ ହୋଇଯାଇଛି । ରାଜ୍ୟର ବୈଜ୍ଞାନିକ ତଥା ବୌଦ୍ଧିକ ମହଲକୁ ଶୋକସନ୍ତପ୍ତ କରି ପ୍ରଫେସର ଡଃ ଗୋକୁଳାନନ୍ଦ ମହାପାତ୍ର ୮୬ ବର୍ଷ ବୟସରେ ସବୁଦିନ ଲାଗି ଆମଠାରୁ ଦୂରେଇ ହୋଇ ଯାଇଛନ୍ତି । ଓଡ଼ିଶାରେ ଓଡ଼ିଆ ଭାଷା ମାଧ୍ୟମରେ ବିଜ୍ଞାନକୁ ଲୋକପ୍ରିୟ କରାଇବା କ୍ଷେତ୍ରରେ ସେ ଥିଲେ ଅଗ୍ରଦୂତ । ନିତ୍ୟନୂତନ ବୈଜ୍ଞାନିକ ତଥ୍ୟ ଅନୁସନ୍ଧାନ ଲାଗି ତାଙ୍କର ନିରଳସ ଉଦ୍ୟମ ଥିଲା ଅବିରତ । ବିଜ୍ଞାନ ଶିକ୍ଷା ଓ ଗବେଷଣାର ପ୍ରସାର ଦ୍ୱାରା ସାମଗ୍ରିକ ଭାବେ ବୈଜ୍ଞାନିକ ଚେତନା ସୃଷ୍ଟି କରିବା ଲାଗି ସେ ନିରନ୍ତର ତତ୍ପର ଥିଲେ । ବିଜ୍ଞାନର ଗୂଢ଼ ଓ ଜଟିଳ ତଥ୍ୟଗୁଡ଼ିକୁ ସରଳ ଭାବରେ ବୁଝାଇବା ଲାଗି ପ୍ରଫେସର ମହାପାତ୍ର ଯେଭଳି ପାରଦର୍ଶୀ ଥିଲେ, ସେଭଳି ସେ ସବୁକୁ ଓଡ଼ିଆ ଭାଷାରେ ବୋଧଗମ୍ୟ ଢ଼ଙ୍ଗରେ ପ୍ରକାଶ କରିବାରେ ଥିଲେ ସିଦ୍ଧହସ୍ତ ।

ପ୍ରଫେସର ମହାପାତ୍ର ୧୯୨୭ ମସିହାରେ ଭଦ୍ରକ ସହରର କୁଆଁସ ଠାରେ ପିତା ବିଜୟ ଗୋବିନ୍ଦ ମହାପାତ୍ର ଓ ମାତା ଫୁଲ ଦେବୀଙ୍କ କୋଳମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ । କୁଆଁସ ପ୍ରାଇମେରୀ ସ୍କୁଲରେ ପ୍ରାଥମିକ ଶିକ୍ଷା ଓ କଟକରେ ସ୍ନାତକ ଶିକ୍ଷା ଓ କୋଲକାତା ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ରେଭେନ୍ସା କଲେଜରେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଭାବରେ ଡଃ ମହାପାତ୍ର ତାଙ୍କ କର୍ମମୟ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ସେ ସେଇ ବିଭାଗର ମୁଖ୍ୟ ଭାବରେ ଦୀର୍ଘ ଦିନ ଧରି ଦାୟିତ୍ୱ ତୁଲାଇଥିଲେ । ତାଙ୍କର ପ୍ରଗାଢ଼ ଉଦ୍ୟମ ଫଳରେ ରସାୟନ ବିଭାଗର ବହୁବିଧ ଉନ୍ନତି ହେବା ସହିତ ରାଜ୍ୟରେ ରସାୟନ ବିଜ୍ଞାନ ଶିକ୍ଷାର ଦିଗନ୍ତ ପ୍ରସାରିତ ହୋଇଥିଲା । ସେ ମଧ୍ୟ କିଛି ବର୍ଷ ଧରି ଭୁବନେଶ୍ୱର ମହର୍ଷି କଲେଜର ଅଧ୍ୟକ୍ଷ ଓ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏକାଡ଼େମୀର ନିର୍ଦ୍ଦେଶକ ଭାବରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ୧୯୮୧ ମସିହାରେ ଡଃ ମହାପାତ୍ର ସରକାରୀ ଚାକିରିରୁ ଅବସର ଗ୍ରହଣ କଲେ ବି ଛାତ୍ର ଜୀବନରୁ ଆରମ୍ଭ ହୋଇଥିବା ଓଡ଼ିଆରେ ବିଜ୍ଞାନ ସାହିତ୍ୟ ସୃଷ୍ଟି ଲାଗି ତାଙ୍କ ଉଦ୍ୟମ ଶେଷ ନିଃଶ୍ୱାସ ତ୍ୟାଗ କରିବା ଯାଏ ଅବ୍ୟାହତ ରହିଥିଲା ।



ଜଣେ ଲୋକପ୍ରିୟ ବିଜ୍ଞାନ ଲେଖକ ଭାବେ ସୁବିଦିତ ଡଃ ମହାପାତ୍ର ହେଉଛନ୍ତି ଓଡ଼ିଆ ବିଜ୍ଞାନ ସାହିତ୍ୟର ଜନକ । କୋଲକାତାରେ ସ୍ନାତକୋତ୍ତର ଛାତ୍ର ଥିବାବେଳେ 'କୋଇଲା' ଉପରେ ଲେଖିଥିବା ଏକ ବୈଜ୍ଞାନିକ ପ୍ରବନ୍ଧ ମାସିକ ପତ୍ରିକା 'ସହକାର'ରେ ପ୍ରକାଶ ପାଇଥିଲା । ତାହା ହିଁ ହେଉଛି ଓଡ଼ିଆ ଭାଷାରେ ଲିଖିତ ସର୍ବପ୍ରଥମ ବୈଜ୍ଞାନିକ ପ୍ରବନ୍ଧ । ତା'ପରେ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ବୈଜ୍ଞାନିକ ଲେଖାମାନ ପ୍ରକାଶ ପାଇଥିଲା । ୧୯୫୩ ମସିହାରେ ପ୍ରଥମେ ସେ 'ପୃଥିବୀ ବାହାରେ ମଣିଷ' ନାମରେ ଏକ ବୈଜ୍ଞାନିକ ଉପନ୍ୟାସ ଲେଖି ପାଠକୀୟ ଆଦର ଲାଭ କରିଥିଲେ । ବିଜ୍ଞାନକୁ ଲୋକପ୍ରିୟ କରିବା ଲାଗି ଡଃ ମହାପାତ୍ର ୧୦୦ରୁ ଅଧିକ ବୈଜ୍ଞାନିକ ପୁସ୍ତକ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷା ଲାଗି ପାଠ୍ୟପୁସ୍ତକ ରଚନା କରିଥିଲେ । ସେସବୁ ମଧ୍ୟରେ 'ଉଡ଼ନ୍ତା ଥାଳିଆ', 'କୃତ୍ରିମ ଉପଗ୍ରହ', 'ଚନ୍ଦ୍ରର ମୃତ୍ୟୁ', 'ନିଃଶବ୍ଦ ଗୋଧୂଳି', 'ମ୍ୟାଡ଼ାମ କ୍ୟୁରୀ' ଇତ୍ୟାଦି ପୁସ୍ତକ ବହୁ ଭାବରେ ପ୍ରଶଂସିତ ଓ ଆଦୃତ ହୋଇଥିଲା । 'ଏ ଯୁଗର ଶ୍ରେଷ୍ଠ ଆବିଷ୍କାର' ଲାଗି ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ନିରଳସ ସାରସ୍ୱତ ସାଧନା, ଗବେଷଣା ଓ ବୈଜ୍ଞାନିକ ଅନୁସନ୍ଧିତ୍ସା ଲାଗି ଡଃ ମହାପାତ୍ରଙ୍କୁ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା । ସେସବୁ ମଧ୍ୟରେ ୨୦୧୦ ମସିହାରେ ବିଜ୍ଞାନ କୃତି ଲାଗି 'କଳିଙ୍ଗ ପୁରସ୍କାର' ଓ 'ଆର୍.କେ ପରିଜା ସମ୍ମାନ' ବିଶେଷ ଉଲ୍ଲେଖଯୋଗ୍ୟ । ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନଜନକ ଡ଼କ୍ଟରେଟ ଡ଼ିଗ୍ରୀ ପ୍ରଦାନ କରାଯାଇଥିଲା ।

ଜଡ଼ ବିଜ୍ଞାନର ଛାତ୍ର ହେଲେ ବି ଡଃ ମହାପାତ୍ରଙ୍କ ହୃଦୟ ଦରଦ, ମାନବିକତା ଓ କରୁଣାର ପ୍ଲାବନ ନିରନ୍ତର ପ୍ଲାବିତ ଥିଲା । ସମାଜର ନବଜାତ ଶିଶୁ, ଅସହାୟ ବୃଦ୍ଧ ଓ ଅନାଥ ଶିଶୁଙ୍କ ଥଇଥାନ ଓ ବିକାଶକୁ ସେ ଜୀବନର ଅନ୍ୟତମ ପ୍ରଧାନ ବ୍ରତ ଭାବରେ ଗ୍ରହଣ କରିଥିଲେ ଏବଂ ୨୦୧୦ ମେ ମାସରେ 'ଡଃ ଗୋକୁଳାନନ୍ଦ ମହାପାତ୍ର ଫାଉଣ୍ଡେସନ' ନାମକ ଏକ ସଂସ୍ଥା ଗଠନ କରି ତା' ମାଧ୍ୟମରେ ସେମାନଙ୍କୁ ଯଥାସମ୍ଭବ ସହାୟତା ପ୍ରଦାନ କରୁଥିଲେ । ସଂସ୍ଥାର ସେ ଆଜୀବନ ଅଧ୍ୟକ୍ଷ ଥାଇ ଏଭଳି ମହନୀୟ ସମାଜ ସେବାରେ ଦାୟିତ୍ୱ ତୁଲାଉଥିଲେ ଏବଂ ତଦ୍ଦ୍ୱାରା ସେ ସୂଚିତ କରି ଦେଉଥିଲେ ଯେ, ମଣିଷ ଯେକୌଣସି ସ୍ତରରେ ଥାଉ ନା କାହିଁକି, ସମାଜ ପ୍ରତି ତା'ର କର୍ତ୍ତବ୍ୟ ପ୍ରତି ଆଖି ବୁଜି ଦେଇପାରିବ ନାହିଁ । ଧୀର, ସ୍ଥିର, ଭାବଗମ୍ଭୀର, ଅତ୍ୟନ୍ତ ସ୍ନେହୀ, ନିଷ୍କପଟ, ଉଦାର ଚିନ୍ତାଶୀଳ ଡଃ ମହାପାତ୍ର ବ୍ୟକ୍ତିଗତ ଜୀବନରେ ଥିଲେ ଋଷିପ୍ରତିମ । ଜୀବନର ପ୍ରତିଟି କ୍ଷେତ୍ରରେ ଯଥାବିଧି କର୍ତ୍ତବ୍ୟ ଯଥୋଚିତ ଭାବରେ ପାଳନ କରିବା ଥିଲା ତାଙ୍କର ଆଦର୍ଶ ସ୍ଥାନୀୟର ବୈଶିଷ୍ଟ୍ୟ ।

ଚାନ୍ଦିନୀଚୌକ, କଟକ-୨
ମୋ-୯୪୩୭୩-୧୦୧୭୧

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା...

ଅନୁମୋଦନ ପତ୍ର ବଣ୍ଟନ କରାଯାଇଛି, ଯାହା ଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ବାହାରେ ଥିବା ଗଭୀର ଅନ୍ତର୍ଜାତୀୟ ସାମୁଦ୍ରିକ ଜଳସୀମାରେ ନିୟନ୍ତ୍ରିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ଉଚ୍ଚ-ମୂଲ୍ୟବାନ ମାଛ ଧରିବା ପାଇଁ ଅନୁମତି ମିଳିପାରିବ।

ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକୃଷ୍ଣନ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଅତି ଚମତ୍କାର ଭାବେ ଓଡ଼ିଆ ଭାଷାରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ସେ ଓଡ଼ିଶାର ସାଂସ୍କୃତିକ ଓ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସର ସ୍ମୃତି ଚାରଣ କରି କହିଥିଲେ, ଓଡ଼ିଶାର ଐତିହାସିକ ବାଲିଯାତ୍ରା ଏବଂ ବୋଇତ ବନ୍ଦାଣ ଉତ୍ସବ ଏହି ମାଟିର ବୀର ସାଧବ ପୁଅମାନଙ୍କ ସମୁଦ୍ର ଯାତ୍ରା ଓ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ଜ୍ୱଳନ୍ତ ପ୍ରତୀକ। ଆଜିର ଏହି ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ସେହି ପୁରାତନ ଗୌରବକୁ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପୁନର୍ଜୀବିତ କରିବାକୁ ଯାଉଛି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରି ଉପରାଷ୍ଟ୍ରପତି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶର ସାମୁଦ୍ରିକ କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି, ତାହା ଅଭୁତପୂର୍ବ। ଆମର ମତ୍ସ୍ୟଜୀବୀ ସମୁଦାୟ ନିଜର କଠିନ ପରିଶ୍ରମ ବଳରେ ଦେଶର ଅର୍ଥନୀତିକୁ ସୁଦୃଢ଼ ଓ ଶକ୍ତିଶାଳୀ କରୁଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ସାମୁଦ୍ରିକ ଖାଦ୍ୟ ସମଗ୍ର ଦେଶ ଓ ବିଶ୍ୱକୁ ପ୍ରୋଟିନ୍ ଯୋଗାଇବାରେ ସବୁଠାରୁ ପ୍ରମୁଖ ଉତ୍ସ ସାଜିଛି। ଏହି ପରିପ୍ରେକ୍ଷୀରେ ଆଜିର ବୈଷୟିକ ଓ ବୈଜ୍ଞାନିକ ଅବଦାନ ଆମ ମତ୍ସ୍ୟଜୀବୀ ଭାଇଭଉଣୀମାନଙ୍କ ପାଇଁ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ଲାଭଦାୟକ ସାବ୍ୟସ୍ତ ହେବ।

ଶ୍ରୀ ରାଧାକୃଷ୍ଣନ୍ କହିଛନ୍ତି ଯେ, 'ଭାରତୀୟ-ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର-ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା ୨୦୨୫' ଅଧୀନରେ ଅନୁମୋଦନ ପତ୍ର ହାସଲ କରିବା ଏକ ବାଧ୍ୟତାମୂଳକ ଆବଶ୍ୟକତା। ଏହି ଏଲଓଏ କେବଳ ନିର୍ଦ୍ଦିଷ୍ଟ ଜାହାଜକୁ ମିଳିବ ଏବଂ ଏହା ଅଣ-ହସ୍ତାନ୍ତରଯୋଗ୍ୟ ଅଟେ, ଯାହା ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଢାଞ୍ଚା ପ୍ରଦାନ କରିବ।

ସେ କହିଥିଲେ ଯେ, ଏହା 'ରିଅଲକ୍ରାଫ୍ଟ ମାଛଧରା ଜାହାଜ ପଞ୍ଜିକରଣ ପୋର୍ଟାଲ୍' ସହିତ ସମନ୍ୱିତ ହୋଇଥିବାରୁ ବ୍ୟବସ୍ଥିତ, ତଥ୍ୟ- ପରିଚାଳିତ ଏବଂ ପ୍ରତ୍ୟକ୍ଷ ନିରୀକ୍ଷଣଯୋଗ୍ୟ କାର୍ଯ୍ୟ ସୁନିଶ୍ଚିତ ହୋଇଥାଏ। ଏହି ପ୍ରକ୍ରିୟା ଅନଲାଇନ୍ ଏବଂ ବାସ୍ତବ ସମୟରେ ଟ୍ରାକିଂ ହୋଇପାରୁଥିବାରୁ ଏହା ମତ୍ସ୍ୟଜୀବୀ ଓ ଜାହାଜ ପରିଚାଳକମାନଙ୍କ ପାଇଁ ନିୟମର ଅନୁପାଳନକୁ ସରଳ କରିବ। ଏହି ଜାହାଜଗୁଡ଼ିକ ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନିକୁ ଏକ ନୂଆ ଉଚ୍ଚତାକୁ ନେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଏହି ଜାତୀୟ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଦେଶର ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରୁ ଆସିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରାଧିକରଣ ପତ୍ର ପ୍ରଦାନ କରିଥିଲେ। ଏହି ଅନୁମୋଦନ ପତ୍ର ପାଇଥିବା ସଂସ୍ଥା ଓ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଓଡ଼ିଶାର ପାରାଦୀପ ସମେତ ମହାରାଷ୍ଟ୍ର, କେରଳ, ତାମିଲନାଡୁ, ଗୋଆ, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଦେଶର ଅନ୍ୟାନ୍ୟ ପ୍ରମୁଖ ଉପକୂଳ ଅଞ୍ଚଳରୁ ଆସିଥିବା ସାମୁଦ୍ରିକ ସମବାୟ ସମିତିର ପ୍ରତିନିଧିମାନେ ସାମିଲ ଥିଲେ। ଏହି ବଣ୍ଟନ ଭାରତର ସମଗ୍ର ସାମୁଦ୍ରିକ ସୀମାକୁ ସୁଦୃଢ଼ କରିବା ସହ ଅନ୍ତର୍ଜାତୀୟ ଜଳସୀମାରେ ଦେଶର ଜାହାଜଗୁଡ଼ିକର ସାର୍ବଭୌମତ୍ୱ ଏବଂ ନିୟନ୍ତ୍ରିତ ମାଛଧରାକୁ ସୁନିଶ୍ଚିତ କରିବ।

ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି ଯେ, ଭାରତର ଦୀର୍ଘ ଉପକୂଳ ଏବଂ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଦେଶର ପ୍ରାୟ ୫୦ ନିୟୁତ ମତ୍ସ୍ୟଜୀବୀଙ୍କୁ ଜୀବିକା ପ୍ରଦାନ କରୁଛି। ଏହି ଏଲଓଏ କାର୍ଯ୍ୟକ୍ରମ ଦ୍ୱାରା ଦେଶର ମତ୍ସ୍ୟଜୀବୀ ପରିବାର ଗୁଡ଼ିକ ସ୍ୱଚ୍ଛଳ ଓ ସମୃଦ୍ଧ ହୋଇପାରିବେ। ଓଡ଼ିଶା ଭଳି ରାଜ୍ୟ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ ବୋଲି ସେ ମତ ଦେଇଥିଲେ।

ରାଜ୍ୟର ସ୍ୱାର୍ଥ, ମତ୍ସ୍ୟଜୀବୀଙ୍କ କଲ୍ୟାଣ ଏବଂ ନୀଳ ଅର୍ଥନୀତିର ବିପୁଳ ସମ୍ଭାବନା ଉପରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସାଢ଼େ ଚାରି କୋଟି ଜନସାଧାରଣଙ୍କ ତରଫରୁ ଉପରାଷ୍ଟ୍ରପତି ଏବଂ କେନ୍ଦ୍ରମନ୍ତ୍ରୀମାନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଧାମକୁ ସ୍ୱାଗତ କରିଥିଲେ।

ସେ କହିଥିଲେ, ମୁକ୍ତ ସାଗରରେ ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକ ଦ୍ୱାରା ମତ୍ସ୍ୟ ସମ୍ପଦର ଦୀର୍ଘସ୍ଥାୟୀ ଉପଯୋଗ ପାଇଁ ଏହି 'ଲେଟର ଅଫ୍ ଅଥରାଇଜେସନ୍' ପ୍ରଦାନର ଜାତୀୟ ଶୁଭାରମ୍ଭ ଓଡ଼ିଶା ମାଟିରେ ହେବା ଆମ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଆମ ସମୁଦ୍ର କେବଳ ଭୌଗୋଳିକ ସୀମା ନୁହେଁ, ବରଂ ରାଜ୍ୟର ୬ ଲକ୍ଷ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜୀବନରେଖା ଓ ପରିଚୟ ଅଟେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ଐତିହାସିକ ନୂତନ ଅଧ୍ୟାୟରେ ପ୍ରବେଶ କରୁଛି।

ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ସଫଳତା ଓ ତଥ୍ୟ ଉପରେ ଆଲୋକପାତ କରି କହିଥିଲେ, ଗତ ବର୍ଷ ଡିସେମ୍ବର ୨୦୨୫ରେ ଗୁଜରାଟର ଭେରାଭଲରୁ ଭାରତର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ରରେ ମାଛ ଧରିବା ପାଇଁ 'ଆକ୍ସେସ୍ ପାସ୍' ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏପର୍ଯ୍ୟନ୍ତ ଦେଶର ୫ ହଜାର ମତ୍ସ୍ୟଜୀବୀ ଏହି ପାସ୍ ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଓଡ଼ିଶାର ୮୬୬ ଜଣ ଅଛନ୍ତି।

ସେ କହିଥିଲେ ଯେ, ବର୍ତ୍ତମାନ ଏହାର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅନ୍ତର୍ଜାତୀୟ ଜଳସୀମାରେ ମାଛ ଧରିବା ପାଇଁ ପ୍ରାଧିକରଣ ପତ୍ର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ପ୍ରାରମ୍ଭିକ ଭାବେ ଓଡ଼ିଶାର ୮ ଜଣ ମତ୍ସ୍ୟଜୀବୀଙ୍କୁ ଏହି ଏଲ୍ଏଓ ପ୍ରଦାନ କରାଯିବା ସହ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଅଧୀନରେ ଭାରତୀୟ ଇଇଜେଡ୍ ଅଞ୍ଚଳରେ ମାଛ ଧରିବା ପାଇଁ ୨ଟି ଗଭୀର ସମୁଦ୍ର ମାଛଧରା ଜାହାଜକୁ ମଧ୍ୟ 'ଗୋ-ଆହେଡ୍' ଅନୁମତି ଜାରି କରାଯାଇଛି। ଦେଶର ସମଗ୍ର ଉପକୂଳର ୨୪ ଲକ୍ଷ ବର୍ଗ କିଲୋମିଟର ବିଶିଷ୍ଟ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ରରେ ଆମ ମତ୍ସ୍ୟଜୀବୀଙ୍କ ପାଇଁ ଏହା ବିପୁଳ ସୁଯୋଗ ଆଣିଦେବ।

ଓଡ଼ିଶାର ଦୀର୍ଘକାଳୀନ ବ୍ଲୁ-ଇକୋନୋମି ରୋଡମ୍ୟାପ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, "ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସହ ସମନ୍ୱିତ କରି ଆମେ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଡକୁମେଣ୍ଟ' ର ଶୁଭାରମ୍ଭ କରିଛୁ, ଯାହା ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ଉପକୂଳର ସର୍ବୋତ୍ତମ ଉପଯୋଗ କରିବ। ଆମର ପାରାଦୀପ, ଧାମରା, ଗୋପାଳପୁର ବନ୍ଦର ସହିତ ଚାନ୍ଦିପୁର ଓ ଅସ୍ତରଙ୍ଗ ଭଳି ସ୍ଥାନରେ ଫିସ୍ ଲ୍ୟାଣ୍ଡିଙ୍ଗ୍ ସେଣ୍ଟର, ହୋଲସେଲ ମାର୍କେଟ ଏବଂ ଆକ୍ୱା ପାର୍କ ଆଦି ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ। 'ରିଅଲ୍ କ୍ରାଫ୍ଟ' ପୋର୍ଟାଲ ମାଧ୍ୟମରେ ସମ୍ପୂର୍ଣ୍ଣ ଅନଲାଇନ୍ ଏବଂ ସ୍ୱଚ୍ଛ ପ୍ରକ୍ରିୟାରେ ଏହି ବ୍ୟବସ୍ଥା ପରିଚାଳିତ ହେଉଛି। ନୌ-ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ହଜାର ହଜାର ବର୍ଷର ଗୌରବଶାଳୀ ଇତିହାସ ରହିଛି ଏବଂ ଆଜିର ଏହି ପଦକ୍ଷେପ ସେହି ପରମ୍ପରାକୁ ଆଗକୁ ବଢ଼ାଇବା ସହ ଓଡ଼ିଶାକୁ ପୂର୍ବ ଭାରତର ପ୍ରମୁଖ ମେରିନ୍ ହବ୍ ଭାବେ ସ୍ଥାପିତ କରିବ।

ଓଡ଼ିଶାର ଦୀର୍ଘକାଳୀନ ବ୍ଲୁ-ଇକୋନୋମି ରୋଡମ୍ୟାପ୍ ଏବଂ ରାଜ୍ୟର ମତ୍ସ୍ୟ ସମବାୟ ସମିତିଗୁଡ଼ିକର ବିକାଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି, ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସହ ସମନ୍ୱିତ କରି ଆମେ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିଛୁ, ଯାହା ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ଉପକୂଳର ସର୍ବୋତ୍ତମ ଉପଯୋଗ କରିବ। ଆମେ ରାଜ୍ୟର ମତ୍ସ୍ୟଚାଷ ସମବାୟ ଏବଂ ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନକୁ ସୁଦୃଢ଼ କରିବା ଏବଂ ମତ୍ସ୍ୟ କ୍ଷେତ୍ରର ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ୍ କରିବା ପାଇଁ ସମ୍ପୂର୍ଣ୍ଣ ବଦ୍ଧପରିକର।

ଆଧୁନିକ ମତ୍ସ୍ୟଚାଷ ଭିତ୍ତିଭୂମି, ମୂଲ୍ୟ ଶୃଙ୍ଖଳ, ବୈଜ୍ଞାନିକ ମତ୍ସ୍ୟଚାଷ ପରିଚାଳନା ଏବଂ ବଜାର ସଂଯୋଗୀକରଣରେ ନିବେଶ ମାଧ୍ୟମରେ ଏହି ମିଶନ ମାଛ ଉତ୍ପାଦନ ବୃଦ୍ଧି କରିବ ଓ ମତ୍ସ୍ୟଜୀବୀଙ୍କ ଆୟକୁ ଦ୍ୱିଗୁଣିତ କରିବ। ଆଗାମୀ ୧୦ ବର୍ଷ ମଧ୍ୟରେ ସମୁଦ୍ରରେ ୧୫୦ଟି ନୂତନ ଅତ୍ୟାଧୁନିକ ଗଭୀର ସମୁଦ୍ର ମାଛଧରା ଜାହାଜର ନିୟୋଜନ କରାଯିବ ଏବଂ ପ୍ରଚଳିତ ୫୦୦ଟି ମାଛଧରା ଜାହାଜର ସମ୍ପୂର୍ଣ୍ଣ ଆଧୁନିକୀକରଣ କରାଯିବ ବୋଲି ସେ କହିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ, ଓଡିଶାରେ ମତ୍ସ୍ୟ ଉତ୍ପାଦନ, ମତ୍ସ୍ୟ ବ୍ୟବସାୟ ବିଶେଷକରି ମତ୍ସ୍ୟ ରପ୍ତାନୀ ପାଇଁ ବିପୁଳ ସମ୍ଭାବନା ରହିଛି। ପଡୋଶୀ ରାଜ୍ୟ ଗୁଡ଼ିକ ଏ କ୍ଷେତ୍ରରେ ଆଗରେ ଥିଲେ ମଧ୍ୟ ଓଡିଶାରେ ମତ୍ସ୍ୟ ଉତ୍ପାଦନ ଓ ବ୍ୟବସାୟ ବଢ଼ିବାରେ ଲାଗିଛି। ମତ୍ସ୍ୟଜୀବୀମାନଙ୍କୁ ଯେଉଁ ସୁବିଧା ସୁଯୋଗ ଦିଆଯାଉଛି, ତାହା ଜାରି ରହିଲେ ଓଡିଶା ଖୁବ୍ ଶୀଘ୍ର ମତ୍ସ୍ୟ ଉତ୍ପାଦନ ଓ ରପ୍ତାନୀରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିବ। ଗଭୀର ସମୁଦ୍ରରେ ମାଛ ଉତ୍ପାଦନ କାର୍ଯ୍ୟକ୍ରମ ଏ କ୍ଷେତ୍ରରେ ଓଡିଶା ପାଇଁ ଖୁବ୍ ସହାୟକ ହେବ ବୋଲି ସେ ମତ ଦେଇଥିଲେ।

ସମାରୋହରେ ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରି କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ, ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ କେନ୍ଦ୍ର ସରକାରଙ୍କ ନୀତିଗତ ସଂସ୍କାର ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତୀୟ ସାମୁଦ୍ରିକ ମତ୍ସ୍ୟକ୍ଷେତ୍ରର ବିକାଶ ଲାଗି କେନ୍ଦ୍ର ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ଗଭୀର ସମୁଦ୍ରର ବିପୁଳ ସାମୁଦ୍ରିକ ସମ୍ପଦର ସ୍ଥାୟୀ ଓ ସୁନିୟୋଜିତ ବ୍ୟବହାର ପାଇଁ ଆମେ ବ୍ୟାପକ ସହାୟକ ନୀତିଗତ ସଂସ୍କାରଗୁଡ଼ିକ କାର୍ଯ୍ୟକାରୀ କରିଛୁ।

ଏହି ଜାତୀୟସ୍ତରର ସମାରୋହରେ ଦେଶ ଏବଂ ରାଜ୍ୟର ଅନେକ ଶୀର୍ଷ ନେତୃତ୍ୱ ଓ ଅଧିକାରୀ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ, ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଭାରତ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସଚିବ ଡକ୍ଟର ଅଭିଲାଷ୍ ଲିଖୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋକପାତ କରିଥିଲେ। ଏଥିସହିତ ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରୁ ଆସିଥିବା ବରିଷ୍ଠ ଅଧିକାରୀ, ପୁରସ୍କାର ପ୍ରାପ୍ତ ବ୍ୟକ୍ତିତ୍ୱ, ବିଶିଷ୍ଟ ସାମୁଦ୍ରିକ ଉଦ୍ୟୋଗୀ, ମତ୍ସ୍ୟ ସମବାୟ ସମିତି ଓ ଏଫ୍ଏଫ୍ପିଓର ପ୍ରତିନିଧି ଏବଂ ବହୁ ମତ୍ସ୍ୟଜୀବୀ ଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ।

## ହୀରାକୁଦର...

ପ୍ରାୟ ୩୬ଘଣ୍ଟା ଲାଗିବ । ଏହାକୁ ଦୃଷ୍ଟିରେ ରଖି ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଦିଆଯାଇଛି । ଗେଟ୍ ଖୋଲିବା ପୂର୍ବରୁ ୫ମିନିଟ୍ ଅନ୍ତରରେ ସାଇରନ୍ ବାଜି ଉଠିଥିଲା । ପୂର୍ବରୁ ନଦୀ ମଧ୍ୟକୁ ପ୍ରବେଶ ନକରିବାକୁ ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ସତର୍କ ସୂଚନା ଜାରି କରାଯାଇଥିଲା । ମହାନଦୀର ବେଲଗାଁରେ ୧୦ହଜାର୪୦୦, ପର୍ଥଲାରେ ୨୭ହଜାର ୧୦୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ସେ୨ଲକ୍ଷ ୧ହଜାର ୯୨୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଉପର ମୁଣ୍ଡରୁ ପ୍ରବାହିତ ଜଳକୁ ଦୃଷ୍ଟିରେ ରଖି ଗେଟ୍ ଖୋଲାଯିବ ବୋଲିତ ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି । ପ୍ରଥମ ବନ୍ୟା ଜଳ ନିଷ୍କାସନ ହେଉଥିବାରୁ ଏହା ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ ଜମିଥିଲା ।

## ଇରାନ...

ଆମେରିକାକୁ ଏଥିପାଇଁ ଦୋଷ ଦେଇଛନ୍ତି। ଆମେରିକାର ଏୟାର ଷ୍ଟ୍ରାଇକ୍ ବୁସହର ଆଣବିକ ଶକ୍ତି କେନ୍ଦ୍ର ଉପରେ କରାଯାଇଛି। ଆଜି ଅପରାହ୍ନରେ ଏହି ଆକ୍ରମଣ ହୋଇଛି। ମଧ୍ୟଏସିଆରେ ମଧ୍ୟ ମିସାଇଲ ଆକ୍ରମଣ ଚାଲିଛି।

## ଗଜପତିଙ୍କ...

ଦର୍ଶାଇ, ପରୋକ୍ଷରେ ମନଇଚ୍ଛା, ନିଜ ହିସାବରେ ଅ-ତିଥିରେ ରଥଯାତ୍ରା ଆୟୋଜନ କରିବ ବୋଲି ଇଙ୍ଗିତ ଦେଇସାରିଛି ।

ଗଜପତିଙ୍କ ଚିଠିକୁ ଇସ୍କନ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିବା ପରେ ତେଜିଛି ଅସନ୍ତୋଷ । ବିଭିନ୍ନ ସଂଗଠନ ଇସ୍କନ ଉପରେ ବର୍ଷିଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ତୁରନ୍ତ ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ପୁରୀ ବିଧାୟକ । ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଦିନିଆ ରଥଯାତ୍ରା ବନ୍ଦ ପାଇଁ କୌଣସି ବଡ଼ ପଦକ୍ଷେପ ନିଆଯାଯାଇନାହିଁ । ଅନ୍ୟପଟେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଗଜପତି । ଜଗନ୍ନାଥ ସଂସ୍କୃତିର ସୁଦୀର୍ଘ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ ରାଜନୈତିକ ଏବଂ କୂଟନୈତିକ ସ୍ତରରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଗତକାଲି ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଆପତ୍ତି ଜଣାଇଥିଲା ଓଡ଼ିଶା ଫୋରମ । ଇସ୍କନ କର୍ତ୍ତୃପକ୍ଷଙ୍କୁ ଆଷାଢ଼ ଶୁକ୍ଳ ଦ୍ୱିତୀୟାରୁ ନଅ ଦିନର ଅବଧି ମଧ୍ୟରେ ପାଳନ କରିବା ପାଇଁ ପରାମର୍ଶ ଦେବାକୁ ଅନୁରୋଧ କରିଛନ୍ତି ।

ଗତବର୍ଷ ଅକ୍ଟୋବର ୧୯ ରେ ତତ୍କାଳୀନ ଇସ୍କନ ମୁଖ୍ୟାଳୟ ସମସ୍ତ ବିଚାର ବିମର୍ଶ ପରେ ନିଜେ କିଛି ଯୁକ୍ତି ରଖିଥିଲେ । ଦେଶ ଭିତରେ ରଥଯାତ୍ରା ନିର୍ଦ୍ଦିଷ୍ଟ ତିଥିରେ ପାଳନ କରାଯିବ । ବିଦେଶରେ ଏହାକୁ ମାନିପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ । ପୁଣି ସ୍ନାନଯାତ୍ରା ବିଶ୍ୱବ୍ୟାପୀ ଶାସ୍ତ୍ର ନିର୍ଦ୍ଧାରିତ ତିଥିରେ ପାଳନ ହେବ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ । ମାତ୍ର କୌଣସି ଗୋଟିଏ ବି କଥା ପାଳନ କରାଗଲା ନାହିଁ । ଏପରିକି ଦେଶ ଭିତରେ ମଧ୍ୟ ଅଦିନିଆ ରଥଯାତ୍ରା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବିଦେଶରେ ଅ-ତିଥିରେ ସ୍ନାନଯାତ୍ରା ଆୟୋଜନ ହୋଇ ଆସୁଥିଲା । ଏହାକୁ ଲକ୍ଷ୍ୟ କରି ଗଜପତି ମହାରାଜ ଜୁଲାଇ ୪ ତାରିଖରେ ଇସ୍କନ ଜିବିସିର ନୂଆ ଅଧ୍ୟକ୍ଷ ମଧୁସେବିତ ଦାସଙ୍କୁ ଇ-ମେଲ ଦେଇଥିଲେ । ଜିବିସି ଅଧ୍ୟକ୍ଷ ପଦବିରେ ନୂଆ କରି ଅବସ୍ଥାପିତ ହୋଇଥିବାରୁ, ଅନ୍ତତଃ ସେ ଶାସ୍ତ୍ରୀୟ ବିଧିବିଧାନ ଏବଂ କୋଟିକୋଟି ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଗତବର୍ଷ ୧୯ ତାରିଖରେ ତତ୍କାଳୀନ ଜିବିସି ଅଧ୍ୟକ୍ଷ ରଖିଥିବା ଜବାବ ଉପରେ ପୁନର୍ବିଚାର କରିବେ ବୋଲି ବିଶ୍ୱାସ ଥିଲା । ସେଇ କଥା ହିଁ ଚିଠିରେ ଉଲ୍ଲେଖ କରି ଗଜପତି ମହାରାଜ, ଉକ୍ତ ଫଇସଲା ଉପରେ ପୁନର୍ବିଚାର କରି ଶାସ୍ତ୍ର ଓ ମୂଳପୀଠର ରଥଯାତ୍ରା ପରମ୍ପରାକୁ ଅନୁକରଣ କରିବାକୁ ନିବେଦନ କରିଥିଲେ । ଶେଷରେ ସେ ମଧ୍ୟ ନିରାଶ କରିଛନ୍ତି ।

## ପୋଖରୀରେ...

ବେଳେ ଦୁଇଜଣଙ୍କ ସନ୍ଧାନ ପାଇଥିଲେ । ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସରେ ରେଢ଼ାଖୋଲ ମେଡିକାଲକୁ ଆଣିଥିଲେ । ହେଲେ ସେଠାରେ ଡାକ୍ତର ପ୍ରଥମ ଶ୍ରେଣୀ ଛାତ୍ର ସିଦ୍ଧାନ୍ତ ମୁଣ୍ଡା ଓ ଦ୍ୱିତୀୟ ଶ୍ରେଣୀ ଛାତ୍ର କୁମାର ମୁଣ୍ଡାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ପୋଲିସ ତଦନ୍ତ କରୁଥିବାବେଳେ ଗାଁ ରେ ଦୁଇ ସ୍କୁଲ ଛାତ୍ର ମୃତ୍ୟୁକୁ ନେଇ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି ।

## ୨୧ରେ...

ନିର୍ମାଣାଧୀନ ଅସମ୍ପୂର୍ଣ୍ଣ ସେତୁଗୁଡ଼ିକର ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି ।୨୦୨୬-୨୭ ଆର୍ଥିକ ବର୍ଷରେ ୨୨୦୦ କୋଟିର ବଜେଟ୍ ବ୍ୟବସ୍ଥା କରାଯାଇଛି ।

## ଭାରତକୁ...

ଏମାନେ ବିଶ୍ୱକୁ ଯୋଗାଣ କରିଥାନ୍ତି ।

ବିଶେଷ କରି ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ରଣନୀତି ଆଲୋଚନା ଏବଂ ସାମରିକ ଅଞ୍ଚଳରେ ସୈନ୍ୟ ମୂତୟନ ବୃଦ୍ଧି କରିବା କ୍ଷେତ୍ରରେ ସହମତି ହୋଇଛି । ସେହିପରି ବିଜ୍ଞାନ, ବୈଷୟିକ, ଶିଳ୍ପର ଯୋଗାଣ ଶୃଙ୍ଖଳା, ସାମୁଦ୍ରିକ ସୁରକ୍ଷା ସହଯୋଗ, ବେସାମରିକ ପରମାଣୁ ଚୁକ୍ତିନାମା, ପ୍ରଯୁକ୍ତି ବିଦ୍ୟା, ଭାରତୀୟ ତଟରକ୍ଷୀବାହିନୀ ଓ ଅଷ୍ଟ୍ରେଲିଆର ସାମୁଦ୍ରିକ ସୀମା କମାଣ୍ଡ ମଧ୍ୟରେ ବୁଝାମଣା ସ୍ୱାକ୍ଷର ହୋଇଛି । ନେଇ ଆଲୋଚନା କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ ଆହ୍ୱାନ ଦେଇଥିଲେ ଯେ, ଅଷ୍ଟ୍ରେଲିଆର ବ୍ୟବସାୟୀମାନେ ଦୀର୍ଘମିଆଦି ବ୍ୟବସ୍ଥା ପାଇଁ ଭାରତକୁ ବାଛନ୍ତୁ । ଉଭୟ ଦେଶ ପକ୍ଷରୁ ବିସ୍ତୃତ ଆର୍ଥିକ ସହଯୋଗ ଲାଗି ଚୁକ୍ତି ମଧ୍ୟ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ଭାରତର ଅଷ୍ଟ୍ରେଲିଆ ଅର୍ଥନୈତିକ ରୋଡ ମ୍ୟାପ ବ୍ୟବସାୟିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ମେଲବୋର୍ଣ୍ଣରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ଉଦବୋଧନ ଦେଇଥିଲେ । ଚୁକ୍ତି ଅନୁଯାୟୀ ଦୁଇ ଦେଶର ରଣନୀତିର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପ୍ରତିରକ୍ଷା ଆଲୋଚନା ଓ ବୈଠକ ଅନୁଷ୍ଠିତ ହେବ । ଆତଙ୍କବାଦ ଏବଂ ମାନବ ଚୋରାଚାଲଣ ବିରୋଧରେ ଲଢ଼େଇ ହେବ । ଆତଙ୍କବାଦୀ ପାଣ୍ଠି, ସାଇବର ସୁରକ୍ଷା, ମାନବ ଚାଲାଣ ଏବଂ ସାମୁଦ୍ରିକ ଅପରାଧ ରୋକିବା ପାଇଁ ଉଭୟ ଦେଶ ଗୁପ୍ତଚୋର ସୂଚନାରେ ସହଭାଗୀ କରିବେ । ପ୍ରଶାନ୍ତ କ୍ଷେତ୍ର ପାଇଁ ଆମେରିକା ଏବଂ ଜାପାନ ସହ ତ୍ରିପାକ୍ଷିକ ମଧ୍ୟ ଚୁକ୍ତି ହୋଇଛି । ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ପରିସ୍ଥିତି ନେଇ ଉଭୟ ରାଷ୍ଟ୍ର ମୁଖ୍ୟ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କ୍ରିକେଟକୁ ଭାରତର ଏକ ଶକ୍ତି ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ, ଭାରତ ଓ ଅଷ୍ଟ୍ରେଲିଆରେ କ୍ରିକେଟ ପ୍ରତି ଅନେକ ଆଗ୍ରହ ରହିଛି । ଭାରତ ଓ ଅଷ୍ଟ୍ରେଲିଆ ଦୁଇ ପାକ୍ଷିକ ବୁଝାମଣାରେ ଉପନୀତ ହୋଇଛନ୍ତି । ମେଲବୋର୍ଣ୍ଣକୁ ବିଶ୍ୱ କ୍ରୀଡାର ରାଜଧାନୀ ଭାବେ ଉଲ୍ଲେଖ କରିଛନ୍ତି । ସେହି ଭଳି ଅଷ୍ଟ୍ରେଲିଆରେ ନାବାଳକଙ୍କ ପାଇଁ ସୋସିଆଲ ମିଡ଼ିଆ ବନ୍ଦ ହେବା ନିଷ୍ପତ୍ତିକୁ ମୋଦୀ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ଯେ, ଅତି ନିକଟରୁ ଆପଣମାନଙ୍କୁ ଅନୁସରଣ କରୁଛି । ଆଇଟି ଓ ସୋସିଆଲ ମିଡ଼ିଆକୁ ସମାଜକୁ ସୁରକ୍ଷା ଦେବା ଯେଉଁ କାର୍ଯ୍ୟ କରାଯାଇଛି ତାହା ପ୍ରଶଂସନୀୟ ।

# ମିଳୁନି ୧୫ ମତ୍ସ୍ୟଜୀବୀଙ୍କ ପତ୍ତା, ବାଲେଶ୍ୱରରୁ ଅଛନ୍ତି ୩ ଭାଇ

ବାଲେଶ୍ୱର,(ସବ୍ୟୁ): ଲଘୁଚାପ କାରଣରୁ ସମୁଦ୍ର ଅଶାନ୍ତ ରହିଛି । ଏଭଳି ସ୍ଥିତିରେ ଓଡିଶା ସୀମାନ୍ତ ପଶ୍ଚିମବଙ୍ଗ ଶଙ୍କରପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ମା କାଳୀ ନାମକ ଏକ ମାଛ ଧାରା ଟ୍ରଲର ରବିବାର ୧୫ ଜଣ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯାଇଥିଲା । ଇଲିସି ସନ୍ଧାନରେ ବାହାରିଥିବାବେଳେ ଉତାଳ ଢେଉରେ ଅଦ୍ୟାବଧି ନିଖୋଜ ହୋଇଥିବାର ସୂଚନା ମିଳିଛି ।ଏହି ୧୫ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ପଶ୍ଚିମବଙ୍ଗର ୧୨ ଜଣ ଓ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଲୁଡ଼ା ଗ୍ରାମ ଗୋଟିଏ ପରିବାରର ତିନିଭାଇ ନିଖୋଜ ଅଛନ୍ତି । ସେମାନେ ହେଲେ ରବୀନ୍ଦ୍ର ମାଝୀ, ଜଗନ୍ନାଥ ମାଝୀ ଓ ଜୟରାମ ମାଝୀ । ଦୀଘା ଶଙ୍କରପୁର ଫିସାର ଏଣ୍ଡ ଫିସେସ ଏସୋସିଏସନ ପକ୍ଷରୁ ଦୀଘା ଓ ମନ୍ଦାରମଣୀ ସାମୁଦ୍ରିକ ଥାନାକୁ ଜଣାଇବା ପରେ ନିଖୋଜଥିବା ସମସ୍ତ ମତ୍ସ୍ୟଜୀବୀଙ୍କ ସନ୍ଧାନରେ ଏକ ହେଲିକପଟର ସମୁଦ୍ର ଆକାଶରେ ଚକ୍କର ମାରୁଛି । ପାଗ ପ୍ରତିକୂଳ ଥିବାରୁ ମତ୍ସ୍ୟଜୀବୀଙ୍କ ସନ୍ଧାନରେ ବିଳମ୍ବ ହେଉଛି । ମତ୍ସ୍ୟଜୀବୀଙ୍କ ପତ୍ତା ମିଳୁନଥିବାରୁ ପରିବାରର ଆତ୍ମୀୟ ସ୍ୱଜନ କାନ୍ଦ ବୋବାଳି ଓ ଠାକୁରଙ୍କ ଠାରେ ଘନ ଘନ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଛି ।

# ସଡ଼କ ଦୁର୍ଘଟଣା: ୩ ଗୁରୁତର

ବାଲେଶ୍ୱର,(ସବ୍ୟୁ) :୧୬ ନଂ ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ କୁଣ୍ଡପୁର ଛକ ନିକଟରେ ଛିଡ଼ା ହୋଇଥିବା ଟ୍ରକକୁ ପଛରୁ ଧକ୍କା ଦେଇ ଗୋଟିଏ ଟ୍ରାଭେରାର ୩ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ଭୋର ୪ଟାରେ ଜାତୀୟ ରାଜପଥର କୁଣ୍ଡପୁର ଛକ ନିକଟରେ ପୁରୀରୁ ଭୋଗରାଇ ଥାନା ନିମାତପୁର ଅଭିମୁଖେ ଆସୁଥିବା ଟ୍ରାଭେରା ଗାଡି(ଓଡ଼ି ୦୧ଜେଡ୍ ୬୮୦୪) ଛିଡା ହୋଇଥିବା ଟ୍ରକକୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ଚାଳକ ଜଣକ କେବିନରେ ଚାପି ହୋଇ ଗୁରୁତର ହୋଇଥିବାବେଳେ ୧୫/୧୬ ଯାତ୍ରୀଙ୍କ ମଧ୍ୟରୁ ୨ ଜଣ ମଧ୍ୟ ଗୁରୁତର ହୋଇଥିଲେ ।


**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ନୋଟିସ୍ ନଂ.ଏସଟି-ସିକେପି-ଓଟି -୨୬-୨୭ ତାରିଖ ୦୭.୦୭.୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ପାଇଁ କାର୍ଯ୍ୟ କରୁଥିବା ବରିଷ୍ଠ ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁର ନିମ୍ନରେ ଉଲ୍ଲେଖିତ ଟେଣ୍ଡର ନଂ. ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୨୯.୦୭.୨୦୨୬ ତାରିଖ ୧୫:୦୦ ଘଟିକାରେ ଖୋଲା ଯିବ । ଏହି ଟେଣ୍ଡର ବିପକ୍ଷରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ପ୍ରାପ୍ତ ଏପରି କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । କ୍ର.ନଂ., ଟେଣ୍ଡର ନୋଟିସ୍ ନଂ ଏବଂ କାର୍ଯ୍ୟର ନାମ ନିମ୍ନରେ ଉଲ୍ଲିଖିତ: ୧. ଏସଟି-ସିକେପି-ଓଟି-୨୬-୨୭-୫୨ । ଲିଙ୍କ-ସି-ହୁମେଟ୍ରା (କି.ମି. ୪୦୧/୬-୮) ଠାରେ ୦୧ଟି ନନ୍ ଇଣ୍ଟରଲକ୍ଡ ଇଞ୍ଜିନିୟରିଂ ଏଲ୍.ସି. ଗେଟ୍ ର ଇଣ୍ଟରଲକିଂ ପାଇଁ ଏସ୍.ଏଣ୍ଡ.ଟି କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ. ୬୧,୧୦,୭୪୮.୯୯ /- । ଅମାନତ ଅର୍ଥ: ଟ. ୧,୨୨,୨୦୦/- । ୨.ଏସଟି-ସିକେପି-ଓଟି -୨୬-୨୭-୫୩. ଲିଙ୍କ-ସି ହୁମେଟ୍ରା ସେକ୍ସନରେ ୦୧ଟି ନନ୍ ଇଣ୍ଟରଲକ୍ ଇଞ୍ଜିନିୟରିଂ ଏଲ.ସି ଗେଟ୍ ର ଇଣ୍ଟରଲକିଂ ପାଇଁ ପରିବର୍ତ୍ତନ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ୫୧,୨୯,୨୬୦/-, ଅମାନତ ଅର୍ଥ: ଟ. ୧,୦୨,୬୦୦/- । ୩. ଏସଟି-ସିକେପି-ଓଟି-୨୬-୨୭-୫୪. ରାଉରକେଲା-ବୁଆରମୁଣ୍ଡା (କିଲୋମିଟର ୪୧୯/୧୩ବି-୧୪ବି) ରେ ୦୧ଟି ନନ୍ ଇଣ୍ଟରଲକ୍ ଇଞ୍ଜିନିୟରିଂ ଏଲ.ସି ଗେଟ୍ର ଇଣ୍ଟରଲକିଂ ପାଇଁ ଏସ ଆଣ୍ଡ ଟି କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ୬୨,୪୩,୩୨୫.୯୯ /-, ଅମାନତ ଅର୍ଥ: ଟ୧,୨୪,୯୦୦/- । ୪.ଏସଟି-ସିକେପି-ଓଟି-୨୬-୨୭-୫୫. ସିଗନାଲିଂ ସଂସ୍ଥାପନ ଉପରେ ମୁଖା ଏବଂ ମୁଖା ବିନାଶକ ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ଟ୧୬,୨୨,୫୦୦/-, ଅମାନତ ଅର୍ଥ: ଟ. ୩୪,୫୦୦/- । ସମାପ୍ତି ଅବଧି : କ୍ର. ନଂ. ୧,୨ ଏବଂ ୩ ପ୍ରତ୍ୟେକ ପାଇଁ ୦୬ ମାସ । ଏବଂ କ୍ର.ନଂ ୪ ପାଇଁ ୦୪ ମାସ । ଟେଣ୍ଡର ବିବରଣୀ ୱେବସାଇଟ୍ http://www.ireps.gov.inରେ ଦେଖାଯାଇ ପାରିବ । ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-୩ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ରହିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ । (PR-448)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. CAOCRSPBBS-35-2026

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ କୁହୁଡ଼ି ଏବଂ କାଲୁପଡ଼ାଘାଟ ଷ୍ଟେସନ ମଧ୍ୟରେ ରେଳବାଇ କି.ମି. 503/6-8 ଠାରେ ଆପ୍ରୋଚ ଅଂଶ ନିମନ୍ତେ କୁହୁଡ଼ି ପାର୍ଶ୍ୱରେ 9 X 25.04 M RCC ଗର୍ଡର ଏବଂ ଭଡନପୁର ପାର୍ଶ୍ୱରେ 9 X 25.04 M RCC ଗର୍ଡରର ପ୍ରସ୍ତାବିତ ସ୍ପାନ ଏବଂ ଲେଭେଲ କ୍ରସିଙ୍ଗ ନଂ. 237 ପରିବର୍ତ୍ତେ ରେଳବାଇ ଅଂଶ ନିମନ୍ତେ 1 X 18.0 M + 1 X 42.0 M + 1 X 18.0 M କମ୍ପୋଜିଟ୍ ଗର୍ଡରକୁ ନେଇ ଗଠିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ।

ବିଜ୍ଞାପିତ ମୂଲ୍ୟ : ₹ 50,95,76,788.14, EMD : ₹ 1,01,91,500/-, ଶେଷ ହେବା ଅବଧି: 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.07.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.08.2026ରିଖ 1200 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଛେ ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/RSP/ଭୁବନେଶ୍ୱର

PR-125/CJ/26-27

**AFFIDAVIT**

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, NIMAPARA, DATED. 8/6/2026 I SOUMYA RANJAN MOHAPATRA AT- AMPORE, PO-CHHANIJANGA, PS-CHARICHHAK, DIST-PURI MY SON'S ACTUAL NAME OF MY SON IS "KULJIT MOHAPATRA" AS PER HIS BIRTH CERTIFICATE BUT HIS AADHAAR CARD NO-5787 9327 0598 HIS NAME WRONGLY MENTIONED AS KULDIP MAHAPATRA INSTEAD OF KULJIT MOHAPATRA, BOTH ARE SAME AND ONE PERSON.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1130/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୬୭, ୱେବ୍ସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୩୬ **ବିଜ୍ଞାପନ** ତା : ୨୨.୬.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଘରର ସମ୍ପୃକ୍ତ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ନାମ-ସ୍ୱର୍ଗତ ସୁଦାମ ଚରଣ ପାଢୀ<br>ପିତା- ସ୍ୱର୍ଗତ କମ୍ବୁଧର ପାଢୀ<br>ସା-ପୁକାରୀପୁଟ<br>ପୋ-କୋରାପୁଟ<br>ଥାନା- କୋରାପୁଟ<br>ଜିଲ୍ଲା-କୋରାପୁଟଙ୍କ | ଏମ୍ଆଇଜି-୨-୧୧<br>(MIG-II-11)<br>ସୋସିଆଲ ହାଉସିଂ ସ୍କିମ୍<br>ଲୁମା, ଫେଜ୍-୧<br>କୋରାପୁଟ | ୧. ଛାୟାରାଣୀ ପାଢୀ (ସ୍ତ୍ରୀ)<br>୨. ପ୍ରଶାନ୍ତ କୁମାର ପାଢୀ (ବି.ପୁତ୍ର)<br>୩. ପ୍ରଣତୀ ମହାପାତ୍ର (ବି.କନ୍ୟା)<br>୪. ରଜନୀକାନ୍ତ ପାଢୀ (ବି.ପୁତ୍ର)<br>୫. ଆରତୀ ପାଢୀ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0138

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.,**
**GANJAM : CHATRAPUR.**

7001/65/2627

Phone No. 06811-263931 District Website: www.ganjam.odisha.gov.in

Tender No. 4089, 4090, 4091, 4092, 4093, 4094, 4095, 4096, 4097, 4098, 4099, 4100, 4101, 4102, 4103, 4104, 4105, 4106, 4107, 4108, 4109, 4110 / Dated 04.07.2026 & Tender No.4111,4112, 4113,4114, 4115, 4116, 4117, 4118, 4119, 4120, 4121, 4122, 4123, 4124, 4125, 4126, 4127, 4128, 4129, 4130, 4131, 4132 / Dated 04.07.2026

District Manager, Odisha State Civil Supplies Corporation Ltd, Ganjam invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of (I) Paddy from Paddy Purchase Centre (PPC)/ Mandies to Rice Mills points (within or outside district) & (II) Custom Milled Rice (CMR) from Rice Mill points to Rice Receiving Centres (RRCs)/ Depot (within or outside district) for the KMS : 2025-26 |
| 2 | Availability of bid document in the portal | From 07.07.2025 |
| 3 | Last Date / Time for receipt of bids in the portal | Dt. 22.07.2026 up to 05.30 PM |
| 4 | Date/ Time of opening of Technical Bid | Dt. 23.07.2026 at 11.00 AM |
| 5 | Name and address of the Officer Inviting Tender | District Manager, OSCSC Ltd, Ganjam, Chatrapur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager,
OSCSC Ltd., Ganjam, Chatrapur

OIPR : 7001/7033/1/26-27/0001

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, RENGALI DAM DIVISION, RENGALI**
**INVITATION FOR BIDS (IFB)**
Email ID- rengalidam@gmail.com

32001/523/2627

**'e'-Procurement Notice No. SE-RDD- 03/2026-27**

The Superintending Engineer, Rengali Dam Division, Rengali on behalf of Governor of Odisha invites Item Rate bid in single cover system to be received in ONLINE MODE from reputed and experienced manpower service provider for providing Outsourcing Personnel on Department of Water Resources, O/o Superintending Engineer, Rengali Dam Division, Rengali who must possess valid labour license for engagement of labour for different works mentioned below. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1 | Name of the works | Engagement of Man Power for operation and Maintenance of Dewatering of foundation Gallery, water supply and Electrical work at Rengali Dam Site for the year 2026-27. |
| 2 | No of works | 01 (One) Nos of works |
| 3 | Estimated Cost | Approximately 13.56 lakhs (including EPF, ESI & GST) |
| 4 | Cost of tender paper | Rs. 6000.00 (Non-refundable) online |
| 5 | EMD/ Bid Security | Rs. 13600.00 (Refundable) online |
| 6 | Class of contractor | Registered firm with valid labour license, EPF and ESI registration certificate |
| 7 | Period of Completion of work | During the FY 2026-27 |
| 8 | Date and time of availability of bid Document in the website | From 11.00 A.M of Dt. 14.07.2026 to 5.00 P.M. of Dt.24.07.2026 in the website (www.tendersodisha.gov.in) |
| 09 | Date, time and place of opening of online tender | Dt.27.07.2026 at 11.00 A.M in O/o the Superintending Engineer, Rengali Dam Division, Rengali |
| 10 | Date, time and place for finalization of tender through transparent lottery System (If required) | Dt.29.07.2026 at 11.00 A.M in O/o the Superintending Engineer, Rengali Dam Division, Rengali |
| 11 | Last Date of Seeking Clarification | From Dt.14.07.2026 to Dt.20.07.2026 up to 3.00 PM |
| 12 | Name and Address of Officer inviting Tender | Superintending Engineer, Rengali Dam Division, Rengali, AT/P.O. Rengali Dam Site Dist: Angul, Odisha, PIN-759105 Email ID- rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Superintending Engineer
Rengali Dam Division, Rengali

OIPR : 32001/32028/1/26-27/0002

**OFFICE OF THE SUPERINTENDING ENGINEER,**
**KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**

34001/461/2627 E-mail: pwdoff_khd@yahoo.com

**Tender Call Notice**
**Bid Identification No. S.E.-KHD-(R&B)-09 /2026-27**
Letter No. 3489 dtd. 6/7/26

The Superintending Engineer, Khordha (R&B) Division, Khordha on behalf of Governor of Odisha invites Percentage Rate bids in Double Cover System from appropriate Class of contractors as detailed below registered with the State Governments and Contractors of equivalent Grade / Class registered with Central Government / MES / Railways for execution of the Composite works. The bidder not registered under the state government has to register under the state PWD in appropriate class of eligibility before signing of the agreement

| | | | |
|---|---|---|---|
| 1. | Nature of Work | : | Building works |
| 2. | No of Work | : | 2Nos. |
| 3. | Tender Cost | : | Rs. 10000.00 (Online) |
| 4. | Class of Contractor | : | Sl.No. 01&02 B Class Contractor |
| 5. | Available of Bid documents in the website. | : | From Dt. 13.07.2026 at 11.00 A.M to Dt 28.07.2026 at 5.00 PM |
| 6. | Date of opening of Bids | : | Dt 29.07.2026 at 11.00 AM |
| 7. | Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website. | | |

Sd/- Superintending Engineer
Khordha (R&B) Division, Khordha

OIPR : 34001/34095/1/26-27/0009

**BHUBANESWAR DEVELOPMENT AUTHORITY**
**AKASH SHOVA BUILDING,**
SACHIVALAYA MARG, BHUBANESWAR - 751001
PABX No.0674-2392801 / 0998 / 6437, FAX No.0674-2390633 / 085
Visit us at: http://www bda gov. in/

13001/1120/2627 **Invitation for Bids**

**Bid Identification No. 371/EE/BDA/2026-27 Date. 08.07.2026**

Executive Engineer, Division.V, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below :

| | | | |
|---|---|---|---|
| 1. | Nature of works | : | 'DEVELOPMENT OF OPEN SPACE NEAR PRESIDENT'S HOUSE, PATRAPADA' |
| 2. | Total No. of works | : | 01 (one) No. |
| 3. | Amount put to tender | : | Rs. 93.40 Lakhs |
| 4. | Class of Contractor | : | 'B' class |
| 5. | Period of Completion | : | 04 (four) Calendar months |
| 6. | Cost of Bid Documents | : | Rs. 10000.00 + 18% GST - Rs. 11800.00 (Online transfer by the last date & time for receipt of bids) |
| 7. | Earnest Money Deposit (EMD) | : | 1 % of estimated cost put to tender. (Online transfer by the last date & time for receipt of bids) |
| 8. | Availability of Tender | : | From 10.07.2026 to 5.30 PM of 27.07.2026 https://tendersodisha.gov.in. |
| 9. | Date of opening of Tender | : | Dt. 28.07.2026 at 11.30 AM |
| 10. | Place of opening of Tender | : | O/o - Executive Engineer, Division.V, BDA. Bhubaneswar. |

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Executive Engineer,
Div. V, BDA, Bhubaneswar

OIPR : 13001/13033/1/26-27/0093


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୭୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ପ୍ରାକ୍ତନ ଛାତ୍ର ସଂସଦର ଷଷ୍ଠ ବାର୍ଷିକ ମିଳନ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ଷଷ୍ଠ ବାର୍ଷିକ ମେଗା ମିଳନ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଦେଶ ଓ ବିଦେଶରେ ପ୍ରତିଷ୍ଠିତ ପୂର୍ବତନ ଛାତ୍ରଛାତ୍ରୀ, ବିଶିଷ୍ଟ ଶିକ୍ଷାବିତ୍ ଏବଂ ବିଶ୍ୱବିଦ୍ୟାଳୟ ପରିବାରର ସଦସ୍ୟମାନେ ଯୋଗଦେଇ ପୁରୁଣା ସ୍ମୃତିକୁ ରୋମନ୍ଥନ କରିବା ସହ ବିଶ୍ୱବିଦ୍ୟାଳୟର ଉତ୍ତରୋତ୍ତର ପ୍ରଗତି ପାଇଁ ନିଜର ସହଯୋଗ ଓ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ସଂସଦର ଉପସଭାପତି ଡ଼କ୍ଟର ମିନତୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଡ଼କ୍ଟର ଦେବଦତ୍ତ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଲୁମନାଇ ସମ୍ବାଦ ପତ୍ରିକା 'ବ୍ୟାସ ପ୍ରଜ୍ଞା'ର



ଉନ୍ମୋଚନ କରିଥିଲେ। ଆଲୁମନାଇ ଆସୋସିଏସନ୍‌ର ସଭାପତି ଡ଼କ୍ଟର. ସିଏସ୍ ନନ୍ଦ ପୂର୍ବତନ ଛାତ୍ରଛାତ୍ରୀଙ୍କ ଭୂମିକା, ଗବେଷଣା ସହଯୋଗ ଏବଂ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶରେ ଆଲୁମନାଇଙ୍କ ସକ୍ରିୟ ଅବଦାନ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ବହୁବିଷୟକ ଶିକ୍ଷା, ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରୀ ରୂପାୟନ ଏବଂ ଗବେଷଣାଭିତ୍ତିକ ଶିକ୍ଷାର ଆବଶ୍ୟକତା ଉପରେ ମତ ରଖିଥିଲେ। କୁଳସଚିବ ଶ୍ରୀମତୀ କୁକୁମିନା ଦାସ ପ୍ରଶାସନିକ ସଂସ୍କାର, ଡିଜିଟାଲ୍ ପଦକ୍ଷେପ ଓ ଛାତ୍ରକୈନ୍ଦ୍ରିକ ପ୍ରଶାସନ ସମ୍ପର୍କରେ ଅଭିଭାଷଣ ରଖିଥିଲେ।

ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର, ନେଦରଲ୍ୟାଣ୍ଡସ୍‌ର ଲେଇଡେନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଳୟ କାନୁନ୍‌ଗୋ ଏବଂ ମୁଖ୍ୟ ବକ୍ତା ପ୍ରଫେସର ନିରଞ୍ଜନ ପାତ୍ରୀ ଉଚ୍ଚଶିକ୍ଷା, ନୈତିକ ମୂଲ୍ୟବୋଧ, ଆନ୍ତର୍ଜାତିକ ଗବେଷଣା ସହଯୋଗ ଓ ଦାୟିତ୍ୱବୋଧସମ୍ପନ୍ନ ନାଗରିକ ଗଠନରେ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ନବସୃଜନ ଓ ପ୍ରତିଷ୍ଠାନଗତ ବିକାଶରେ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟର ଉତ୍କର୍ଷ ଯାତ୍ରାର ସହଯାତ୍ରୀ ହେବାକୁ ଆହ୍ୱାନ ଜଣାଇଥିଲେ। ଏଥିସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ଯୁଗ୍ମ ସମ୍ପାଦକ ଡ଼କ୍ଟର ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିବା ସହ ଅଧିବେଶନ ଶେଷ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୈଶ୍ୟଭୋଜନର ଆୟୋଜନ କରାଯାଇଥିଲା।

# ଗାଡ଼ିର ମାଲିକାନା ବଦଳ ଆବେଦନ ଯାଞ୍ଚ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

## ଜାଲ୍ କାଗଜପତ୍ର ଅନୁମୋଦନ କ୍ଷେତ୍ରରେ ଉତ୍ତରଦାୟୀ ହେବେ ସମ୍ପୃକ୍ତ ଅଧିକାରୀ

କଟକ, (ସବ୍ୟୁ): ରାଜ୍ୟରେ ଗାଡ଼ି ପଞ୍ଜୀକରଣ, ମାଲିକାନା ବଦଳ ଏବଂ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ କଡ଼ାକଡ଼ି କରିବା ପାଇଁ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଣିକି ଆବେଦନକାରୀଙ୍କ ପରିଚୟ, ଠିକଣା ଏବଂ ଆଞ୍ଚଳିକ ଯୋଗ୍ୟତାର ସଠିକ୍ ଯାଞ୍ଚ ନ କରି କୌଣସି ବି ଗାଡ଼ିର ଉପରୋକ୍ତ କାର୍ଯ୍ୟ କରାଯାଇପାରିବ ନାହିଁ। ନିକଟରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାକୁ ଭିତ୍ତି କରି ପରିବହନ ବିଭାଗ ଏହି ନିଷ୍ପତ୍ତି ନେଇଛି। ଉକ୍ତ ଘଟଣାରେ ଜଣେ କ୍ରେତାଙ୍କ ଆଧାର କାର୍ଡ଼ ଠିକଣା ଅନ୍ୟ ଏକ ରାଜ୍ୟର ଥିବା ବେଳେ, ଫର୍ମ ୨୯ ଓ ୩୦ ରେ ଓଡ଼ିଶାର ଏକ ସ୍ଥାନୀୟ ଠିକଣା ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଗାଡ଼ିଟି ବିନା ଫିଟନେସ୍, ପରମିଟ୍, ଟ୍ୟାକ୍ସ ଏବଂ ଇନସ୍ୟୁରାନ୍ସରେ ଚାଲୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ମାଲିକଙ୍କୁ ନୋଟିସ ପଠାଯିବା ସତ୍ତ୍ୱେ ତାହା ଅପହଞ୍ଚ ହୋଇ ଫେରିଆସିଥିଲା। ଏଭଳି ସମସ୍ୟାକୁ ଏଡ଼ାଇବା ପାଇଁ ପରିବହନ କମିଶନର ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଆବେଦନକାରୀ ଅପଲୋଡ୍ କରିଥିବା ସମସ୍ତ କାଗଜପତ୍ର ସ୍ୱ-ପ୍ରମାଣିତ ହେବା ଅନିବାର୍ଯ୍ୟ। ନାମ, ବାପାଙ୍କ ନାମ, ମୋବାଇଲ ନମ୍ବର କିମ୍ବା ଜନ୍ମ ତାରିଖରେ ସାମାନ୍ୟ ଅମେଳ ଥିଲେ ଆବେଦନ ନାକଚ କରିଦିଆଯିବ। ଯେଉଁ କାର୍ଯ୍ୟ ଗୁଡ଼ିକ ଆଧାର ମାଧ୍ୟମରେ ହେଉଛି, ତାହାର ସଠିକତା ଯାଞ୍ଚ କରାଯିବ। ଅଣ-ଆଧାର କାର୍ଯ୍ୟ ପାଇଁ ମୂଳ କାଗଜପତ୍ରର ଯାଞ୍ଚ କରାଯିବ। ଯଦି କୌଣସି ବାହାର ରାଜ୍ୟର ବ୍ୟକ୍ତି ଓଡ଼ିଶାରେ ଗାଡ଼ିର ମାଲିକାନା ବଦଳ କିମ୍ବା ପଞ୍ଜୀକରଣ କରୁଛନ୍ତି, ତେବେ ଆରଟିଓ ସେହି ସ୍ଥାନୀୟ ଠିକଣାର ସତ୍ୟାସତ୍ୟ ଭଲଭାବେ ଯାଞ୍ଚ କରିବେ। ଅନ୍ୟ କାହାର ପରିଚୟ ପତ୍ର ବ୍ୟବହାର କରି ଗାଡ଼ି କିଣାବିକା କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଲାଇସେନ୍ସ ନବୀକରଣ କିମ୍ବା ଠିକଣା ବଦଳାଇବା ସମୟରେ ସ୍ଥାନୀୟ ବାସିନ୍ଦା ହୋଇଥିବା ପ୍ରମାଣପତ୍ର ଜରୁରୀ। କେବଳ ଅନ୍ୟ ଜଣଙ୍କ ଠିକଣାକୁ ଆଧାର କରି ଡିଏଲରେ ଠିକଣା ପରିବର୍ତ୍ତନ କରାଯାଇପାରିବ ନାହିଁ। ଯଦି କୌଣସି ବ୍ୟକ୍ତି ଗାଡ଼ି ପଞ୍ଜୀକରଣ କିମ୍ବା ଡ୍ରାଇଭିଂ ଲାଇସେନ୍ସ ପାଇଁ ଜାଲ୍ କାଗଜପତ୍ର ଦେଇଥିବା ଜଣାପଡ଼େ, ତେବେ ଉକ୍ତ ଆରସି ଓ ଡିଏଲ କୁ ରଦ୍ଦ କରାଯିବା ସହ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ଯେ, 'ବାହନ' କିମ୍ବା 'ସାରଥୀ' ପୋର୍ଟାଲରେ କୌଣସି କାର୍ଯ୍ୟକୁ ଅନୁମୋଦନ କରିବା ଅର୍ଥ ହେଉଛି ସମ୍ପୃକ୍ତ ଅଧିକାରୀ କାଗଜପତ୍ରର ସଠିକତାକୁ ସ୍ୱୀକାର କରୁଛନ୍ତି। ଯଦି ଭବିଷ୍ୟତରେ କୌଣସି ଭୁଲ୍ ଅନୁମୋଦନ କିମ୍ବା ନକଲି ଠିକଣା ମାମଲା ସାମ୍ନାକୁ ଆସେ, ତେବେ ସମ୍ପୃକ୍ତ ଯାଞ୍ଚକାରୀ ଏବଂ ଅନୁମୋଦନକାରୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଓଡ଼ିଶାରେ ପ୍ରଥମ: ଆଇଏମ୍ଏସ୍ ଓ ସମ୍ ହସ୍ପିଟାଲରେ

# ଅତ୍ୟାଧୁନିକ ମଲିକ୍ୟୁଲାର ଡାଏଗ୍ନୋସିସ୍ ଓ ଜିନୋମିକ୍ସ ଲ୍ୟାବ୍

ଭୁବନେଶ୍ୱର, (ସବ୍ୟୁ) : କର୍କଟ ରୋଗ ଓ ବଂଶଗତ ରୋଗର ସଠିକ୍ ନିର୍ଣ୍ଣୟ ଓ ବ୍ୟକ୍ତି କୈନ୍ଦ୍ରିକ ଚିକିତ୍ସା (ପ୍ରିସିଜନ୍ ମେଡିସିନ୍) କ୍ଷେତ୍ରରେ ଓଡ଼ିଶାର ପ୍ରଥମ ହସ୍ପିଟାଲ୍ ଭାବେ ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏକ ଐତିହାସିକ ସଫଳତା ହାସଲ କରିଛି। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ରାଜ୍ୟର ପ୍ରଥମ ହସ୍ପିଟାଲ୍ ଭାବେ ଏକ ସଂପୂର୍ଣ୍ଣ ଇନ୍-ହାଉସ୍ ଜିନୋମିକ୍ସ ଲ୍ୟାବ୍ ସ୍ଥାପନ କରିଛି। ଏହା ଫଳରେ ଅତ୍ୟାଧୁନିକ ଜିନୋମିକ୍ ପରୀକ୍ଷା ପାଇଁ ରୋଗୀମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ନେକ୍ସଟ ଜେନେରେସନ୍ ସିକ୍ୱେନ୍ସିଂ (ଏନ୍‌ଜିଏସ୍), ସାଇଟୋଜେନେଟିକ, ଫ୍ଲୁରେସେନ୍ସ ଇନ୍ ସିଟୁ ହାଇବ୍ରିଡାଇଜେସନ୍ (ଏଫ୍ଆଇଏସ୍ଏଚ) ଏବଂ ଅନ୍ୟ



ମଲିକ୍ୟୁଲାର ପରୀକ୍ଷାଗୁଡ଼ିକ ଏହି ଅତ୍ୟାଧୁନିକ ଜିନୋମିକ୍ ପରୀକ୍ଷଣ ଲ୍ୟାବ୍‌ରେ କରାଯାଉଥିବା ସୂଚନା ଦେଇଛନ୍ତି ହସ୍ପିଟାଲର ମଲିକ୍ୟୁଲାର ଡାଏଗ୍ନୋସିସ୍ ଆଣ୍ଡ ଜିନୋମିକ୍ସ ବିଭାଗର ମୁଖ୍ୟ ଡାକ୍ତର ଶିବାଙ୍ଗୀ ହାରଣଖେଡକର। ଡାକ୍ତର ହାରଣଖେଡକର କହିଛନ୍ତି ଯେ ବିଭିନ୍ନ ଅଣୁସ୍ତରୀୟ ପରୀକ୍ଷା ଇତ୍ୟାଦି ସୁବିଧାରେ ସୁସଜ୍ଜିତ ଏହି ଲ୍ୟାବ୍ କର୍କଟ ରୋଗ, ରକ୍ତ ସମ୍ବନ୍ଧୀୟ ରୋଗ ଏବଂ ବଂଶଗତ ରୋଗର ସଠିକ୍ ନିର୍ଣ୍ଣୟ, ରୋଗର ପ୍ରକୃତ ନିର୍ଦ୍ଧାରଣ ଓ ଚିକିତ୍ସାର ଅଗ୍ରଗତି ଉପରେ ନଜର ରଖିବାରେ ସହାୟକ ହେଉଛି। କର୍କଟ ରୋଗର ଚିକିତ୍ସା ଏବେ କେବଳ ମାଇକ୍ରୋସ୍କୋପ୍‌ରେ ଦେଖାଯାଉଥିବା ଚିତ୍ର ଉପରେ ନିର୍ଭର କରୁନାହିଁ। ଜେନେଟିକ୍ ସୂଚନାର ବିଶ୍ଳେଷଣ ମାଧ୍ୟମରେ ରୋଗର ପ୍ରକୃତ କାରଣ ଜାଣି ବ୍ୟକ୍ତି କୈନ୍ଦ୍ରିକ ଚିକିତ୍ସା ସମ୍ଭବ ହେଉଛି। ଆମେ ପ୍ରିସିଜନ୍ ମେଡିସିନ୍‌ର ଯୁଗରେ ପ୍ରବେଶ କରିଛୁ ବୋଲି ସେ କହିଛନ୍ତି। ଡାକ୍ତର ହାରଣଖେଡକର କହିଛନ୍ତି ପୂର୍ବରୁ ଓଡ଼ିଶାର ରୋଗୀମାନେ ଉନ୍ନତ ଜିନୋମିକ୍ ପରୀକ୍ଷା ପାଇଁ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ କିମ୍ବା ବେଙ୍ଗାଲୁରୁ ଭଳି ସହର ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଏହି ସୁବିଧା ଭୁବନେଶ୍ୱରରେ ଉପଲବ୍ଧ ହୋଇଥିବାରୁ ରୋଗୀମାନଙ୍କ ସମୟ ଓ ଖର୍ଚ୍ଚ ଉଭୟ ହ୍ରାସ ପାଇବ।

# ରୋଟାରୀ ରୟାଲର ଅଧିଷ୍ଠାନ ଉତ୍ସବ

## ଆଶୀଷ ପରିଡ଼ା ସଭାପତି ଭାବେ ଅଧିଷ୍ଠିତ

ଭୁବନେଶ୍ୱର, (ସବ୍ୟୁ) : ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲର ୨୫ତମ ଅଧିଷ୍ଠାନ ଉତ୍ସବ ପ୍ରାକ୍ତନ ସଭାପତି ଡା. ଅମରେନ୍ଦ୍ରନାଥ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ କ୍ଲବ ସଭାପତି ରୋଟାରୀଆନ ଅର୍ଜୁନ ସାହୁ ଓ ସମ୍ପାଦକ ଦୀପକ ସେହଗଲ ଚଳିତ ବର୍ଷର ସଭାପତି ରୋଟାରୀୟାନ ଆଶୀଷ ପରିଡ଼ା ଓ ସମ୍ପାଦକ କୁଳଦୀପ ରଥଙ୍କୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ । କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ଅନୀଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ ରୋଟାରୀ ପକ୍ଷରୁ ରାଜ୍ୟରେ ବ୍ୟାପକ ସାମାଜିକ ସେବା ପ୍ରକଳ୍ପ କାର୍ଯ୍ୟକାରି କରାଯିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଚିନ୍ମୟ ମିଶନ ଓଡ଼ିଶା ମୁଖ୍ୟ ଯୋଗଦେଇ ସମାଜ ପ୍ରତି ରୋଟାରୀର ସେବା ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ପରିଡ଼ା ଓ ସମ୍ପାଦକ ଶ୍ରୀ ରଥ ଚଳିତ ବର୍ଷ କ୍ଲବ ପକ୍ଷରୁ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପ୍ରକଳ୍ପ




ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ସହାୟକ ପ୍ରାନ୍ତପାଳ ଶୁଭେନ୍ଦୁ ପରିଡ଼ା ଯୋଗଦେଇ ଅଭିଭାଷଣ ରଖିଥିଲେ । ଏହି ଅବସରରେ ସ୍ମରଣିକା ସମ୍ପାଦକ ରୋଟାରୀଆନ ରବିନାରାୟଣ ନନ୍ଦଙ୍କ ଦ୍ୱାରା ସମ୍ପାଦିତ କ୍ଲବ ସ୍ମରଣିକା 'ଦି ରୟାଲ'ର ଉନ୍ମୋଚନ ହୋଇଥିଲା । ଉତ୍ସବ ଅବସରରେ ୪ ଜଣ ନୂତନ ସଦସ୍ୟ କ୍ଲବର ସଦସ୍ୟତା ଗ୍ରହଣ କରିଥିଲେ । ଉତ୍ସବକୁ କ୍ଲବର ପ୍ରାକ୍ତନ ସଭାପତି ରୋଟାରୀଆନ ବିଭୂତିଭୂଷଣ କର ସଂଚାଳନ କରିଥିବା ବେଳେ କୋଷାଧ୍ୟକ୍ଷ ରୋଟାରୀଆନ ପ୍ରଶାନ୍ତ କୁମାର ସାହୁ, କ୍ଲବ ସେବା ନିର୍ଦ୍ଦେଶକ ରୋଟାରୀଆନ ବିଶ୍ୱଜିତ୍ ମିଶ୍ର, ସୂର୍ଯ୍ୟକାନ୍ତି ପରିଡ଼ା, ଆର୍ଚ୍ଚିଷା ପରିଡ଼ା, ରତ୍ନପର୍ଣ୍ଣା କର ପ୍ରମୁଖ ସହାୟତା କରିଥିଲେ । ସେହିଭଳି ଏହି ଉତ୍ସବରେ ପ୍ରାକ୍ତନ ପ୍ରାନ୍ତପାଳ ରବୀନାରାୟଣ ନନ୍ଦ, ଶୀବବ୍ରତ ଦାସ, ଭବାନୀ ଚୌଧୁରୀ, ଦେବାଶୀଷ ମିଶ୍ର, ଯଜ୍ଞାଶୀଷ ମହାପାତ୍ର, କ୍ଲବର ପ୍ରାକ୍ତନ ସଭାପତି ସଂଜୟ ଚୌଧୁରୀ, ପ୍ରସନ୍ନ ଲେଙ୍କା, ତୁଷାର ମହାନ୍ତି, ସ୍ମରଣ ମିଶ୍ର, ଅଶୋକାନନ୍ଦ ଧଳ, ସମରେନ୍ଦ୍ର ପରିଜା, ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଇନରହ୍ୱିଲ୍ କ୍ଲବ ସଂପାଦିକା ଲୋପାମୁଦ୍ରା ମିଶ୍ରଙ୍କ ନେତୃତ୍ୱରେ କ୍ଲବର ମହିଳା ସଦସ୍ୟାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ୧୦ଦିନ ହେବ ମିଳୁନାହାନ୍ତି ଦଶମ ଶ୍ରେଣୀ ଛାତ୍ର

ଭୁବନେଶ୍ୱର, (ସବ୍ୟୁ) : ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପାଖରୁ ମା'ସହ ଟିଉସନରୁ ଫେରୁଥିବା ଦଶମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ବେହେରା ୧୦ଦିନ ହେବ କେଉଁଆଡେ ଯାଇଛନ୍ତି ତାଙ୍କ ପତ୍ତା ମିଳୁନାହିଁ । ଭରତପୁର ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ତଦନ୍ତ କରୁଛି ହେଲେ ଛାତ୍ରଙ୍କ ସନ୍ଧାନ ମିଳୁନାହିଁ । ପୋଲିସ କହିବାନୁଯାୟୀ ସେ ମା'ଙ୍କ ପାଖରୁ ବରମୁଣ୍ଡାରୁ ଆସି ସିଆର୍‌ପି ଛକରୁ ଆମ୍ ବସ୍‌ରେ ଚଢି ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଯାଇଥିବା ସିସି କ୍ୟାମେରାରୁ ଜଣାପଡିଛି । ହେଲେ ସେ ରେଳ ଷ୍ଟେସନରୁ କେଉଁ ଆଡେ ଚାଲିଯାଇଛନ୍ତି କିମ୍ବା ମାଷ୍ଟରକ୍ୟାଣ୍ଟିନରୁ ଅନ୍ୟ କେଉଁ ଆଡେ ଗଲେ ସେ ସମ୍ପର୍କରେ ଜଣାପଡିନାହିଁ । ମା'ଙ୍କ ସହ ଆସୁଥିଲେ କେଉଁ ପରିସ୍ଥିତିରେ କିଭଳି ସେ ଖସିଆସି ସିଆର୍‌ପିରୁ ବସ୍‌ରେ ବସିଲେ ତାହା ମା'ମଧ୍ୟ ସ୍ପଷ୍ଟ ଭାବେ କହିପାରୁ ନାହାନ୍ତି । ମା'ଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ପ୍ରିୟାଂଶୁ ତାଙ୍କ ପାଖରୁ ଖସି ଆସିବାରେ ସମର୍ଥ ହୋଇଥିଲା । ବାପ-ମା'ଙ୍କ କହିବା କଥା ସେ ଭଲ ପାଠ ପଢୁନଥିବାରୁ ପାଠପଢା ପାଇଁ ତାକୁ ଆକଟ କରାଯାଉଥିଲା । ହେଲେ କ'ଣ ପାଇଁ କେଉଁ ଉଦ୍ଦେଶ୍ୟରେ ସେ ୧୦ଦିନ ତଳୁ ମା'ଙ୍କ ପାଖରୁ ଖସିଯାଇ କେଉଁଆଡେ ଯାଇଛନ୍ତି ସେଥିନେଇ ପରିବାର ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ହୋଟେଲ ମାଲିକ ହତ୍ୟା ଘଟଣା

# ଅନ୍ୟତମ ଅଭିଯୁକ୍ତ ଚିନ୍ମୟ ଗିରଫ

ପୁରୀ, (ସବ୍ୟୁ) : ଗତ ଜୁନ୍ ୨୩ ତାରିଖରେ ବଳିଆ ପଣ୍ଡା ଥାନା ଅଧୀନରେ ଘଟିଥିବା ହୋଟେଲ ଲିଜ ଧାରୀଙ୍କୁ ହତ୍ୟା ଘଟଣାରେ ଅନ୍ୟତମ ଅଭିଯୁକ୍ତ ଚିନ୍ମୟ ପଲ୍‌ହାରକୁ ଗିରଫ କରିଛି ପୋଲିସ । ଗ୍ରାହକଙ୍କୁ ରୁମ୍ ସର୍ଭିସ ନଦେବାକୁ ନେଇ ଏହି ଘଟଣା ଘଟି ଥିଲା ବୋଲି ଗୁରୁବାର ଅପରାହ୍ନରେ ସିଟି ଡିଏସ୍‌ପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ପୁରୀ ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର। ଶ୍ରୀ ମହାପାତ୍ରଙ୍କ ସୂଚନା ଅନୁଯାଇ ହୋଟେଲ ଲିଜ ଧାରୀ ପବିତ୍ର ନାୟକଙ୍କୁ ହତ୍ୟା କରିଥିଲା ଅଭିଯୁକ୍ତ ଚନ୍ଦନ ପଲ୍‌ହାର । ପରେ ପୋଲିସ ତାକୁ ଏନକାଉଣ୍ଟର କରିଥିଲା । ଚନ୍ଦନ ପଲ୍ଲର ନିଜ ଭାଇ ଚିନ୍ମୟ ପଲ୍‌ହାର ଓ ସୁକାନ୍ତ ବେହେରା ସହ ମିଶି ହତ୍ୟା କରିଥିଲା। ଘଟଣାର ୧୬ ଦିନ ପରେ ଚିନ୍ମୟ ପଲ୍‌ହାରକୁ ଗିରଫ କରିବାରେ ସମର୍ଥ ହୋଇଛି ପୁରୀ ପୋଲିସ ।ଏବେ ବି ଅନ୍ୟତମ ଅଭିଯୁକ୍ତ ସୁକାନ୍ତ ବେହେରା ଫେରାର ଅଛି। ପୁରୀ ବଳିଆପଣ୍ଡା ଧବଳେଶ୍ୱର ରୋଡରେ ଥିବା ମନୋରମା ହୋଟେଲକୁ ଲିଜରେ ନେଇଥିଲେ ମୃତକ ଏବଂ ତାକୁ ଓୟୋ ହୋଟେଲକୁ ଦେଇଥିଲେ ।ସେଠାରେ ଓୟୋ ତରଫରୁ ହୋଟେଲ ଦାୟିତ୍ୱ ବୁଝୁଥିଲେ ଅଭିଯୁକ୍ତ ଚନ୍ଦନ ପଲ୍‌ହାର ।ତେବେ ଜଣେ ଗେଷ୍ଟ ଙ୍କୁ ରୁମ୍ ସର୍ଭିସ ନଦେବା ନେଇ ମୃତକ ପବିତ୍ରଙ୍କୁ କଲ୍ ଆସିବା ପରେ ସେ ହୋଟେଲ ପହଞ୍ଚିଥିଲେ ।ସେଠାରେ ଚନ୍ଦନଙ୍କ ସହ ବଚସା ହେବାପରେ ଚନ୍ଦନ ତାର ଭାଇ କୁ ଫୋନ ଯୋଗେ ଡାକିଥିଲେ । ଚନ୍ଦନଙ୍କ ଭାଇ ଚିନ୍ମୟ ଓ ଅନ୍ୟ ସହଯୋଗୀଙ୍କ ସହାୟତାରେ ପବିତ୍ରଙ୍କୁ ଜାବୁଡ଼ି ଧରିଥିଲେ ।ଆଉ ଛୁରୀରେ ମୃତକଙ୍କ କହୁଣିର ନର୍ଭ ବା ଶିର କାଟି ହତ୍ୟା କରିଥିଲେ ଚନ୍ଦନ ।ତଦନ୍ତ ବେଳେ ପୋଲିସ ଘଟଣାସ୍ଥଳରୁ ଅପରାଧରେ ବ୍ୟବହୃତ ଛୁରୀ ଜବତ କରିଥିଲା। ମୁଖ୍ୟ ଅଭିଯୁକ୍ତ ଚନ୍ଦନ ପାଲାରଙ୍କୁ ଗତ ୩୦ ଜୁନରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଫେରାର ଥିବା ଚିନ୍ମୟ ପଲ୍‌ହାରଙ୍କୁ ଗୁରୁବାର ଗିରଫ କରାଯାଇ କୋର୍ଟକୁ ପଠାଯାଇଛି ।ଘଟଣାରେ ପୋଲିସ ଗୋଟିଏ ଛୁରୀ, ଏକ ମୋଟରସାଇକେଲ ଏବଂ ଗୋଟିଏ ମୋବାଇଲ ଫୋନ୍ ଜବତ କରିଛି ବୋଲି କହିଛନ୍ତି ପୁରୀ ସିଟି ଡିଏସ୍ପି ରଶ୍ମୀ ରଞ୍ଜନ ମହାପାତ୍ର।

# ମା' ଦୁଲ୍ଲାଦେବୀଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ



କଟକ, (ସ୍ୱପ୍ର) : ସ୍ଥାନୀୟ ୫୩ ନଂ ୱାର୍ଡ ଅନ୍ଦରପୁର ଗ୍ରାମର ପ୍ରସିଦ୍ଧ ଦେବୀ ମା' ଦୁଲ୍ଲାଦେବୀଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି । ଅନ୍ଦରପୁର ସାହୀ ଅଧିକାରୀ ପ୍ରମୋଦ ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ପ୍ରସ୍ତୁତି ପର୍ବରେ ଆଜ୍ଞାମାଳ ପହଁଞ୍ଚି ଥିବାବେଳେ ଅଙ୍କୁରାରୋପଣ ଓ ଅଧିବାସ, ମା' ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ସାଇ ସଂସ୍କାର ମଣ୍ଡଳ ପୂଜା ଯଥାବିଧି ଚାଲିଛି । ଆସନ୍ତାକାଲି ଶନିବାର ସୂର୍ଯ୍ୟପୂଜା, ମା'ଙ୍କର ମହାସ୍ନାନ, ଚଣ୍ଡିପାଠ ଓ ପୂର୍ଣ୍ଣାହୂତି ସମ୍ପନ୍ନ ହେବ । ଗ୍ରାମବାସୀ ଓ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଅନ୍ଦରପୁର ସାହୀ ଅଧିକାରୀ ପ୍ରମୋଦ କୁମାର ଭୋଳ ସୂଚନା ଦେଇଛନ୍ତି ।

# ବିୟରରେ ନିଶା ଦେଇ ଗହଣା ଲୁଟ୍

## ଲୁଟେରା ଗିରଫ, ମିଳିନି ଗହଣା

ଭୁବନେଶ୍ୱର, (ସବ୍ୟୁ) : ହୋଟେଲ ଭିତରେ ବିୟରରେ ନିଶା ଦେଇ ବିପୁଳ ପରିମାଣର ଗହଣା ଲୁଟି ନେଇଥିବା ଲୁଟେରାକୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି । ତା'ପାଖରୁ ଲୁଟ୍ ଗହଣା ମିଳିନଥିବା ପୋଲିସ କହିଛି । କେବଳ ୩ ହଜାର ଟଙ୍କା ଜବତ ହୋଇଥିବା ପୋଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତର ନାଁ ମିର୍ଜା ଟୁଲୁ ବାଗ (୪୦)କୁ ପୋଲିସ ଗୁରୁବାର କୋର୍ଟଚାଲାଣ କରିଛି । ଅଭିଯୋଗକାରୀ ତୁଷାର ବଳିୟାର ସିଂ ଗତ ୫ ତାରିଖ ଦିନ ଏୟାରପୋର୍ଟ ଇନ୍ ହୋଟେଲରେ ରହୁଥିବା ବେଳେ ବରମୁଣ୍ଡାସ୍ଥିତ ମଦ ଦୋକାନ ନିକଟରେ ଅଭିଯୁକ୍ତ ମିର୍ଜା ଟୁଲୁ ସହ ପରିଚିତ ହୋଇଥିଲା । ତାଙ୍କୁ ନିଜ ହୋଟେଲକୁ ସାଙ୍ଗରେ ନେଇଥିଲେ । ହୋଟେଲରେ ଦୁହେଁ ମିଶି ବିଅର ପିଉଥିବା ବେଳେ ଅଭିଯୁକ୍ତ ତାଙ୍କ ବିୟରରେ କିଛି ନିଶାଦ୍ରବ୍ୟ ମିଶାଇ ଦେଇଥିଲା । ଯାହା ଫଳରେ ସେ ଅଚେତ ହୋଇ ଶୋଇଯାଇଥିଲେ । ଏହି ସୁଯୋଗରେ ଅଭିଯୁକ୍ତ ମିର୍ଜା ଟୁଲୁ ତାଙ୍କ ସୁନାଚେନ, ସୁନା ବ୍ରେସ୍‌ଲେଟ୍, ୫ଟି ସୁନାମୁଦି, ଅନ୍ୟାନ୍ୟ ସୁନା ଅଳଙ୍କାର ଓ ଗାଡିର ଚାବି ଲୁଟିନେଇ ଫେରାର ହୋଇଯାଇଥିଲା । ଅଭିଯୋଗକାରୀଙ୍କ ପତ୍ନୀ ତାଙ୍କୁ ଅଚେତ ଅବସ୍ଥାରେ ମୁହଁରୁ ରକ୍ତସ୍ରାବ ହେଉଥିବା ଦେଖି ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇଥିଲେ । ଏତଲା ଅନୁଯାୟୀ ପୋଲିସ ତଦନ୍ତ କରି ଭୁବନେଶ୍ୱର ରେଳଷ୍ଟେସନ ନିକଟରୁ ଅଭିଯୁକ୍ତ ମିର୍ଜା ଟୁଲୁ ବାଗ୍‌କୁ ଗିରଫ କରିଥିଲା । ପଚରାଉଚରା ସମୟରେ ବିୟରରେ ନିଶା ମିଶାଇବା କଥା ସ୍ୱୀକାର କରିଥିଲା । ଲୁଟ୍ କରିଥିବା ସୁନା ଅଳଙ୍କାର ଗୁଡିକୁ ଗୋପ ଅଞ୍ଚଳର ଶେଖ ଜାନି ଓ ସାଇନା ବିବିଙ୍କ ନିକଟରେ ବିକ୍ରି କରିଥିବା କହିଥିଲା । ସେ ଗୋପର ସ୍ୱାମୀ-ସ୍ତ୍ରୀଙ୍କ ନାଁ କହିଥିବା ବେଳେ ପୋଲିସ ତାଙ୍କ ନିକଟରୁ ଲୁଟ୍ ଗହଣା ଜବତ କରିନାହିଁ । କେବଳ ଲୁଟେରା ପାଖରୁ ୩ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଛି । ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ମିର୍ଜା ଟୁଲୁ ବାଗ୍‌କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ନାବାଳିକା ଦୁଷ୍କର୍ମ : ଆସାମୀକୁ ୧୭ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର , (ଜିପ୍ର) : ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ମାମଲାରେ ବୁଧବାର ଦିନ କେନ୍ଦୁଝର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୭ ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି । କେନ୍ଦୁଝର ସଦର ଥାନା ମାମଲା ନଂ. ୬୬୦/୨୦୨୪ ରେ ରୁଜୁ ହୋଇଥିବା ଏହି ମାମଲାରେ ଝୁମ୍ପୁରା ଥାନା ଅଧୀନ ଝୁମ୍ପୁରା ମେଡିକାଲ କଲୋନୀର ବାସିନ୍ଦା ଶିବ ଲୋହାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ।କେନ୍ଦୁଝର ସଦର ଥାନାର ସବ-ଇନ୍ସପେକଟର ସୁସ୍ମିତା ହୋରୋ ଏହି ମାମଲାର ତଦନ୍ତ କରିଥିଲେ । ପ୍ରମାଣ ଆଧାରରେ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୭ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୭ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି ।

# ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦ ପାୱାର ଏବଂ ସ୍ମେଲ୍ଟରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦ ପାୱାର ଏବଂ ସ୍ମେଲ୍ଟର ପକ୍ଷରୁ ବନ ମହୋତ୍ସବ ୨୦୨୬ ଅବସରରେ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ସବୁଜ ଓ ସ୍ୱଚ୍ଛ ପରିବେଶ ଗଠନ ପାଇଁ ନିଜମାନଙ୍କର ସଂକଳ୍ପକୁ ପୁନରୁଚ୍ଚାରଣ କରିଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ୟୁନିଟ୍ ହେଡ୍ ସୁମିତ ମୁଖାର୍ଜୀଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ପ୍ରତାପ ସାହୁ (ପ୍ଲାଣ୍ଟ ହେଡ୍ ସ୍ମେଲ୍ଟର), ଅରୁଣ କୁମାର ସିଂହ (ପ୍ଲାଣ୍ଟ ହେଡ୍ ପାୱାର), ସଞ୍ଜୟ ଶିବନାନୀ



(ପ୍ରେସିଡେଣ୍ଟ ଏଚ୍‌ଆର୍ ହିଣ୍ଡାଲକୋ କର୍ପୋରେଟ୍ ଅଫିସ୍), ରଞ୍ଜନ ଜେନା (ମୁଖ୍ୟ ପରିବେଶ), ଅଂଶୁ ବାବୁ (ମୁଖ୍ୟ ଟ୍ରାନ୍ସଫର୍ମେସନ), ସୁକାନ୍ତ ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତୀ (ମୁଖ୍ୟ ସିଏସଆର) ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେମାନେ ସମସ୍ତ କର୍ମଚାରୀଙ୍କୁ ପରିବେଶ ସୁରକ୍ଷାକୁ ନିଜ ଜୀବନଶୈଳୀର ଅଂଶ କରିବା ସହ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ନେବାକୁ ଆହ୍ୱାନ କରିଥିଲେ।

# ଓପୋର ନୂତନ ରେନୋ ୧୬ ସିରିଜ

ଭୁବନେଶ୍ୱର, (ସବ୍ୟୁ) : ଓପୋ ଇଣ୍ଡିଆ ପକ୍ଷରୁ ନୂଆ ରେନୋ ୧୬ ସିରିଜର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ଭାରତର ପ୍ରଥମ ହୋଲୋଭର୍ସ ୩ଡି ଡିଜାଇନ, ଏକ ଏଆଇ ପୋର୍ଟ୍ରେଟ କ୍ୟାମେରା ସହ ୫୦ଏମ୍‌ପି ୩.୫୦ ଟେଲିଫଟୋ ଲେନ୍ସ, ନ୍ୟାଚୁରାଲ ଟୋନ ଇମେଜିଂ ଓ ଅଲ୍ ଫୋକାଲ-ଲେଣ୍ଟ ୪କେ ୬୦ଏଫପିଏସ ଏଚଡିଆର ଭିଡିଓ ରେକର୍ଡିଙ୍ଗ ଭଳି ଫିଚର ଥିବା ରେନୋ୧୬ ଓ ରେନୋ୧୬ସି ୫ଜି ସ୍ମାର୍ଟଫୋନ ସାମିଲ ରହିଛି। ଏଆଇ ରିମିକ୍ସ କୋଲାଜ, ପପ୍ କ୍ୟାମ ଓ ପପ୍‌ଆଉଟ ୨.୦ ଭଳି ଏଆଇ-ପରିଚାଳିତ ଟୁଲ ରେନୋ୧୬ ସିରିଜ ଉପଭୋକ୍ତାଙ୍କୁ ସହଜରେ ସୃଷ୍ଟି କରିବା, ସଂଯୋଜିତ ହେବା ଓ ନିଜକୁ ବ୍ୟକ୍ତି କରିବା ପାଇଁ ସଶକ୍ତ କରୁଛି। ରେନୋ୧୬ ୫ଜିର ପ୍ରାରମ୍ଭିକ ମୂଲ୍ୟ ୬୧୯୯୯ ଟଙ୍କା ରହିଥିବା ବେଳେ ରେନୋ୧୬ସି ୫ଜିର ପ୍ରାରମ୍ଭିକ ମୂଲ୍ୟ ୪୬୯୯୯ ଟଙ୍କା ରହିଛି। ଓପୋ ରେନୋ୧୬ ସିରିଜ କ୍ରୟ ପାଇଁ ଆସନ୍ତା ଜୁଲାଇ ୯ ତାରିଖରୁ ଆମାଜନ, ଫ୍ଲିପକାର୍ଟ, ମେନଲାଇନ ରିଟେଲ ଆଉଟଲେଟ ଓ ଓପୋ ଇ-ଷ୍ଟୋରରେ ଉପଲବ୍ଧ ହେବ। ଏଥିସହିତ ଓପୋ ପକ୍ଷରୁ ଓପୋ ଏନ୍‌କୋ ଏୟାର୫ ଇୟରବଡ୍‌ର ମଧ୍ୟ ଉନ୍ମୋଚନ କରାଯାଇଛି ଯାହାର ମୂଲ୍ୟ ୩୨୯୯ ଟଙ୍କା ରହିଛି। ସେହିପରି ରେନୋ୧୬ ସିରିଜକୁ ସହ ଓପୋ ବବଲ୍‌ର ଶୁଭାରମ୍ଭ କରାଯାଇଛି ଯାହାକି ଓପୋର ପ୍ରଥମ ସ୍ମାର୍ଟ କ୍ୟାମେରା କମ୍ପାନିଅନ ଅଟେ। ଏଥିରେ ଏକ ୧.୭୩ ଆମୋଲେଡ ଡିସପ୍ଲେ ରହିଛି ଏବଂ ଏହାର ମୂଲ୍ୟ ୭୯୯୯ ଟଙ୍କା ରହିଛି।

## ଏନ୍‌ବିସି ବିଅରିଂସ୍ ନୂତନ ଅଟୋମୋଟିଭ ପାର୍ଟସ୍

# ପ୍ରଚଳନ ସହିତ ଆଫ୍ଟରମାର୍କେଟ ବିଭାଗକୁ ସମ୍ପ୍ରସାରିତ କଲା

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ବିଅରିଂସ୍ ଉତ୍ପାଦନକାରୀ ଏବଂ ଏକ ବିଶ୍ୱସନୀୟ ଯାନବାହନ ସମାଧାନକାରୀ ସହଭାଗୀ ନ୍ୟାସନାଲ ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ ଲିମିଟେଡର ବ୍ରାଣ୍ଡ ଏନବିସି ବିଅରିଂସ୍ ଏକ ବ୍ୟାପ ନୂତନ ବର୍ଗର ଯାନବାହନ ଆଫ୍ଟରମାର୍କେଟ ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ବିଅରିଂସ୍ ଏବଂ ଆନୁଷଙ୍ଗିକ ଉତ୍ପାଦସମୂହ ତଥା ସେବାରେ ମଜଭୁତ ପୃଷ୍ଠଭୂମି ଆଧାରରେ ଏନବିସି ବିଅରିଂସ୍ ସମ୍ପ୍ରତି ଦୁଇ / ତିନି ଚକିଆ ଏବଂ ଯାତ୍ରୀବାହୀ କାର୍‌ଗୁଡିକ ନିମନ୍ତେ ୱାଇପର ବ୍ଲେଡସ୍, ବ୍ରେକ ପ୍ୟାଡସ୍, ବେଲ୍ଟସ୍, ଷ୍ଟିଅରିଂ ରଡ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଯାନବାହନ ଉପକରଣ ସମେତ ବହୁଧା ଉଚ୍ଚ-ସମ୍ଭାବ୍ୟ ଯାନବାହନ ଆଫ୍ଟରମାର୍କେଟ ବିଭାଗକୁ ପ୍ରବେଶ କରୁଛି। ଏହି ରଣକୌଶଳ ସମ୍ପ୍ରସାରଣ ପୂର୍ଣ୍ଣାଙ୍ଗ ଯାନବାହନ ସମାଧାନଗୁଡିକ ଯୋଗାଇବା ଏବଂ ସେହି ସମୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଯାନବାହନ ଆଫ୍ଟରମାର୍କେଟର ସୁଯୋଗ ନେବା ନିମନ୍ତେ ଏନବିସି ବିଅରିଂସ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅବସରରେ ପ୍ରକାଶ କରି ରୋହିତ ସାବୁ, ପ୍ରେସିଡେଣ୍ଟ ଓ ସିଇଓ କହିଥିଲେ, "ଭାରତୀୟ ଯାନବାହନ ଆଫ୍ଟରମାର୍କେଟରେ ଯାନବାହନର ବର୍ଦ୍ଧିତ ମାଲିକାନା, ଯାନବାହନଗୁଡିକର ଦୀର୍ଘ ଜୀବନ ଚକ୍ର ଏବଂ ଗୁଣାତ୍ମକ ଯନ୍ତ୍ରାଂଶଗୁଡିକ ନିମନ୍ତେ ବର୍ଦ୍ଧିତ ଚାହିଦା ଦ୍ୱାରା ପରିଚାଳିତ ଅପ୍ରତ୍ୟାଶିତ ଅଭିବୃଦ୍ଧି ଲକ୍ଷ୍ୟ କରାଯାଉଛି। ନୂଆକରି ପଚଳନ କରାଯାଇଥିବା ଉତ୍ପାଦ ବର୍ଗମାଳା ଏନବିସି ବ୍ରାଣ୍ଡ ସହିତ ସଂଯୁକ୍ତ ହୋଇଥିବା ଗ୍ରାହକମାନେ ଚାହୁଁଥିବା ମାନଗତ, ପ୍ରଦର୍ଶନ ଏବଂ ନିର୍ଭରଯୋଗ୍ୟ ମାନକ ଦିଗକୁ କଡାକଡି ଭାବରେ ପୂରଣ କରିବାକୁ ତିଆରି କରାଯାଇଛି।

# ୩୦ ହଜାର ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କଲେ ମୋଦୀ

**ମେଲବର୍ଣ୍ଣ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ଅଷ୍ଟ୍ରେଲିଆ ଗସ୍ତରେ ଅଛନ୍ତି। ସେ ଗୁରୁବାର କାର୍ଯ୍ୟକ୍ରମରେ ୩୦ ହଜାର ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିଛନ୍ତି। ମୋଦୀ ଭାରତୀୟ ପ୍ରବାସୀଙ୍କୁ ସମ୍ବୋଧିତ କରି ଏହି କାର୍ଯ୍ୟକ୍ରମକୁ ହାଉସ୍ଫୁଲ ଓ ବ୍ଲକବଷ୍ଟର ବୋଲି କହିଛନ୍ତି। ସେ ତାଙ୍କର ୧୨ ବର୍ଷର କାର୍ଯ୍ୟକାଳରେ ଅଷ୍ଟ୍ରେଲିଆ ଗସ୍ତରେ ଆସିବାରେ ହ୍ୟାଟ୍ରିକ କରିଛନ୍ତି ବୋଲି କହିଛନ୍ତି। ଅଷ୍ଟ୍ରେଲିଆରେ ରହୁଥିବା ଭାରତୀୟମାନେ ସେମାନଙ୍କ ମାତୃଭୂମି ସହିତ ଭାବନାତ୍ମକ ଭାବେ ଯୋଡ଼ି ହୋଇ ରହିଥିବାବେଳେ ଅଷ୍ଟ୍ରେଲିଆର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରୁଛନ୍ତି ବୋଲି କହିଥିଲେ। ଉପସ୍ଥିତଙ୍କୁ ସମ୍ବୋଧିତ କରି



ପ୍ରଧାନମନ୍ତ୍ରୀ କହିଥିଲେ, ଅଷ୍ଟ୍ରେଲିଆରେ ଥିବା ଭାରତୀୟ ପ୍ରବାସୀ ଧାର୍ମିକ ସମାବେଶ, ନୃତ୍ୟ ପ୍ରଦର୍ଶନ ଓ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଜୀବିତ ରଖିଛନ୍ତି।ପ୍ରଧାନମନ୍ତ୍ରୀ ମୋଦୀ ମେଲବର୍ଣ୍ଣରେ ଭାରତୀୟ ସମୁଦାୟକୁ ସମ୍ବୋଧିତ କରିବା ସମୟରେ ଅପରେସନ ସିନ୍ଦୂର ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଆତଙ୍କବାଦୀ ଶିବିର ଉପରେ ଭାରତର ଆକ୍ରମଣର ପ୍ରଭାବ ସାରା ବିଶ୍ୱରେ ପ୍ରତିଧ୍ୱନିତ ହୋଇଥିଲା, ଯାହା ଆତଙ୍କବାଦ ବିରୋଧରେ ଦୃଢ଼ ଭାବରେ କାର୍ଯ୍ୟ କରିବା ଓ ଜାତୀୟ ସୁରକ୍ଷାକୁ ସୁରକ୍ଷିତ ରଖିବା ପାଇଁ ଭାରତର ସଂକଳ୍ପକୁ ସ୍ପଷ୍ଟ କରିଛି। ମୋଦୀ ପ୍ରବାସୀ ଭାରତୀୟଙ୍କୁ ମୋବାଇଲ ଫୋନର ଫ୍ଲାସଲାଇଟ ଜଳାଇ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ଓ ଭିକ୍ଟୋରିଆ ପ୍ରିମିୟରଙ୍କୁ ସ୍ୱାଗତ କରିବାକୁ କହିଥିଲେ।

# ଖେମିନିଙ୍କ ଧ୍ୱଂସ ବାସସ୍ଥାନର ଭିଡ଼ିଓ ଜାରି କଲା ଇରାନ

**ତେହେରାନ:** ଆମେରିକା ସେନା ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖେମେନିଙ୍କ ବାସଭବନ ଉପରେ ଏକ ବଡ଼ ଆକ୍ରମଣ କରିବାର ଚାରି ମାସରୁ ଅଧିକ ସମୟ ପରେ,ବୁଧବାର ଦିନ ନିହତ ନେତାଙ୍କ ଅଫିସିଆଲ୍ ୱେବସାଇଟ୍ ଏବଂ ଦେଶର ସରକାରୀ ଟିଭି ତାଙ୍କ ବାସଭବନ ପରିସରରେ ଏକ ମସଜିଦ ଥିବାର ଭିଡିଓ ପ୍ରସାରଣ କରିଛି। ତେବେ ସରକାରୀ ଟିଭି ଆକ୍ରମଣରେ ଧ୍ୱଂସ ହୋଇଥିବା କୋଠାର ବିବରଣୀ ପ୍ରଦାନ କରିନାହିଁ।ଫେବ୍ରୁଆରି ୨୮ ତାରିଖରେ, ଆମେରିକା ଏବଂ ଇସ୍ରାଏଲୀ ସେନା ଦ୍ୱାରା ମିଳିତ ଭାବରେ କରାଯାଇଥିବା ଏକ ବିମାନ ଆକ୍ରମଣରେ ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ହୋଇଥିଲା। ଆକ୍ରମଣରେ ମୃତକଙ୍କ ମଧ୍ୟରେ ଇରାନ ପ୍ରତିରକ୍ଷା ମନ୍ତ୍ରୀ ଆମିର ନାସିରଜାଦେ ଏବଂ ରିଭୋଲ୍ୟୁସନରୀ ଗାର୍ଡ କମାଣ୍ଡର ମହମ୍ମଦ ପାକପୁର ମଧ୍ୟ ଥିଲେ। ଖେମିନିଙ୍କ ଝିଅ, ନାତି, ଜ୍ୱାଇଁ ଏବଂ ବୋହୂ ମଧ୍ୟ ପ୍ରାଣ ହରାଇଥିଲେ। ଯୁଦ୍ଧ ଆରମ୍ଭରେ ଇସ୍ରାଏଲ ଏବଂ ଆମେରିକା ଇରାନ ଟାର୍ଗେଟ ଉପରେ ବୋମା ପକାଇବା ସମୟରେ ଖେମିନି ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ମୋଜତାବା ଖେମିନି ଆହତ ହୋଇଥିବା କୁହାଯାଉଛି, କିନ୍ତୁ ତାଙ୍କ ବିଷୟରେ ଏପର୍ଯ୍ୟନ୍ତ କୌଣସି ସାର୍ବଜନୀନ ଭିଡିଓ ଅବା ଫଟୋ ପ୍ରକାଶିତ ହୋଇନାହିଁ।



# ଏକନାଥଙ୍କ ସହ ପାୱାରଙ୍କ ସାକ୍ଷାତ ନେଇ ମହାରାଷ୍ଟ୍ରରେ ହଟଚମଟ

**ମୁମ୍ବାଇ:** ମହାରାଷ୍ଟ୍ର ରାଜନୀତି ପୁଣି ଚଳଚଞ୍ଚଳ ହୋଇଉଠିଛି। ଏନ୍ସିପି (ଏସ୍ପି) ମୁଖ୍ୟ ଶରଦ ପାୱାର ଓ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ବୈଠକକୁ ନେଇ ରାଜନୀତି ତୀବ୍ର ହୋଇଛି। ବିରୋଧୀ ମହା ବିକାଶ ଅଘାଡ଼ି (ଏମ୍ଭିଏ) ଭିତରେ ବଢ଼ୁଥିବା ଅନିଶ୍ଚିତତା ମଧ୍ୟରେ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଏହାକୁ ଏକ ନିୟମିତ ସୌଜନ୍ୟ ସାକ୍ଷାତ ଅପେକ୍ଷା ବହୁ ଅଧିକ ବୋଲି କହିଛନ୍ତି।ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ଧରି ଲାଗି ରହିଥିବା ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ଉପରେ ଉଚ୍ଚ-କ୍ଷମତାସମ୍ପନ୍ନ କମିଟିର ବୈଠକରେ ଯୋଗଦେବା ପାଇଁ ବୁଧବାର ପାୱାର ରାଜ୍ୟ ବିଧାନସଭା ଯାଇଥିଲେ। ବୈଠକ ଶେଷ ହେବା ପରେ, ଏନସିପି (ଏସ୍ପି) ମୁଖ୍ୟ ସିଧା ସିନ୍ଦେଙ୍କ ଚାମ୍ବରକୁ ଯାଇଥିଲେ, ତାଙ୍କ ସହିତ ଦଳର ବରିଷ୍ଠ ନେତା ଜୟନ୍ତ ପାଟିଲ, ଜିତେନ୍ଦ୍ର ଆହ୍ୱାଦ ଓ ଶଶିକାନ୍ତ ସିନ୍ଦେ ମଧ୍ୟ ଥିଲେ। ସେହି ସମୟରେ ଏକନାଥ ସିନ୍ଦେ ଏକ କ୍ୟାବିନେଟ ବୈଠକର ଅଧ୍ୟକ୍ଷତା କରୁଥିଲେ। ଉପମୁଖ୍ୟମନ୍ତ୍ରୀ ସିନ୍ଦେ ବୈଠକ ଅଧାରୁ ବନ୍ଦ କରି ପାୱାରଙ୍କୁ ଭେଟିଥିଲେ। ଉଭୟ ନେତା ୧୫ ମିନିଟ ଧରି ଆଲୋଚନା କରିଥିଲେ। ସିନ୍ଦେଙ୍କ କାର୍ଯ୍ୟାଳୟ ଏହାକୁ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କହିଥିଲେ। ତେବେ ପାୱାରଙ୍କ ଏହି ସାକ୍ଷାତକୁ ନେଇ



ମହାରାଷ୍ଟ୍ରରେ ରାଜନୀତି ତୀବ୍ର ହୋଇଛି। ଏମ୍ଭିଏର ସହଯୋଗୀ ଦଳ ଶିବସେନା (ୟୁବିଟି) ଗୁରୁବାର ଏହାକୁ ନେଇ ଆପତ୍ତି ପ୍ରକାଶ କରିଛି। ଶିବସେନା ସାଂସଦ ସଞ୍ଜୟ ରାଉତ କହିଛନ୍ତି, ଶରଦ ପାୱାରଙ୍କ ବିଚାରଧାରା ଉପରେ ଆମର କୌଣସି ସନ୍ଦେହ ନାହିଁ କିନ୍ତୁ ସିନ୍ଦେଙ୍କ କାର୍ଯ୍ୟାଳୟକୁ ଯାଇ ଶରଦ ପାୱାର ବିଶ୍ୱାସଘାତକମାନଙ୍କୁ ସମ୍ମାନ ଓ ପ୍ରତିଷ୍ଠା ଦେଇଥିଲେ। ଏଥିରେ ଆମେ ଆଘାତ ପାଇଛୁ। ସୂଚନାଯୋଗ୍ୟ, ସିନ୍ଦେଙ୍କ ନେତୃତ୍ୱରେ ଶିବସେନାରେ ଫାଟ ହୋଇଥିଲା ଓ ନିକଟରେ ଶିବସେନା (ୟୁବିଟି) ର ୬ ଜଣ ଦଳ ଛାଡ଼ି ସାଂସଦ ସିନ୍ଦେଙ୍କ ଦଳରେ ଯୋଗ ଦେଇଥିଲେ।

# ରୁଷର ତୈଳ ଡିପୋ ଉପରେ ଡ୍ରୋନ୍ ଆକ୍ରମଣ କଲା ୟୁକ୍ରେନ

**କିଭ୍:** ୟୁକ୍ରେନ ପକ୍ଷରୁ ରୁଷର ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରହିଛି। ୟୁକ୍ରେନର ଡ୍ରୋନ୍ ରୁଷର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବା ସହ ଆଜୋଭ ସାଗରରେ ଦୁଇଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରିଛି। ତୈଳ ଟ୍ୟାଙ୍କରଗୁଡ଼ିକରେ ନିଆଁ ଲାଗି ଯାଇଛି। ରୁଷ ଏବଂ ୟୁକ୍ରେନ ମଧ୍ୟରେ ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଛି। ପଶ୍ଚିମ ରୁଷ ସହର ଟଭରରେ ଏକ ତୈଳ ଡିପୋରେ ଗୁରୁବାର ସକାଳେ ଏକ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ଯୋଗୁଁ ନିଆଁ ଲାଗିଯାଇଛି ବୋଲି କାର୍ଯ୍ୟକାରୀ ଆଞ୍ଚଳିକ ରାଜ୍ୟପାଳ ଭିଟାଲି କୋରୋଲିଓଭ କହିଛନ୍ତି।ବୁଧବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ ପାଇଁ ଲାଇସେନ୍ସ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଏହି ଆକ୍ରମଣ ହୋଇଛି। ତୁର୍କିରେ ନାଟୋ ଶିଖର ସମ୍ମିଳନୀ ଅବସରରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଏକ ବୈଠକ ସମୟରେ ସେ ଏହି



ଘୋଷଣା କରିଥିଲେ। ୟୁକ୍ରେନ ପକ୍ଷରୁ ତୈଳ ବିଶୋଧନାଗାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଉପରେ ଆକ୍ରମଣ ଯୋଗୁଁ ରୁଷରେ ଇନ୍ଧନ ସଙ୍କଟ ସୃଷ୍ଟି ହୋଇଛି। ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ଅଭାବ ଏବଂ ଇନ୍ଧନ ଅଭାବ ଥିବା ରିପୋର୍ଟ ହୋଇଛି। ଲୋକେ ଟାଙ୍କି ପୂରଣ କରିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିଛନ୍ତି।ଦକ୍ଷିଣ ଷ୍ଟାଭ୍ରୋପୋଲ ଅଞ୍ଚଳରେ, ରାଜ୍ୟପାଳ ଭ୍ଲାଦିମିର ଭ୍ଲାଦିମିରଭ କହିଛନ୍ତି ଯେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମରରେ ଭୟାଜନିକିରେ ଏକ ତୈଳ ଭଣ୍ଡାର ପୋଡ଼ି ଯାଇଛି। ସେ କହିଛନ୍ତି ଯେ ନିଆଁ ବ୍ୟାପିବା ପରେ କର୍ତ୍ତୃପକ୍ଷ ଏହା ଆଖପାଖରେ ଥିବା ଅନେକ ଆପାର୍ଟମେଣ୍ଟର ବାସିନ୍ଦାଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ରୋଷ୍ଟଭ ରାଜ୍ୟପାଳ ୟୁରି ସ୍ଲୁସାରଙ୍କ ଅନୁଯାୟୀ, ଆଜୋଭ ସାଗରରେ ୟୁକ୍ରେନୀୟ ଡ୍ରୋନ୍ ଦୁଇଟି ତେଲ ଟ୍ୟାଙ୍କରରେ ନିଆଁ ଲଗାଇ ଦେଇଛି। ଗୋଟିଏ ଜାହାଜ ଏବେ ବି ଜଳୁଛି ଏବଂ କର୍ମଚାରୀମାନଙ୍କୁ ଖାଲି କରାଯାଇଛି।ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଆମର ବାୟୁ ପ୍ରତିରକ୍ଷା ବୁଧବାର ବିଳମ୍ବିତ ରାତି ଠାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ୭୩ଟି ୟୁକ୍ରେନୀୟ ଡ୍ରୋନ୍କୁ ଖସାଇ ଦେଇଛି। ୟୁକ୍ରେନର ବାୟୁସେନା କହିଛି ଯେ, ରୁଷ ରାତିସାରା ୟୁକ୍ରେନ ଉପରେ ୯୪ଟି ଦୂରଗାମୀ ଷ୍ଟ୍ରାଇକ୍ ଡ୍ରୋନ୍ ଏବଂ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ୭୨ଟି ଡ୍ରୋନ୍କୁ ଅଟକା ଯାଇଛି। ତେବେ ୨୯ଟି ଡ୍ରୋନ ଏବଂ ଉଭୟ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରି ୧୩ଟି ସ୍ଥାନକୁ କ୍ଷତି ପହଞ୍ଚାଇଛି।

# ମୋଦୀଙ୍କ ଗସ୍ତ ପୂର୍ବରୁ ଭାରତକୁ ବଡ଼ ପ୍ରସ୍ତାବ ଦେଲା ନ୍ୟୁଜିଲାଣ୍ଡ

**ୱେଲିଂଟନ:** ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଏବଂ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ, ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଖବର ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ,ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଭାରତ ସହିତ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। ସେ କହିଛନ୍ତି ଯେ, ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ, ନ୍ୟୁଜିଲାଣ୍ଡରୁ ଭାରତକୁ ପଠାଯାଉଥିବା ୫୭% ସାମଗ୍ରୀ ପ୍ରଥମ ଦିନରୁ ଶୁଳ୍କମୁକ୍ତ ହେବ। ଏହାକୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ,ଲକ୍ସନ କହିଛନ୍ତି, ଭାରତ ସହ ଚୁକ୍ତି କରି ନ୍ୟୁଜିଲାଣ୍ଡ ବାଣିଜ୍ୟ ବୃଦ୍ଧି କରିବାକୁ ପ୍ରସ୍ତୁତ।ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୦ ରୁ ୧୧ ଜୁଲାଇ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡକୁ ଦୁଇ ଦିନିଆ ଗସ୍ତ ପୂର୍ବରୁ ଏହି ଘୋଷଣା କରାଯାଇଛି। ପ୍ରାୟ ଚାରି ଦଶନ୍ଧି ମଧ୍ୟରେ ଏହି ଯାତ୍ରା ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଗସ୍ତ ହେବ। ଅକଲାଣ୍ଡରେ ରହଣି ସମୟରେ, ମୋଦୀ ତାଙ୍କର ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଲକ୍ସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସମ୍ପୂର୍ଣ୍ଣ ସମୀକ୍ଷା କରିବେ। ଏହା ସହିତ ପ୍ରମୁଖ ବ୍ୟବସାୟ ଏବଂ କ୍ରୀଡା ବ୍ୟକ୍ତିତ୍ୱଙ୍କ ସହ ଆଲୋଚନା କରିବେ ଏବଂ ଭାରତୀୟ ପ୍ରବାସୀମାନଙ୍କର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

# ଟିଏମସି ପାଣ୍ଠିରେ କିଣାଯାଇଥିବା ବିମାନକୁ ଭଡ଼ାରେ ନେଉଥିଲେ ମମତା

**କୋଲକାତା:** ତୃଣମୂଳ କଂଗ୍ରେସ ବିରୋଧରେ ଚାଲିଥିବା ଆର୍ଥିକ ଅନିୟମିତତା ଓ ଅବୈଧ ଭାବେ ପାଣ୍ଠି ସଂଗ୍ରହ ମାମଲାରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାତରେ ବଡ଼ ତଥ୍ୟ ଲାଗିଛି। ମମତା ବାନାର୍ଜୀଙ୍କ ସହିତ ଜଡ଼ିତ କୋଲକାତା ସମେତ ପାଞ୍ଚଟି ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଇଡି ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରଘଟ କରିଛି, ଯାହା ପୁଣି ଥରେ ମମତା ବାନାର୍ଜୀଙ୍କ ସମସ୍ୟା ବୃଦ୍ଧି କରିଛି। ଇଡି ଟିଏମସିର ବ୍ୟାଙ୍କ ଆକାଉଣ୍ଟ ଓ ଏକ ଚାର୍ଟର ଫ୍ଲାଇଟ୍ କମ୍ପାନି ମଧ୍ୟରେ କୋଟି କୋଟି ଟଙ୍କାର ସନ୍ଦେହଜନକ କାରବାର ଠାବ କରିଥିବା ଦାବି କରିଛି। ଇଡିର ପ୍ରାଥମିକ ତଦନ୍ତରୁ ଏହି ମାମଲା ଟିଏମ୍ସିର ଦଳୀୟ ପାଣ୍ଠି ଆତ୍ମସାତ୍ କରିବା ଓ ମନି ଲଣ୍ଡରିଂ ମାମଲା ବୋଲି ଜଣାପଡ଼ିଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଅଭିଯୋଗ କରିଛି ଯେ, ତୃଣମୂଳ କଂଗ୍ରେସ ନିଜର ବ୍ୟାଙ୍କ ଆକାଉଣ୍ଟରୁ କେୟରୱେଲ ଏଭିଏସନ୍ ନାମକ ଏକ



ଚାର୍ଟର୍ଡ ବିମାନ କମ୍ପାନିକୁ କୋଟି କୋଟି ଟଙ୍କା ଟ୍ରାନ୍ସଫର କରିଥିଲା। ଏହି ବିପୁଳ ଅର୍ଥରାଶି ମାଧ୍ୟମରେ ଏକ ନୂଆ ବିମାନ ଓ ହେଲିକପ୍ଟର କିଣାଯାଇଥିଲା। ତେବେ ଆଶ୍ଚର୍ଯ୍ୟ କରିବା କଥା ହେଉଛି ଯେ, ଏହି ବିମାନଗୁଡ଼ିକ କିଣିବା ପରେ, ସେଗୁଡ଼ିକୁ ପୁଣି ଥରେ ଟିଏମସିର ବରିଷ୍ଠ ନେତା ବିଶେଷକରି ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଭଳି ଭିଭିଆଇପିମାନଙ୍କ ବିମାନ ଯାତ୍ରା ପାଇଁ ସେହି କମ୍ପାନୀରୁ ନିଜ ବିମାନକୁ ଭଡ଼ା ନିଆଯାଇଥିଲା ଓ ବଦଳରେ ଦଳୀୟ ପାଣ୍ଠିରୁ ପୁଣି ଥରେ କୋଟି କୋଟି ଟଙ୍କା ଦିଆଯାଇଥିଲା। ଇଡି ସନ୍ଦେହ କରୁଛି ଯେ ଏହି ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ଦଳୀୟ ପାଣ୍ଠିର ଦୁରୁପଯୋଗ ଓ ଆତ୍ମସାତ୍ କରିବା ଉଦ୍ଦେଶ୍ୟରେ ରଚିତ ହୋଇଥିଲା।ଏହି ଆର୍ଥିକ ଠକେଇର ସୁରାକ ମିଳିବା ପରେ ଇଡି କୋଲକାତା ଓ ଏହାର ଆଖପାଖରେ ପାଞ୍ଚଟି ପ୍ରମୁଖ ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲା। ଚଢ଼ାଉରେ ଚାର୍ଟର ବିମାନର ମୁଖ୍ୟ କାର୍ଯ୍ୟାଳୟ, ଏହାର ପ୍ରମୋଟରଙ୍କ ବ୍ୟକ୍ତିଗତ ବାସଭବନ, ନ୍ୟୁ ଟାଉନସ୍ଥିତ ଏକ ସ୍ଥାନ, ଏକ ସନ୍ଦିଗ୍ଧ ଟ୍ରଷ୍ଟର କାର୍ଯ୍ୟାଳୟ ଓ କେନ୍ଦ୍ରୀୟ କୋଲକାତାରେ କାର୍ଯ୍ୟ କରୁଥିବା ଏକ ଚାର୍ଟର୍ଡ ଆକାଉଣ୍ଟାଣ୍ଟ (ସିଏ)ଙ୍କ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ଥିଲା। ଚଢ଼ଉ ସମୟରେ ତଦନ୍ତକାରୀ ଅଧିକାରୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କ ଡକ୍ୟୁମେଣ୍ଟ, ହାର୍ଡ ଡିସ୍କ ଓ ଡିଜିଟାଲ୍ ଉପକରଣ ଜବତ କରିଥିଲେ।ଇଡିର ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏପ୍ରିଲ ୨୦୨୩ରୁ ଜୁନ ୨୦୨୬ ମଧ୍ୟରେ, ଟିଏମସିର ଆକାଉଣ୍ଟରୁ ୧୬୦ କୋଟି ଟଙ୍କା ସିଧାସଳଖ କେୟାରୱେଲ ଆଭିଏସନ୍କୁ ସ୍ଥାନାନ୍ତର କରାଯାଇଥିଲା।

# ବନ୍ଦେ ଭାରତମ ପ୍ରତି ଉତ୍ସାହ ବଢ଼ୁଛି

**ନୂଆଦିଲ୍ଲୀ:** ଭାରତର ପରବର୍ତ୍ତୀ ପିଢ଼ିର ଉଦ୍ୟୋଗୀ, ନବୋନ୍ମେଷକ ଓ ପରିବର୍ତ୍ତନକାରୀଙ୍କୁ ଆବିଷ୍କାର, ପ୍ରୋତ୍ସାହିତ ଓ ସଶକ୍ତ କରିବାପାଇଁ ଏକ ଦେଶବ୍ୟାପୀ ପ୍ରୟାସ ବନ୍ଦେ ଭାରତମ ଭାରତ ଓ ବାହାରେ ଥିବା ଆଶାୟୀ ନବସୃଜନକାରୀମାନଙ୍କଠାରୁ ବେଶ ଉତ୍ସାହଜନକପ୍ରତିକ୍ରିୟା ହାସଲ କରିଛି । ଗୌତମ ଆଦାନୀଙ୍କ ୬୪ତମ ଜନ୍ମଦିନ ଅବସରରେ ଆରମ୍ଭ ହୋଇଥିବା ବନ୍ଦେ ଭାରତମ ଭାରତର ସମସ୍ତ ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଂଚଳରୁ ଆବେଦନ ଆକର୍ଷିତ କରିଛି । ଏହା ସହିତ ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ, ବ୍ରିଟେନ ଓ କାନାଡାସମେତ ଏକାଧିକ ଅନ୍ତର୍ଜାତୀୟ ବଜାରରୁ ମଧ୍ୟ ଆବେଦନ ଆସିଛି ।କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଡିପ୍ ଟେକ୍ ଭବିଷ୍ୟତକୁ ବଦଳାଉ ଥିବା ବେଳେ ପ୍ରଯୁକ୍ତି, ଏଆଇ ଓ ଡିପ୍ ଟେକ୍ ସବୁଠାରୁ ଅଧିକଆବେଦନ ଆକର୍ଷିତ କରି ପ୍ରମୁଖ ବର୍ଗ ଭାବେ ଉଭା ହୋଇଛି । ଏହି ଆବେଦନଗୁଡ଼ିକ ବିଭିନ୍ନ ଶିଳ୍ପ ଓ ସମୁଦାୟରେ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକର ସମାଧାନ ପାଇଁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରକାରର ଅନନ୍ୟ ଚିନ୍ତାଧାରା ଓ ପରିବର୍ତ୍ତନଶୀଳ ଧାରଣାକୁ ପ୍ରଦର୍ଶନ କରିଛି । ଏହି ଆବେଦନଗୁଡ଼ିକ କୃଷି, ଖାଦ୍ୟ ଓ ଗ୍ରାମୀଣ ଅର୍ଥନୀତି, ସ୍ୱାସ୍ଥ୍ୟ ଓ ଫାର୍ମା, ଶିକ୍ଷା, ଖୁଚୁରା, ବାଣିଜ୍ୟ ଓ ଗ୍ରାହକ ଏବଂ ବିନିର୍ମାଣ ଓ ଶିଳ୍ପ ୪.୦ ମଧ୍ୟରେ ବ୍ୟାପକ ପ୍ରତିନିଧିତ୍ୱକୁ ପ୍ରତିଫଳିତ କରିଛି ।

# ଭାରତରେ ଲଞ୍ଚ ହେଲା ବିଶ୍ୱର ପ୍ରଥମ ସାପ୍ତାହିକ ଇନସୁଲିନ

**ନୂଆଦିଲ୍ଲୀ:** ଗୁରୁତର ମଧୁମେହ ରୋଗୀଙ୍କ ପାଇଁ ଭାରତରେ ଲଞ୍ଚ ହୋଇଛି ବିଶ୍ୱର ପ୍ରଥମ ଓ ଏକମାତ୍ର ସାପ୍ତାହିକ ଇନସୁଲିନ। ଡେନମାର୍କର ଔଷଧ ନିର୍ମାଣକାରୀ କମ୍ପାନୀ ନୋଭୋ ନୋରଡିସ୍କ ପକ୍ଷରୁ ଆୱିକ୍ଲି ବା ଇନସୁଲିନ ଆଇକୋଡେକକୁ ଭାରତରେ ଉପଲବ୍ଧ କରାଯାଇଛି।ଏହା ବିଶ୍ୱର ପ୍ରଥମ ସପ୍ତାହିକ ଭତ୍ତିକ ଇନସୁଲିନ ଭାବେ ପରିଚିତ। ଟାଇପ ୧ ଓ ଟାଇପ ୨ ମଧୁମେହ ବା ଡାଇବେଟିସରେ ଆକ୍ରାନ୍ତ ପ୍ରାପ୍ତ ବୟସ୍କ ପ୍ରତିଦିନ ବଦଳରେ ଏହାକୁ ସପ୍ତାହକୁ ଗୋଟିଏ ଥର ନେଇପାରିବେ। ଇନସୁଲିନ ଇକୋଡେକ ଏଣିକି ଭାରତର ମଧୁମେହ ଚିକିତ୍ସାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଏହି ନୂଆ ଚିକିତ୍ସା ପ୍ରଣାଳୀ ଯୋଗୁ ବର୍ଷକୁ ୩୬୫ଟି ଇନସୁଲିନ୍ ଇଞ୍ଜେକ୍ସନ୍ ବଦଳରେ ମାତ୍ର ୫୨ଟି ଇଞ୍ଜେକ୍ସନ୍ ନେବାକୁ ପଡ଼ିବ।ଇନସୁଲିନ୍ ହେଉଛି ଏକ ହରମୋନ୍, ଯାହା ରକ୍ତରେ ଥିବା ଗ୍ଲୁକୋଜକୁ ଶରୀରର କୋଷଗୁଡ଼ିକରେ ପହଞ୍ଚାଇ ରକ୍ତରେ ଶର୍କରାର ମାତ୍ରା ନିୟନ୍ତ୍ରଣ କରେ। ଟାଇପ୍-୧ ଡାଇବେଟିସ୍ ଏବଂ ଅଗ୍ରଗତ ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କୁ ସାଧାରଣତଃ ପ୍ରତିଦିନ ଥରେ କିମ୍ବା ଏକାଧିକ ଥର ଇନସୁଲିନ୍ ନେବାକୁ ପଡ଼େ। ଏହାଦ୍ୱାରା ସେମାନଙ୍କ ରକ୍ତ ଶର୍କରରା ନିୟନ୍ତ୍ରଣାଧୀନ ରହିପାରେ। ନୋଭୋ ନୋରଡିସ୍କ କହିଛି, ଭାରତରେ ପ୍ରତିଦିନ ଇଞ୍ଜେକ୍ସନ୍ ନେବାର ଭୟ ଯୋଗୁ ଇନସୁଲିନ୍ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଏହି ଭୟ ଯୋଗୁ ମଧୁମେହ ରୋଗୀମାନେ ସାଧାରଣତଃ ୭ରୁ ୯ ବର୍ଷ ବିଳମ୍ବରେ ଇନସୁଲିନ୍ ଚିକିତ୍ସା ଆରମ୍ଭ କରୁଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ମଧ୍ୟ ପ୍ରଭାବିତ କରୁଛି। ଭାରତରେ ବର୍ତ୍ତମାନ ପ୍ରାୟ ୧୦.୧ କୋଟି ଲୋକ ଡାଇବେଟିସରେ ପୀଡ଼ିତ ଥିବା ବେଳେ ଆଉ ୧୩.୬ କୋଟି ଲୋକ ପ୍ରି-ଡାଇବେଟିସ୍ ଅବସ୍ଥାରେ ଅଛନ୍ତି। ଦେଶରେ ୯ ଲକ୍ଷରୁ ଅଧିକ ଲୋକ ଟାଇପ୍-୧ ଡାଇବେଟି'ରେ ପୀଡ଼ିତ। ଏହାର ଚିକିତ୍ସା ପାଇଁ ଇନସୁଲିନ ଥେରାପୀ ଆବଶ୍ୟକ। ସେହିପରି ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତଙ୍କୁ ମଧ୍ୟ ଇନସୁଲିନ୍ ଆବଶ୍ୟକ ହୁଏ।


# ଇପିଏଫଓ ହିତାଧିକାରୀଙ୍କ ପାଇଁ ବୁଝାମଣା

**ନୂଆଦିଲ୍ଲୀ:** ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ସହିତ ସମନ୍ୱୟ ମାଧ୍ୟମରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଭବିଷ୍ୟ ନିଧି (ପିଏଫ) ପେମେଣ୍ଟ ସେବା ଆରମ୍ଭ କରିଛି । ଏହି ଏକତ୍ରିକରଣ ପ୍ରତିଷ୍ଠାନଗୁଡ଼ିକୁ ସିଧାସଳଖ ଇପିଏଫଓ ପୋର୍ଟାଲ ମାଧ୍ୟମରେ ପିଏଫ୍ ପେମେଣ୍ଟ କରିବା ଏବଂ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ରିଟେଲ ଓ କର୍ପୋରେଟ ଇଣ୍ଟରନେଟ ବ୍ୟାଙ୍କିଙ୍ଗ ପ୍ଲାଟଫର୍ମ ମାଧ୍ୟମରେ ସହଜରେ ଟ୍ରାଞ୍ଜାକ୍ସନ ସମ୍ପୂର୍ଣ୍ଣ କରିବାକୁ ସକ୍ଷମ କରିଥାଏ । ଏହି ସମାଧାନ ଏକ ସୁରକ୍ଷିତ ଓ ସମ୍ପୂର୍ଣ୍ଣ ଡିଜିଟାଲ ଅଭିଜ୍ଞତା ପ୍ରଦାନ କରିଥାଏ, ଯେଉଁଥିରେ ରିଅଲ-ଟାଇମ୍ ଟ୍ରାଞ୍ଜାକ୍ସନ୍ ନିଶ୍ଚିତକରଣ, ଏକ ସହଜୟୁଜର ଇଂଟରଫେସ୍ ଏବଂ ସହଜରେ ରେକର୍ଡ ରଖିବା ଓ ମେଳ କରିବା ପାଇଁ ଇନ୍‌ଷଫାଂଟ ଚାଲାଣ ଡାଉନଲୋଡ୍ କରିବାର ସୁବିଧା ରହିଛି । ଏହି ଶୁଭାରମ୍ଭ ସମ୍ପର୍କରେ ମତ ରଖି ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ରିଟେଲ ଲାଏବିଲିଟିଜ୍ ମୁଖ୍ୟ ଆଶିଷ ସିଂ କହିଛନ୍ତି, ଆମେ ବୁଝିପାରୁଛୁ ଯେ ସମୟାନୁବର୍ତ୍ତୀ ଆଇନଗତ ଅନୁପାଳନ ପ୍ରତ୍ୟେକ ବ୍ୟବସାୟ ପାଇଁ ଏକ ପ୍ରାଥମିକତା ଅଟେ ଏବଂ ଆମେ ବିଶ୍ୱାସ କରୁଛୁ, ଏହି ପେମେଣ୍ଟଗୁଡ଼ିକୁ ପରିଚାଳନା କରିବା ସରଳ ଏବଂ ଚାପମୁକ୍ତ ହେବା ଉଚିତ ।

## ଟ୍ରାନ୍ସୟୁନିଅନ ସିବିଲ ରିପୋର୍ଟ

# ଭାରତର ଅଧାରୁ ଅଧିକ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ହେଲେ ଯୁବବର୍ଗ

**ନୂଆଦିଲ୍ଲୀ:** ଦେଶରେ କ୍ରେଡିଟ୍‌କାର୍ଡ ବ୍ୟବହାରରେ ଏକ ବଡ଼ ପରିବର୍ତ୍ତନଦେଖିବାକୁମିଳୁଛି । ପ୍ରଥମ ଥର ପାଇଁକ୍ରେଡିଟ୍‌କାର୍ଡନେଉଥିବା (ଏନଟିସିସି) ଗ୍ରାହକଙ୍କମଧ୍ୟରୁ ୫୦ ପ୍ରତିଶତଙ୍କବୟସ ୩୦ ବର୍ଷକିମ୍ବାତା'ଠାରୁକମ୍‌ରହିଛି ।ସେଥିରୁ ୪୬ ପ୍ରତିଶତ ଅର୍ଦ୍ଧ-ସହରାଂଚଳ ଓ ଗ୍ରାମାଂଚଳରବାସିନ୍ଦା ।ଟ୍ରାନ୍ସୟୁନିଅନ୍ ସିବିଲ୍ ପକ୍ଷରୁ ପ୍ରକାଶିତ 'ବିୟଣ୍ଡ ଦ ସ୍ୱାଇପ୍ ୨୦୨୬: ହାଓଇଣ୍ଡିଆୟୁଜେସ୍‌କାର୍ଡ ଆଜ୍ ଏ କ୍ରେଡିଟ୍‌ଇନ୍‌ଷ୍ଟ୍ରୁମେଣ୍ଟ' ଶୀର୍ଷକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ରିପୋର୍ଟ ଅନୁଯାୟୀ ୨୦୨୨ ମାର୍ଚ୍ଚରେ ୪୩ ପ୍ରତିଶତ ଥିବା ୩୦ ବର୍ଷରୁ କମ୍ ବୟସର ଏନଟିସିସି ଗ୍ରାହକଙ୍କ ସଂଖ୍ୟା ୨୦୨୬ ମାର୍ଚ୍ଚସୁଦ୍ଧା ୫୦ ପ୍ରତିଶତରେ ପହଂଚିଛି ।ସେହିପରି ଅର୍ଦ୍ଧ-ସହରାଞ୍ଚଳ ଓ ଗ୍ରାମାଞ୍ଚଳରୁ ନୂଆକାର୍ଡଧାରୀଙ୍କ ଅଂଶ ୪୨ ପ୍ରତିଶତରୁ ବଢ଼ି ୪୬ ପ୍ରତିଶତ ହୋଇଛି ।ଏହା ଦର୍ଶାଉଛି ଯେ କ୍ରେଡିଟ୍ କାର୍ଡର ପହଞ୍ଚ ବର୍ତ୍ତମାନ ବଡ ସହର ବାହାରକୁ ମଧ୍ୟ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି । ଗତ ଦଶ ବର୍ଷମଧ୍ୟରେ ଦେଶର କ୍ରେଡିଟ୍‌କାଡ ବଜାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି । ୨୦୧୬ ମାର୍ଚ୍ଚରେ ୧.୪ କୋଟିକ୍ରେଡିଟ୍‌କାର୍ଡଗ୍ରାହକ ଥିବାବେଳେ ୨୦୨୬ ମାର୍ଚ୍ଚସୁଦ୍ଧାଏହା ୫.୨ କୋଟିରେ ପହଂଚିଛି, ଅର୍ଥାତ୍ ତାହା ୩.୬ ଗୁଣବୃଦ୍ଧି ପାଇଛି ।ସେହିପରି ବକେୟା କ୍ରେଡିଟ୍‌କାର୍ଡ ରାଶି ୦.୪ ଲକ୍ଷକୋଟିଟଙ୍କାରୁବଢ଼ି ୩.୧ ଲକ୍ଷକୋଟିଟଙ୍କାରେ ପହଂଚି ୮.୩ ଗୁଣବୃଦ୍ଧି ପାଇଛି ।ସକ୍ରିୟକ୍ରେଡିଟ୍‌କାର୍ଡସଂଖ୍ୟା ୨.୧ କୋଟିରୁବଢ଼ି ୧୦.୭ କୋଟିରେ ପହଂଚିଛି ।ଗ୍ରାହକ ପିଛା ହାରାହାରି ବକେୟା ରାଶି ମଧ୍ୟ ୩୧ ହଜାର ଟଙ୍କାରୁ



ବଢ଼ି ୬୫ ହଜାର ଟଙ୍କା ହୋଇଛି । ରିପୋର୍ଟରେ କୁହାଯାଇଛି ଯେ ୨୫ ପ୍ରତିଶତ ନୂଆ କ୍ରେଡିଟ କାର୍ଡଧାରୀଙ୍କ ପାଖରେ ପ୍ରଥମ କାର୍ଡନେବା ପୂର୍ବରୁତିନିକିମ୍ବାତା'ଠାରୁ ଅଧିକ ସକ୍ରିୟ ଋଣ ସୁବିଧା ଥିଲା । ଅର୍ଥାତ୍ ବର୍ତ୍ତମାନ ଅନେକ ଗ୍ରାହକଙ୍କ ପାଇଁକ୍ରେଡିଟ୍‌କାର୍ଡ ପ୍ରଥମ ଋଣ ଉତ୍ପାଦ ନୁହେଁ, ବରଂ ସେମାନଙ୍କ ପୂର୍ବରୁ ଥିବାକ୍ରେଡିଟ୍ ପୋର୍ଟଫୋଲିଓର ଏକ ଅଂଶ । ଭାରତରେ ଋଣ ସକ୍ରିୟଗ୍ରାହକଙ୍କମଧ୍ୟରେକ୍ରେଡିଟ୍‌କାର୍ଡ ପହଂଚ ଏବେ ମାତ୍ର ୨୫ ପ୍ରତିଶତ ରହିଛି ଯାହାବ୍ରିଟେନ୍ (୭୦%), କଲମ୍ବିଆ (୬୨%) ଓ ହଂକଂ (୯୮%) ତୁଳନାରେ ବହୁତ କମ୍ । ଏହାଭାରତରେକ୍ରେଡିଟ୍‌କାର୍ଡକ୍ଷେତ୍ରରେବ୍ୟାପକ ଅଭିବୃଦ୍ଧିର ସୁଯୋଗ ଥିବାକୁ ସୂଚିତ କରୁଛି ।

ଟ୍ରାନ୍ସୟୁନିଅନ୍ ସିବିଲର ଏମଡି ଓ ସିଇଓ ଭବେଶ ଜୈନ୍ କହିଛନ୍ତି ଯେ "ଗତ ଦଶ ବର୍ଷମଧ୍ୟରେ ଭାରତର କ୍ରେଡିଟ୍‌କାର୍ଡବଜାରରେ ହୋଇଥିବା ଅଭିବୃଦ୍ଧି ସହଗ୍ରାହକଙ୍କ ଋଣ ପୋର୍ଟଫୋଲିଓ ମଧ୍ୟ ଅଧିକ ବିବିଧ ଓ ସକ୍ରିୟହୋଇଛି । ଏବେ ଅନେକ ଗ୍ରାହକ କ୍ରେଡିଟ୍‌କାର୍ଡ ସହ ଛୋଟ ବ୍ୟକ୍ତିଗତ ଋଣ, କନ୍‌ସ୍ୟୁମରଡ୍ୟୁରେବଲ୍ ଋଣ ଓ ଅନ୍ୟାନ୍ୟ ସ୍ୱଳ୍ପ ମିଆଦୀ ଋଣ ଉତ୍ପାଦ ବ୍ୟବହାରକରୁଛନ୍ତି ।ଏହାଗ୍ରାହକଙ୍କ ଔପଚାରିକ ଋଣ ବ୍ୟବସ୍ଥାରବିସ୍ତାରକୁ ଦର୍ଶାଉଛି ।ତେବେଏହି ଅଭିବୃଦ୍ଧି ଯେପରି ଋଣ ପରିଶୋଧ କ୍ଷମତା ଓ ଆର୍ଥିକ ଶୃଙ୍ଖଳା ସହ ସମନ୍ୱୟ ରଖିବ ସେଥିପାଇଁ ସମସ୍ତଙ୍କ ଦାୟିତ୍ୱବଢ଼ିଛି ।" ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୧୬ରେ କେବଳକ୍ରେଡିଟ୍‌କାର୍ଡବ୍ୟବହାର କରୁଥିବାଗ୍ରାହକଙ୍କ ଅଂଶ ୫୦ ପ୍ରତିଶତ ଥିବାବେଳେ ୨୦୨୬ରେ ଏହା ୩୩ ପ୍ରତିଶତକୁହ୍ରାସ ପାଇଛି । ଅନ୍ୟପକ୍ଷରେ କ୍ରେଡିଟ୍‌କାର୍ଡସହ ଅନ୍ୟ ଉପଭୋକ୍ତା ଋଣ ବ୍ୟବହାରକରୁଥିବାଗ୍ରାହକଙ୍କ ଅଂଶ ୧୬ ପ୍ରତିଶତରୁବଢ଼ି ୩୨ ପ୍ରତିଶତହୋଇଛି ।ତିନିକିମ୍ବାତା'ଠାରୁ ଅଧିକ କ୍ରେଡିଟ୍‌କାର୍ଡରଖିଥିବାଗ୍ରାହକଙ୍କ ଅଂଶ ମଧ୍ୟ ୧୨ ପ୍ରତିଶତରୁବଢ଼ି ୨୨ ପ୍ରତିଶତରେ ପହଂଚିଛି । ଯୁବପିଢ଼ିଙ୍କମଧ୍ୟରେକ୍ରେଡିଟ୍‌ବ୍ୟବହାରର ପ୍ରବଣତା ଦ୍ରୁତଗତିରେବଢ଼ୁଥିବାରିପୋର୍ଟରେ ସ୍ପଷ୍ଟ ହୋଇଛି । ୨୦୨୪ରେ ପ୍ରଥମ କ୍ରେଡିଟ୍‌କାର୍ଡ ନେଇଥିବା ୨୪ରୁ ୩୦ ବର୍ଷବୟସର ୩୧ ପ୍ରତିଶତଜେନଜିଗ୍ରାହକଙ୍କ ପାଖରେ ପୂର୍ବରୁ ଦୁଇକିମ୍ବାତା'ଠାରୁ ଅଧିକ ଋଣ ଆକାଉଣ୍ଟ ଥିଲା । ପ୍ରଥମ ତିନିମାସରେ ୨୮ ପ୍ରତିଶତ ଜେନଜି ଗ୍ରାହକଙ୍କ ବକେୟାରାଶି ୨୫ ହଜାରଟଙ୍କାରୁ ଅଧିକ ଥିଲା । ଏଥିସହ ୬୯ ପ୍ରତିଶତ ଜେନଜିଗ୍ରାହକ ପ୍ରଥମ କାର୍ଡ ପାଇବାର ଏକ ବର୍ଷମଧ୍ୟରେ ଆଉ ଏକ ନୂଆ ଋଣ ଉତ୍ପାଦ ଗ୍ରହଣକରିଥିଲେ ।

# ଦିନିକିଆ ଶୃଙ୍ଖଳା ପାଇଁ ରୋହିତଙ୍କ ଜୋରଦାର ଅଭ୍ୟାସ

ଲଣ୍ଡନ, ୯।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ପାଇଁ ରୋହିତ ଶର୍ମା ଜୋରଦାର ଅଭ୍ୟାସ ଆରମ୍ଭ କରିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଗାମୀ ୧୪ ତାରିଖରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ। ଏହି ଶୃଙ୍ଖଳା ପୂର୍ବରୁ ପ୍ରତିକୂଳ ପରିବେଶରେ ନିଜକୁ ଖାପ ଖୁଆଇବା ଲାଗି ରୋହିତ ଲଣ୍ଡନରେ ଜୋରଦାର ଅଭ୍ୟାସ ଆରମ୍ଭ କରିଛନ୍ତି। ସ୍ଥାନୀୟ କ୍ଲବ, ବୋଲର ଓ ଅନ୍ତରଙ୍ଗ ସାଥୀଙ୍କ ସହ ରୋହିତ ଅଭ୍ୟାସ କରୁଥିବା ଫଟୋ ଓ ଭିଡ଼ିଓ ଭାଇରାଲ ହୋଇଛି। ବର୍ମିଂହାମରେ ଭାରତୀୟ ଦଳ ଯୋଗଦେବା ପୂର୍ବରୁ ରୋହିତ ସ୍ଲୋ କ୍ରିକେଟ କ୍ଲବ ଏବଂ ବ୍ଲୋଣ୍ଡିନ ପାର୍କ ନିକଟସ୍ଥ ସ୍ୱିନକେମ୍ବ କ୍ରିକେଟ କ୍ଲବରେ ପ୍ରସ୍ତୁତି କରିଛନ୍ତି। ଇଂଲଣ୍ଡରେ ରୋହିତଙ୍କ ରେକର୍ଡ ଭଲ ରହିଛି। ସେ ୨୭ଟି ମ୍ୟାଚ ଖେଳି ୭ଟି ଶତକ ସହ ୧୪୨୮ ରନ୍ କରିଛନ୍ତି। ଯାହା ଭ୍ରମଣକାରୀ ବ୍ୟାଟର ଭାବେ ସର୍ବାଧିକ। ଆଫଗାନିସ୍ତାନ ଦିନିକିଆ ପୂର୍ବରୁ ମାଂସପେଶୀ ସମସ୍ୟା ପାଇଁ ରୋହିତ କ୍ରିକେଟରୁ ଦୂରେଇ ରହିଥିଲେ। ଟି-୨୦ ଶୃଙ୍ଖଳା ପରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ ଯଥାକ୍ରମେ ୧୪ରେ ବର୍ମିଂହାମ, ୧୬ରେ କାର୍ଡିଫ ଏବଂ ୧୯ରେ ଲଣ୍ଡନରେ ଶେଷ ମ୍ୟାଚ ଖେଳାଯିବ।




ୱିମ୍ବଲଡନ

# ଫାଇନାଲରେ ମୁଚୋଭା

ଲଣ୍ଡନ, ୯।୭ (ଏଜେନ୍ସି): ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଶେଷ ପର୍ଯ୍ୟନ୍ତ ପହଞ୍ଚିଛି। ମହିଳା ସିଙ୍ଗଲ୍ସ ବର୍ଗରେ ଚେକ ଗଣରାଜ୍ୟର ପେସାଦାର ଖେଳାଳି କାରୋଲିନା ମୁଚୋଭା ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଂରେ ନଂ.୮ ସ୍ଥାନରେ ଥିବା ମୁଚୋଭା ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଗ୍ରାଣ୍ଡସ୍ଲାମ ଟାଇଟଲ ହାତେଇ ପାରିନାହାନ୍ତି। ତେଣୁ ତାଙ୍କ ନିକଟରେ ୱିମ୍ବଲଡନ ଟାଇଟଲ ଜିତି ଗ୍ରାଣ୍ଡସ୍ଲାମ ମରୁଡିରେ ପୂର୍ଣ୍ଣଚ୍ଛେଦ ପକାଇବାର ସୁବର୍ଣ୍ଣ ସୁଯୋଗ ରହିଛି। ୪ଟି ଯାକ ଗ୍ରାଣ୍ଡସ୍ଲାମରେ ମୁଚୋଭା ଭଲ ପ୍ରଦର୍ଶନ ଦେଖାଇଛନ୍ତି। ୨୦୨୧ ଅଷ୍ଟ୍ରେଲିଆନ ଓପନରେ ସେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ। ୨୦୨୩ରେ ଫ୍ରେଞ୍ଚ ଓପନରେ ରନର୍ସ ଅପ୍ ତଥା ୨୦୨୩ ଓ ୨୦୨୪ରେ ୟୁଏସ ଓପନ ସେମିଫାଇନାଲ ଖେଳିଥିଲେ। ସେ ପ୍ରଥମଥର ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ମୁଚୋଭା ଏବଂ ଆମେରିକାର କୋକୋ ଗଫଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଏହି ମ୍ୟାଚରେ ମୁଚୋଭା ୬-୨, ୧-୬, ୭-୬ ସେଟରେ ଗଫଙ୍କୁ ହରାଇଥିଲେ। ବିଶ୍ୱ ଡବ୍ଲ୍ୟୁଟିଏ ମାନ୍ୟତାର ନଂ.୨ରେ ଥିବା ଗଫ ପରାଜିତ ହୋଇ ଟାଇଟଲ ଅଭିଯାନ ଶେଷ କରିଛନ୍ତି। ଟାଇଟଲ ଲଢ଼େଇରେ କୋଷ୍ଟ ୟୁକ ଏବଂ ନୋସକୋଭାଙ୍କ ମଧ୍ୟରୁ ବିଜେତାକୁ ମୁଚୋଭା ଭେଟିବେ। ଶନିବାର ସେଣ୍ଟର କୋର୍ଟରେ ଟାଇଟଲ ଲଢ଼େଇ ହେବ।

ସେହିଭଳି ପୁରୁଷ ବର୍ଗର ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଆର୍ଥର ଫେରି ଏବଂ ଆଲେକ୍ସଜାଣ୍ଡର ଭିର୍ଭଙ୍କ ମଧ୍ୟରେ ପ୍ରଥମ ସେମିଫାଇନାଲ ତଥା ଜାନିକ ସିନର ଓ ନୋଭାକ ଜୋକୋଭିକଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ଖେଳାଯିବ। ଦୁଇ ସେମିଫାଇନାଲ ବିଜେତାଙ୍କ ମଧ୍ୟରେ ରବିବାର ଟାଇଟଲ ଲଢ଼େଇ ହେବ।




# ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ପକ୍ଷରୁ ଯୁବ କ୍ରୀଡାବିତ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୯।୭ (ସବ୍ୟୁ): ଭୁବନେଶ୍ୱରର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ପକ୍ଷରୁ ଯୁବ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୀର୍ଘ ବର୍ଷ ହେବ କ୍ରୀଡାକ୍ଷେତ୍ରରେ ଏହା କାର୍ଯ୍ୟ କରିଆସୁଥିବା ବେଳେ ଅନେକ କୃତି ପ୍ରତିଯୋଗୀଙ୍କୁ ବଢ଼ିବାର ନୂଆ ଆଶା ଦେଖାଇଛି। ଏହି ଅବସରରେ ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ ଖୁବ୍ ଆଡମ୍ବର ସହକାରେ ପାଳନ କରାଯାଇଛି। ଭୁବନେଶ୍ୱରର ପୋଖରୀପୁଟ ସ୍ଥିତ ପାର୍କ ଲ୍ୟାଣ୍ଡ ରିସର୍ଟ ଠାରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଏକାଠି ହୋଇ ବାର୍ଷିକ ଉତ୍ସବ ପାଳନ କରିଛନ୍ତି। ଏଥିସହିତ କ୍ରୀଡାକ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଆସୁଥିବା କିଛି କ୍ରୀଡାବିତଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଛି। ବିଶେଷକରି ୧୬ ବର୍ଷରୁ କମ ବର୍ଗର କ୍ରିକେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଆଗାମୀ ସମୟରେ ସବୁ ବିଭାଗର କ୍ରୀଡାରେ ସଫଳତା ଅର୍ଜନ କରୁଥିବା କ୍ରୀଡାବିତଙ୍କୁ ସହଯୋଗର ହାତ ବଢ଼ାଇ ସେମାନଙ୍କୁ ନୂଆ ଆଶା ସେବାକ୍ଷେତ୍ରରେ କାର୍ଯ୍ୟ କରିବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ଅକ୍ଷୟ ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟର ତଥା କୋଚ ରଶ୍ମି ରଞ୍ଜନ ପରିଡା, ଦୀପକ ମଙ୍ଗରାଜ, କ୍ରିକେଟ କୋଚ୍ କ୍ଷୀରୋଦ ବେହେରା, ମନୋଜ ବିଶ୍ୱାଳ, ତୋଫାନ ସାମନ୍ତରାୟ, କାଜଲ ବଳିଆରସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ।



# କୈଫଙ୍କ ଅସନ୍ତୋଷ: ଶ୍ରେୟାସ, ତିଲକଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବା କଥା ନୁହେଁ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଲଗାତାର ୧୬ଟି ଟି-୨୦ ମ୍ୟାଚ ଜିତିଥିବା ବେଳେ ଶ୍ରେୟାସ ଆୟରଙ୍କ ନେତୃତ୍ୱରେ ହାରିବା ଧାରା ଜାରି ରହିଛି। ଆୟରଲାଣ୍ଡ ନିକଟରୁ ଭାରତ ୨-୦ରେ ଶୃଙ୍ଖଳା ହାରିଥିଲା। ପୁଣି ଇଂଲଣ୍ଡ ନିକଟରୁ ଦୁଇଟି ମ୍ୟାଚ ହାରିଛି। ତେଣୁ ଆୟରଙ୍କ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ କଥା। ଭାରତର ପୂର୍ବତନ କ୍ରିକେଟର ମହମ୍ମଦ କୈଫ ନିଜର ପ୍ରତିକ୍ରିୟା ରଖିଛନ୍ତି। ଟି-୨୦ ଦଳର ନେତୃତ୍ୱ ଚୟନକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକ ୟୁଟ୍ୟୁବ ଚ୍ୟାନେଲରେ ଆଲୋଚନା ବେଳେ କୈଫ କହିଛନ୍ତି। ଯେ, ଶ୍ରେୟାସ ଆୟରଙ୍କ ଅଧିନାୟକ ଏବଂ ତିଲକ ବର୍ମାଙ୍କ ନିଷ୍ପତ୍ତି ଠିକ ହୋଇନି। ଏହି ଦୁଇ ବ୍ୟାଟର ପ୍ରତ୍ୟେକ ମ୍ୟାଚର ପ୍ଲେଇ-୧୧ରେ ନିଶ୍ଚିତ ସ୍ଥାନ ପାଇବାର ଯୋଗ୍ୟ, ନଥିଲେ ମଧ୍ୟ ସେମାନଙ୍କୁ ନେତୃତ୍ୱ ଦିଆଯାଇଛି ବୋଲି କୈଫ କହିଛନ୍ତି। ତିଲକ ବର୍ମଙ୍କ ଚୟନକୁ ୫୦/୫୦ ବୋଲି ମୁଁ ଭାବୁଛି। ଅଧିନାୟକ ଓ ଉପଅଧିନାୟକ କରିଦେବା ପରେ ଦଳ ପରିଚାଳନା ପାଖରେ ଆଉ କୌଣସି ଫ୍ଲେକ୍ସିବିଲିଟି ରହୁନାହିଁ ବୋଲି ସେ କହିଛନ୍ତି। ଆପଣ ଏମିତି ଦୁଇ ଖେଳାଳିଙ୍କୁ ଅଧିନାୟକ ଓ ଉପଅଧିନାୟକ କରିଛନ୍ତି ଯେଉଁମାନେ ବୋଧ ହୁଏ ପ୍ରତ୍ୟେକ ମ୍ୟାଚରେ ପ୍ଲେଇ-୧୧ର ନିଶ୍ଚିତ ସ୍ଥାନ ପାଇବାର ଯୋଗ୍ୟ ନୁହଁନ୍ତି। ତିଳକ ଭଲ ଖେଳିଛନ୍ତି ଏହାକୁ ମୁଁ ଅସ୍ୱୀକାର କରୁନାହିଁ। କିନ୍ତୁ ସମସ୍ୟା ହେଉଛି ଏବେ ଆପଣଙ୍କ ପାଖରେ ଦାୟିତ୍ୱ ମିଳିବା ପରେ ଖେଳର ଗୁଣବର୍ତ୍ତା କମି ଯାଇଛି। ପ୍ରଦର୍ଶନ ନଥାଇ ମଧ୍ୟ ପଦପଦବୀ ଯୋଗୁଁ ସେମାନଙ୍କୁ ଦଳରୁ ବାଦ ଦେବା ସମ୍ଭବ ହୁଏ ନାହିଁ। ଏହି କାରଣରୁ ବାରମ୍ବାର ସଞ୍ଜୁ ସାମସନଙ୍କୁ ବାଦ ଦେଉଛନ୍ତି। ଶ୍ରେୟାସଙ୍କୁ ଅଧିନାୟକ କରିଥିବା ଲୋକଙ୍କୁ ପ୍ରଶ୍ନ କରାଯିବା ଉଚିତ। ଭାରତୀୟ କ୍ରିକେଟ ଇତିହାସରେ କେବେ ଏମିତି ଘଟିଛି ଯେ, ଜଣେ ଖେଳାଳି ଟି-୨୦ ଦଳରେ ନଥାଇ ବୋଲି ଦଳକୁ ଅଧିନାୟକ ହୋଇ ଫେରିଛନ୍ତି। ଏକଥା ତାଙ୍କ ହେତୁରେ ନାହିଁ ବୋଲି କୈଫ କହିଛନ୍ତି। ସେଥିପାଇଁ ମୁଁ ଭାବୁଛି ସଞ୍ଜୁଙ୍କୁ ବାଦ ଦେବା ଏବଂ ବହୁତ ବଡ଼ ନିଷ୍ପତ୍ତି ଥିଲା। ଏହି ପରିସ୍ଥିତିକୁ ଅନ୍ୟ ଉପାୟରେ ସମ୍ଭାଳି ହୋଇପାରିଥାନ୍ତା। ଯଦି ଶ୍ରେୟାସ ଆୟର ଅଧିନାୟକ ହୋଇନଥାନ୍ତେ ତେବେ ତାଙ୍କୁ କୁହାଯାଇପାରିଥାନ୍ତା ଆପଣ ଭଲ ଖେଳିଛନ୍ତି, ଦଳକୁ ଫେରିବାର ଅଧିକାର ଆଶା କରିଛନ୍ତି। କିନ୍ତୁ ବର୍ତ୍ତମାନ ଚୂଡାନ୍ତ ଏକାଦଶରେ ସ୍ଥାନ ନାହିଁ, ସୁଯୋଗକୁ ଅପେକ୍ଷା କରନ୍ତୁ ଦଳ ସହ ରୁହନ୍ତୁ। ପ୍ରଥମେ ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ ଏବଂ ସଞ୍ଜୁ ସାମସନଙ୍କୁ ସୁଯୋଗ ଦିଆଯିବା ଉଚିତ। ଚଳିତ ଭାରତ-ଇଂଲଣ୍ଡ ଟି-୨୦ ଶୃଙ୍ଖଳାରେ ଶ୍ରେୟାସ ଆୟର ଏପର୍ଯ୍ୟନ୍ତ ୧୧୦ ରନ୍ ସଂଗ୍ରହ କରିଥିବା ବେଳେ ତିଲକ ବର୍ମା ୪୦ ରନ୍ କରିଛନ୍ତି। ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାର ଚତୁର୍ଥ ଟି-୨୦ ଦୁଇ ଖେଳାଳି ଅଧିନାୟକ ଓ ଉପଅଧିନାୟକ ଭାବେ ଦଳର ନେତୃତ୍ୱ ନେବେ।

# ଏମବାପେ-ଆମାରିଲା ବିବାଦ ତୀବ୍ର



ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ଫ୍ରାନ୍ସର ତାରକା ଫୁଟବଲର କିଲିଆନ ଏମ୍ବାପେ ଏବଂ ପାରାଗୁଏ ସେନାଟର ସେଲେଷ୍ଟି ଆମାରିଲାଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ଚଳିତ ଫିଫା ବିଶ୍ୱକପକୁ ପାରାଗୁଏକୁ ୧-୦ ଗୋଲରେ ଫ୍ରାନ୍ସ ହରାଇବା ପରେ ବିବାଦ ଆରମ୍ଭ ହୋଇଥିଲା। ବୁଧବାର ସିନେଟରେ ଆମାରିଲା କଠୋର ଭାଷାରେ ଏମ୍ବାପେଙ୍କୁ ସମାଲୋଚନା କରିବା ପରେ ଏହା ଆହୁରି ତୀବ୍ର ରୂପ ନେଇଛି। ପାରାଗୁଏର ଆଣ୍ଟେଟିକ ରାଡିକାଲ ଲିବେରାଲ ପାର୍ଟି ସଦସ୍ୟ ଆମରିଲା ଅଭିଯୋଗ କରିଛନ୍ତି ଯେ, ପାରାଗୁଏର ପରାଜୟ ପରେ ଗଭୀର ଭାବେ ଜାତିଗତ ଅପମାନ କରାଯାଇଥିଲା। ବିଶେଷକରି ଏମ୍ବାପେଙ୍କ ବ୍ୟବହାର ଜଣେ ଫରାସୀ ଭଳି ନଥିଲା। ପୂର୍ବରୁ ଆମାରିଲା ତାଙ୍କ ଟ୍ୱିଟର ଆକାଉଣ୍ଟରେ ପୋଷ୍ଟ କରିଥିଲେ ଯେ, ଖରାପ ଆଚରଣ ପାଇଁ ଏମ୍ବାପେ କ୍ଷମା ମାଗନ୍ତୁ। ନଚେତ ତାଙ୍କୁ ପରିଣାମ ଭୋଗିବାକୁ ପଡିବ। ପଡିଆ ବାହାରେ ଏଭଳି ଉଭୟଙ୍କ ମଧ୍ୟରେ ବିବାଦ ଚାଲିଥିଲା ବେଳେ ଫ୍ରାନ୍ସ ମୁଖ୍ୟ ପ୍ରଶିକ୍ଷକ ଡିଡିଆର ଡେସଚାମ୍ପ କହିଛନ୍ତି ଯେ, ଏହା ମରକୋ ବିପକ୍ଷ କ୍ୱାର୍ଟରଫାଇନାଲରେ ଏମ୍ବାପେଙ୍କ ଉପରେ କୌଣସି ପ୍ରଭାବ ପକାଇବା ନାହିଁ। ଏଲିଆନ ମାନସିକ ଭାବେ ଭଲ ଅଛନ୍ତି। ସେ ମ୍ୟାଚ ପାଇଁ ପୂରା ପ୍ରସ୍ତୁତ ଅଛନ୍ତି।

# ୩୬ ବର୍ଷ ପରେ ୱିମ୍ବଲଡନ କ୍ୱାର୍ଟରରେ ଭାରତୀୟ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ଭାରତର ଯୁବ ଖେଳାଳି ଅର୍ଣ୍ଣବ ପାପରକର ଭାରତ ପାଇଁ ୱିମ୍ବଲଡନ ଟେନିସରେ ଐତିହାସିକ ସଫଳତା ହାସଲ କରିଛନ୍ତି। ଜୁନିୟର ବାଳକ ବିଭାଗରେ ସେ ଜାପାନର ୟୋ ତବାତାଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୧୯୯୦ରେ ଲିଆଣ୍ଡର ପେସ ଟାଇଟଲ ହାସଲ କରି ଭାରତକୁ ଗୌରବାନ୍ୱିତ କରିଥିଲେ। ଅର୍ଣ୍ଣବ ପ୍ରଥମ ସେଟକୁ ୬-୨ରେ ଜିତିଥିଲେ। ତାବାତା ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନଥିଲେ। ୬-୨ରେ ଦ୍ୱିତୀୟ ସେଟକୁ ଜିତିବା ସହ ସେ ମ୍ୟାଚକୁ ନିଜ ନାଁରେ କରିଥିଲେ। କ୍ୱାର୍ଟରରେ ସେ ଆମେରିକାର ଜୋର୍ଡାନ ଲିଙ୍କୁ ଭେଟିବେ। ସେ ଭାରତର ଚତୁର୍ଥ ଖେଳାଳି ଭାବେ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ରାମନାଥନ କ୍ରିଷ୍ଣନ, ଲିଆଣ୍ଡର ପେସ ଓ ରମେଶ କ୍ରିଷ୍ଣାନ କ୍ୱାର୍ଟରରେ ପ୍ରବେଶ କରିଥିଲେ। ୨୦୦୯ ୟୁକେ ଭାମ୍ବ୍ରି ଜୁନିୟର ୟୁଏସ ଓପନ କ୍ୱାର୍ଟରରେ ପ୍ରବେଶ କରିଥିଲେ। ୧୪ ବର୍ଷରୁ କମ ଅଷ୍ଟ୍ରେଲିଆ ଓପନ ଏଲିଟି ଟ୍ରଫି ହାସଲ କରିଥିଲେ। ସେହି ବର୍ଷ ୧୬ ବର୍ଷରୁ କମ ଜାତୀୟ ଟାଇଟଲ ମଧ୍ୟ ଜିତିଥିଲେ।



# ବେଲଜିୟମ ଗସ୍ତ: ଜୁନିୟର ଭାରତୀୟ ଦଳରେ ଓଡ଼ିଶା ନାଭାଲ ଟାଟା ହକି ଏଚପିସିର ୭

ଭୁବନେଶ୍ୱର, ୯।୭ (ସବ୍ୟୁ): ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଏନଟିଏଚ୍ଏଚପିସି)କୁ ଆଉ ଏକ ବଡ଼ ସଫଳତା ମିଳିଛି। ବେଲଜିୟମ ଗସ୍ତ ପାଇଁ ମନୋନିତ ହୋଇଥିବା ଜୁନିୟର ଭାରତୀୟ ପୁରୁଷ ହକି ଦଳରେ ଓଏନଟିଏଚ୍ଏଚପିସିର ୭ ଜଣ କ୍ୟାଡେଟ୍ ସାମିଲ ହୋଇଛନ୍ତି। ଜୁଲାଇ ୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ ଅନୁଷ୍ଠିତ ହେବ। ଓଡ଼ିଶା ନାଭାଲ ଟାଟା ହକି ଏକାଡେମୀର ପ୍ରତିଭାବାନ ଖେଳାଳି ଅନମୋଲ ଏକ୍କା ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ଅନମୋଲଙ୍କ ସମେତ ସେଣ୍ଟରର ଅନ୍ୟ ୬ ଜଣ କ୍ୟାଡେଟ୍ ବିବେକ ଲାକ୍ରା, ରୋହିତ କୁଲୁ, ଅଦ୍ରୋହିତ ଏକ୍କା, ସଞ୍ଜିତ ତିର୍କୀ, ଆର୍ଯ୍ୟନ ଖେସ ଏବଂ ମୁକେଶ ଟପ୍ପୋ ଏହି ଟିମରେ ସାମିଲ ହୋଇଛନ୍ତି। ଓଡ଼ିଶା ସରକାର, ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ସହଭାଗିତାରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଆଜି ଦେଶର ଅଗ୍ରଣୀ ହକି ବିକାଶ ଏକାଡେମୀ ଭାବେ ପରିଚୟ ସୃଷ୍ଟି କରିଛି। ଏଚପିସିର ୭ ଜଣ ଖେଳାଳି ଜାତୀୟ ଦଳ ପାଇଁ ମନୋନୀତ ହେବା ଓଏନଟିଏଚ୍ଏଚପିସିର ଏକ ଉଲ୍ଲେଖନୀୟ ସଫଳତା। ଏଠାରେ ଯୁବ ଆଥଲେଟ୍ମାନଙ୍କୁ ବିଶ୍ୱସ୍ତରୀୟ କୋଚିଂ, ବୈଜ୍ଞାନିକ ପ୍ରଶିକ୍ଷଣ ପଦ୍ଧତି ଏବଂ ହାଇ-ପରଫର୍ମାନ୍ସ ଇକୋସିଷ୍ଟମ ପ୍ରଦାନ କରାଯାଉଛି। ଯାହା ଏଠାକାର କ୍ୟାଡେଟଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି।

ଏହି ବେଲଜିୟମ ଗସ୍ତ, ଜୁନିୟର ଭାରତୀୟ ପୁରୁଷ ଦଳକୁ ୟୁରୋପୀୟ ଖେଳାଳୀଙ୍କ ବିପକ୍ଷରେ ଖେଳିବାର ସୁଯୋଗ ଦେବା ସହ ଆଗାମୀ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତ କରିବ। ଜାତୀୟ ଟିମରେ ମନୋନିତ ସମସ୍ତ ଖେଳାଳିଙ୍କୁ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର ପକ୍ଷରୁ ଶୁଭେଚ୍ଛା ଜଣାଯିବା ସହ ଭାରତୀୟ ଟିମର ବିଜୟ କାମନା କରାଯାଇଛି।




ସୂଚନା
BHIM
SCAN & PAY
ASHIRBAD PRAKASHAN PVT.LTD.

# ୨୫ରୁ କିଟରେ ଓଡ଼ିଶା ରାଜ୍ୟ ସିନିୟର ଫିଡେ ରେଟିଂ ଚେସ

ଭୁବନେଶ୍ୱର, ୯।୭ (ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ସ୍ଥିତ ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ ହଲରେ ଚଳିତ ମାସ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ୬୬ତମ ଓଡ଼ିଶା ରାଜ୍ୟ ସିନିୟର ଫିଡେ ରେଟିଂ ଚେସ ପ୍ରତିଯୋଗିତା ଆୟୋଜିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ଏବଂ କିଟର ସହଯୋଗରେ ଏହି ୫ ଦିନିଆ ପ୍ରତିଯୋଗିତା ୯୦ ମିନିଟ୍ ୩୦ ସେକେଣ୍ଡ ଇନକ୍ରିମେଣ୍ଟରେ ମୋଟ୍ ୯ ରାଉଣ୍ଡ ଭିତ୍ତିକ ଖେଳ ହେବ। ଏଥିରେ ରାଜ୍ୟର ଯେକୌଣସି ଖେଳାଳି ୯୯୦ ଟଙ୍କା ପ୍ରବେଶିକ ଦେୟ ଦେଇ ପ୍ରତିଯୋଗିତାରେ ସିଧାସଳଖ ଅଂଶଗ୍ରହଣ କରିପାରିବେ। ଉନ୍ନତ ପ୍ରଦର୍ଶନ କରିଥିବା ଖେଳାଳିମାନେ ଜାତୀୟ ଚେସକୁ ମନୋନୀତ ହେବା ସହ ଏଥିରେ ଅନ୍ତର୍ଜାତୀୟ ଫିଡେରେଟିଂ ପାଇବାର ସୁଯୋଗ ହାସଲ କରିବେ। ଏହି ପ୍ରତିଯୋଗିତାରେ ମୋଟ୍ ୧ ଲକ୍ଷ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏତଦବ୍ୟତୀତ ଆକର୍ଷଣୀୟ ଟ୍ରଫି ସହ ଚାମ୍ପିଅନଙ୍କୁ ୨୦ ହଜାର, ରନର୍ସ ଅପ୍ ୧୫ ହଜାର, ତୃତୀୟ ସ୍ଥାନ ୧୦ ହଜାର ଟଙ୍କା ସହ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ ବୋଲି ରାଜ୍ୟ ଚେସ ସଂଘ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହାଛଡା ଶ୍ରେଷ୍ଠ ୧୫ ଜଣ ଖେଳାଳିଙ୍କୁ ନଗଦ ଅର୍ଥ ସହ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ ଶ୍ରେଷ୍ଠ ୫ ଜଣ ବାଳକ ଓ ବାଳିକାଙ୍କୁ ଅର୍ଥ ଓ ଆକର୍ଷଣୀୟ ଟ୍ରଫି ତଥା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ସିନିୟର ସାର୍ଟିଫିକେଟ ପ୍ରଦାନ କରାଯିବ। ପ୍ରତିଯୋଗିତାରେ ଶ୍ରେଷ୍ଠ ଭେଟେରାନ ୨ ଜଣ, ମହିଳାରେ ୨ ଜଣ, ଶ୍ରେଷ୍ଠ ଭିନ୍ନକ୍ଷମ ଓ ଭାଗ ନେଇଥିବା ଶ୍ରେଷ୍ଠ ୧୦ ଜଣ ଅଣରେଟେଡ ଖେଳାଳିଙ୍କୁ ମଧ୍ୟ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତାରେ ଶ୍ରେଷ୍ଠ ୪ ଜଣ ଖେଳାଳି ଡିସେମ୍ବର ୨୮ରୁ ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ବାରଣାସୀରେ ହେବାକୁଥିବା ୬୩ତମ ଜାତୀୟ ସିନିୟର ଚେସ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ସମ୍ପର୍କରେ ଅଧିକ ସୂଚନା ପାଇଁ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି (୯୯୩୭୮୮୬୩୭୨) ଏବଂ ଗୌର ହରି ପାତ୍ର (୭୩୭୭୯୯୫୫୮୩)ଙ୍କ ସହ ଯୋଗାଯୋଗ କରିବା ପାଇଁ ରାଜ୍ୟ ଚେସ ସଂଘ ତରଫରୁ ଅନୁରୋଧ କରାଯାଇଛି।

## ▸▸ ଏମଜିଏମ ଫାଓ ଲିଗ୍

# ରାଧାରମଣ କ୍ଲବ ବିଜୟୀ

ଭୁବନେଶ୍ୱର, ୯।୭ (ସବ୍ୟୁ): ଏମଜିଏମ ଫାଓ ଲିଗର ଅଷ୍ଟମ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚରେ ରାଧାରମଣ କ୍ଲବ ୪-୧ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇଥିବା ବେଳେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ଓ ଗାଲାଣ୍ଟ କ୍ଲବ୍ ମଧ୍ୟରେ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାର ୧୫ତମ ମ୍ୟାଚରେ ରାଧାରମଣ କ୍ଲବ ଓ ବିଡାନାସୀ କ୍ଲବ ଭେଟାଭେଟି ହୋଇଥିଲେ। ରାଧାରମଣ ପକ୍ଷରୁ ୨୦ତମ ମିନିଟରେ ବିନୟ କିଷାନ, ୨୯ତମ ମିନିଟରେ ଜିତୁ ମୁଦୁଲି, ୩୧ ତମ ମିନିଟରେ ସିଜାସ ଟୋପ୍ପୋ ଏବଂ ୯୫ତମ ମିନିଟରେ ବିକ୍ରମ ମାଝୀ ଗୋଲ କରିଥିଲେ। ବିଡ଼ାନାସୀର ରାଜେଶ କୁମାର ନାୟକ ୩୬ତମ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଇଣ୍ଡିପେଣ୍ଡଣ୍ଟକୁ ଭେଟିଥିଲା ଗାଲାଣ୍ଟ। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୧-୧ ଗୋଲରେ ଡ୍ର ହୋଇଛି। ଇଣ୍ଡିପେଣ୍ଡଣ୍ଟ ପକ୍ଷରୁ ୪୭ତମ ମିନିଟରେ ଛୁଟୁ ମୁର୍ମୁ ତଥା ଗାଲାଣ୍ଟର ଅଭିନାଶ ସାମଲ ୮୯ତମ ମିନିଟରେ ଗୋଲ ଦେଇଥିଲେ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି